## ମାନସିକ ରୋଗ ଯାଞ୍ଚ ଓ ଚିକିତ୍ସା ଶିବିର

ପାଟଣାଗଡ,(ସଚ୍ଚିଦାନନ୍ଦ ମହାକୁର): ବଲାଙ୍ଗୀର ଜିଲା ପାଟଣଗଡ ବ୍ଲକ ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନସିକ ରୋଗ ଯାଞ୍ଚ ଓ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀରରୁ ମାନସିକ ରୋଗ ବିଶେଷଜ୍ଞମାନେ ଏହି ଶିବିରକୁ ଆସି ରୋଗୀମାନଙ୍କୁ ଚିହ୍ନଟ କରିବା ସହିତ ଔଷଧ ବଣ୍ଟନ କରିଥିଲେ। ରୋଗୀମାନେ କିପରି ଔଷଧ ପାଇଁ ହଇରାଣ ନ ହେବେ ସେଥିପାଇଁ ଜିଲା ମେଣ୍ଟାଲ ହେଲଥ୍ ପ୍ରୋଗ୍ରାମ ନୋଡାଲ ଅଫିସର ଡ଼. ସୁଖଶ୍ୟାମ ତ୍ରିପାଠୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ସିଏଚଓ ମାନଙ୍କୁ ତାଲିମ ଦେଇଥିଲେ। ଏଥିସହିତ ଔଷଧ ନେଇ କିପରି ଦେବେ ସେ ସମ୍ପର୍କରେ ବିଶେଷ ଆଲୋଚନା କରିଥିଲେ। ଘସିଏନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।



# ସରକାରଙ୍କ ପ୍ରତି ନିଷ୍ପତ୍ତିରେ ରହିଛି ଓଡ଼ିଆ ଅସ୍ମିତା: ସ୍ୱାସ୍ଥ୍ୟମନ୍ତ୍ରୀ

**ବଲାଙ୍ଗୀର,୨୧।୯(ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି ଓ ବିଭିନ୍ନ ଯୋଜନାର ହିତାଧିକାରୀ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ଓଡିଶା ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରରେ ଶନିବାର ବଲାଙ୍ଗୀର ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ ହୋଇଛି। ପଥରଚେପା ପଡିଆରେ ଅନୁଷ୍ଠିତ ଜିଲାସ୍ତରୀୟ ବିକାଶ ମେଳାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଓ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିଥିଲେ। ଗତ ୧୦୦ ଦିନ ମଧ୍ୟରେ ରାଜ୍ୟ ସରକାର ଓଡିଶାବାସୀଙ୍କୁ ଯାହା ପ୍ରତିଶ୍ରୁତି ଦେଇଥିଲେ ତାହା ଗୋଟିଏ ପରେ ଗୋଟିଏ ପୂରଣ କରିଚାଲିଛନ୍ତି ବୋଲି କହିଥିଲେ। ଏପରି କି ନୂଆ ସରକାରଙ୍କ ପ୍ରତିଟି ନିଷ୍ପତ୍ତିରେ ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଏବଂ ନବଜାଗରଣର ସୁବର୍ଣ୍ଣ ସ୍ପର୍ଶ ରହିଛି ବୋଲି ସେ କହିଥିଲେ। ଆଗାମୀ ଦିନରେ ସରକାର ଅନ୍ୟ ଯାହା ବି ପ୍ରତିଶ୍ରୁତି ଦେଇଥିଲେ ତାହା ପୂରଣ କରିବେ ବୋଲି ସେ କହିଥିଲେ। ନୂଆ ସରକାର ଶ୍ରୀମନ୍ଦିରର ୪ ଦ୍ୱାର ଖୋଲିବା ସହ ରତ୍ନଭଣ୍ଡାର ଖୋଲିଛନ୍ତି। ଶ୍ରୀମନ୍ଦିର ପାଇଁ ୫ଶହ କୋଟିର କର୍ପସ ଫଣ୍ଡ ବ୍ୟବସ୍ଥା କରିଛନ୍ତି। ସୁଭଦ୍ରା ଯୋଜନା ଆରମ୍ଭ କରି ମହିଳାଙ୍କୁ ସ୍ୱାବଲମ୍ବୀ ହେବାର ରାସ୍ତା ଦେଖାଇଛନ୍ତି। ବଲାଙ୍ଗୀର ଜିଲାରେ ଏଥିପାଇଁ ତିନି ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ପଞ୍ଜୀକୃତ କରିଛନ୍ତି ବୋଲି ସେ ଉଲ୍ଲେଖ କରିଥିଲେ। ଡାକ୍ତର ଅଭାବ ସମସ୍ୟା ସମାଧାନ ପାଇଁ ବଜେଟରେ ବ୍ୟୟ ବରାଦ କରାଯାଇଛି। ଚାଷ ଏବଂ ଚାଷୀର ଉନ୍ନତି ପାଇଁ ଧାନର ମୂଲ୍ୟକୁ ୩୧ଶହ ଟଙ୍କାକୁ ବର୍ଦ୍ଧିତ କରାଯିବାକୁ ନିଷ୍ପତ୍ତି ହୋଇଛି। ଧାନ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଟଙ୍କା ସିଧା ଚାଷୀଙ୍କ ଖାତାକୁ ଯିବ। ଆଳୁ ମିଶନକୁ ଗତିଶୀଳ କରି ପ୍ରତି ଉପଖଣ୍ଡରେ ଶୀତଳ ଭଣ୍ଡାର ଖୋଲାଯିବ। ପିଏମ କିଷାନ ସହ ଏବେ ସିଏମ କିଷାନରେ ଚାଷୀଙ୍କୁ ସହାୟତା ଦିଆଯାଉଛି। ସେହିଭଳି ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଓଡିଶାରେ ଲାଗୁ ହେବ। ରାଜ୍ୟର ପ୍ରାୟ ଏକ କୋଟି ପରିବାର ସଦସ୍ୟ ଦେଶର ୨୭ ହଜାରରୁ ଉର୍ଦ୍ଧ୍ୱ ହସ୍ପିଟାଲରେ ନିଃଶୁଳ୍କ ଚିକିତ୍ସା ପାଇବେ। ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ମଧ୍ୟ ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନାରେ ୫ ହଜାର ଟଙ୍କାର ଆର୍ଥିକ ପ୍ରୋତ୍ସାହନ କରାଯାଉଛି ବୋଲି ମନ୍ତ୍ରୀ ଡ଼. ମହାଲିଙ୍ଗ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବଲାଙ୍ଗୀର ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ଟିଟିଲାଗଡ ବିଧାୟକ ନବୀନ କୁମାର ଜୈନ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇଥିଲେ। ଜିଲାପାଳ ଗୌରବ ଶିୱାଜୀ ଇସଲୱାର ସଭାରେ ସଭାପତିତ୍ୱ କରି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସୁଭଦ୍ରା, ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କ ଲିଙ୍କେଜ, ଲକ୍ଷପତି ଦିଦି, ସ୍ୱଚ୍ଛ ଭାରତ ମିଶନ ଯୋଜନାର ହିତାଧିକାରୀମାନଙ୍କୁ ଅତିଥିମାନେ ଅର୍ଥରାଶି ଓ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଅତିରିକ୍ତ ଜିଲାପାଳ ଡ଼ ବିଜୟାନନ୍ଦ ସେଠୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପବିତ୍ର ବେହେରାଙ୍କ ସମେତ ସ୍ଥାନୀୟ ରାଜନେତା, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। ସଭା ପରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ବିକାଶ ମେଳାରେ ୨୫ଟି ପ୍ରଦର୍ଶନୀ ଷ୍ଟଲ ଲଗାଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବିକାଶ ଓ ସଫଳତା ପ୍ରଦର୍ଶିତ ହୋଇଛି। ଅତିଥିମାନେ ପ୍ରଥମେ ଏହି ଷ୍ଟଲ ପରିଦର୍ଶନ କରିଥିଲେ। ଏହି ମେଳା ୨୩ ତାରିଖ ଯାଏଁ ଚାଲିବ।

**ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ**

■ ୨୫ଟି ପ୍ରଦର୍ଶନୀ ଷ୍ଟଲରେ ବିଭାଗୀୟ ଉତ୍କର୍ଷ ପ୍ରଦର୍ଶିତ

## ଫୁଲୁକିମୁଣ୍ଡାରେ ବ୍ଲକସ୍ତରୀୟ ପ୍ରଧାନଶିକ୍ଷକ ବୈଠକ



ବୈଠକରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

**ଖପ୍ରାଖୋଲ,୨୧।୯(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ଫୁଲୁକିମୁଣ୍ଡା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟଗୁଡିକର ପ୍ରଧାନଶିକ୍ଷକଙ୍କ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ଗୋପାଳ ବେହେରା ଅଧ୍ୟକ୍ଷତା କରିଥିଲେ। ବୈଠକରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଶଙ୍କର ପ୍ରସାଦ ମାଝୀ, ସମ୍ମାନିତ ଅତିଥି ଭାବେ ଖପ୍ରାଖୋଲ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଇସ୍ପାଳ ସୁନା, ଦୁର୍ଗେଶ୍ୱରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ସମ୍ପିତ ଭୋଇ, ଦେଦର୍ହ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନମିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ ୨୦୨୪, ଖାନ ଏକାଡେମୀ ଗଣିତ ଦକ୍ଷତା ବୃଦ୍ଧି, ଜାତୀୟ ସର୍ବେକ୍ଷଣ ପ୍ରସ୍ତୁତି, ମାସିକ ପାଠ୍ୟ କ୍ରମ ଖସଡ଼ା ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମେତ ଭୁବନେଶ୍ୱର ପୃଷ୍ଟି, ଅମର ସିଂହ ମାଝୀ, ସହଦେବ ପତି, ଗୋପାଳ କୃଷ୍ଣ ଦଳେଇ, ନିଳିମା ମିଶ୍ର, ଅତସି ସାହୁ, ଗଗନ କୁମାର ସାହୁ, ଦିଲେଶ୍ୱର୍ ମେହେର, ଜଗବନ୍ଧୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଭୁବନେଶର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱାସ୍ଥ୍ୟ ଓ ପରିମଳ କର୍ମଶାଳା




ମଞ୍ଚାସୀନ ଅତିଥିମାନେ।

**ଗୁଡଭେଲା,୨୧।୯(ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଠାରେ ଏଲଟିଆଇ ମାଇନଟ୍ରି ସହାୟତା ଏବଂ ମହାଶକ୍ତି ଫାଉଣ୍ଡେଶନ ତରଫରୁ ଶନିବାର ଦିନ ପ୍ରାଥମିକ ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗୁଡଭେଲା ଗ୍ରାମ ପଞ୍ଚାୟତର ସରପଞ୍ଚ ସନ୍ତୋଷିନୀ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ତେନ୍ତୁଳିଖୁଣ୍ଟି ସରପଞ୍ଚ ହୃଦାନନ୍ଦ ନାଗ ଯୋଗ ଦେଇଥିଲେ। ଗୁଡଭେଲା ବ୍ଲକ ମେଡିକାଲ ଅଫିସର ତାନିଆଁ ଜୈନ, ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ରିକୁ ଭୋଇ, ସ୍ୱାସ୍ଥ୍ୟ ବିଶେଷଜ୍ଞ ପ୍ରଜ୍ଞାରାଣୀ ବାରିକ ଉପସ୍ଥିତ ରହି ଗ୍ରାମାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ପୁଷ୍ଟିକର ଖାଦ୍ୟ ଏବଂ ଗୋଷ୍ଠୀ ସ୍ତରରେ ପୃଷ୍ଟି ହୀନତା ଦୂରୀକରଣ ପାଇଁ ଗୋଷ୍ଠୀର ଦାୟିତ୍ୱ ବିଷୟରେ ସମସ୍ତଙ୍କୁ ଜଣାଇଥିଲେ। ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଏବଂ ଗୋଷ୍ଠୀର ମିଳିତ ଉଦ୍ୟମରେ ଗ୍ରାମ ପରିମଳ, ପରିଷ୍କାର ପରିଚ୍ଛନ୍ନତା, ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧି କରାଇବା ପାଇଁ ବ୍ୟାପକ ଉଦ୍ୟମ କରିବା ପାଇଁ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୁଡଭେଲା, ଦେଉଳଗୁଡି, ମାଡେକେଲା, ତେନ୍ତୁଳିଖୁଣ୍ଟି, ଘୁନା ଗ୍ରାମ ପଞ୍ଚାୟତର ଅଙ୍ଗନବାଡ଼ି କର୍ମୀ, ଗାଁ କଲ୍ୟାଣ ସମିତିର ସଦସ୍ୟାସଦସ୍ୟମାନଙ୍କ ସହିତ ୭୦ରୁ ଉର୍ଦ୍ଧ୍ୱ ମହିଳା ଉପସ୍ଥିତ ଥିଲେ। ବ୍ଲକ ସଂଯୋଜକ ଧର୍ମ ସାଗର ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସୌରଚାଳିତ ମିଲେଟ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ୍

**ଟିଟିଲାଗଡ,୨୧।୯(ଶରତ ମିଶ୍ର)**

ଟିଟିଲାଗଡ ବ୍ଲକର ମଥାନପଲାଠାରେ ମିଲେଟ ଭିତ୍ତିକ ପ୍ରକ୍ରିୟାକରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ନାବାର୍ଡର ବିବେକ କୁମାର ନାୟକ ଯୋଗଦେଇ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ । ସେଲକୋ କମ୍ପାନୀର ଶାଖା ପରିଚାଳକ କୃଷ୍ଣ ବେହେରା ଓ ଅନୁ ରଞ୍ଜନ ମିଞ୍ଜ ତଥା ଆଶା ଅନୁଷ୍ଠାନର ସମ୍ପାଦକ ସଞ୍ଜୀବ କୁମାର ପଟ୍ଟନାୟକ ,ଜାଡେନ ଫାର୍ମର ପ୍ରଡ୍ୟୁସର କମ୍ପାନୀର ଅଧ୍ୟକ୍ଷା ମଧୁମିତା ପଟ୍ଟନାୟକଙ୍କ ଉପସ୍ଥିତିରେ ଏହା ଉଦ୍‌ଘାଟିତ ହୋଇଥିଲା । ସେଲକୋ କମ୍ପାନୀର ବେହେରା କହିଥିଲେ ଯେ ସୌରଚାଳିତ ପ୍ରକ୍ରିୟାକରଣ ଦ୍ୱାରା କୃଷକମାନଙ୍କ ଉତ୍ପାଦିତ ମଣ୍ଡିଆ, ଗୁରଜି, କଦୋ ,ବାଜରା ସ୍ୱଳ୍ପ ଖର୍ଚ୍ଚରେ ଅଧିକ ମାତ୍ରାରେ ପ୍ରକ୍ରିୟାକରଣ କରାଯାଇ ଗ୍ରେଡିଙ୍ଗ ଶର୍ଟିଙ୍ଗ କରି ବିକ୍ରି କରି ଅଧିକ ଲାଭ ହୋଇପାରିବ । ଏହି ଅବସରରେ ଆଶା ଅନୁଷ୍ଠାନର ସମ୍ପାଦକ ସଞ୍ଜୀବ କୁମାର ପଟ୍ଟନାୟକ ଓ ଜାଡେନ ଫାର୍ମର ପ୍ରଡ୍ୟୁସର କମ୍ପାନୀର ଅଧ୍ୟକ୍ଷା ମଧୁମିତା ପଟ୍ଟନାୟକ ଯୋଗ ଦେଇଥିଲେ । ସମ୍ବଲ ଶକ୍ତି ପ୍ରଡ୍ୟୁସର କମ୍ପାନୀର ସିଇଓ, ପରମେଶ୍ୱର ରଣା, ବିନୟ ମହାପାତ୍ର, ମାନସ ପଟ୍ଟନାୟକ, ମିଲି ପଟ୍ଟନାୟକ, ଲକ୍ଷ୍ମୀରାଜ ସାହୁ, ପ୍ରକାଶ ଉପାଧ୍ୟାୟ, ପୀତାମ୍ବର କୁମ୍ଭାର, ଗୁପ୍ତେଶର ମାଝି ,ଶମ୍ଭୁ ବେଣିଆ ପ୍ରମୁଖ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଯକ୍ଷ୍ମା ପ୍ରତିଷେଧକ ଟିକାକରଣର ଶୁଭାରମ୍ଭ



ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ରାଜ୍ୟସ୍ତରୀୟ ଯକ୍ଷ୍ମା ପ୍ରତିଷେଧକ ଟିକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

**ବଲାଙ୍ଗୀର,୨୧।୯(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର କନ୍ଧପାଲିପଡାସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିସରରେ ଶନିବାର ରାଜ୍ୟସ୍ତରୀୟ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ ମୁକେଶ ମହାଲିଙ୍ଗଙ୍କ ଦ୍ୱାରା ଶୁଭାରମ୍ଭ ହୋଇଛି। ମନ୍ତ୍ରୀ ମହାଲିଙ୍ଗ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ୨୦୨୫ ସୁଦ୍ଧା ସମଗ୍ର ଭାରତବର୍ଷକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ ନିଷ୍ପତ୍ତି ହୋଇଛି। ଏହି ଲକ୍ଷ୍ୟ ହାସଲ ପାଇଁ ଓଡିଶାର ୧୫ଟି ଜିଲାରେ ଯକ୍ଷ୍ମା ପ୍ରତିଷେଧକ ଟୀକାକରଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ବଲାଙ୍ଗୀର, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଗଜପତି, ଝାରସୁଗୁଡା, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରପଡା, ମୟୁରଭଞ୍ଜ, ନବରଙ୍ଗପୁର, ରାୟଗଡା, ନୟାଗଡ ଓ ସୁନ୍ଦରଗଡ ଜିଲାରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟସେବାକୁ ଗାଁରେ ପହଞ୍ଚାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ଆଶା, ଅଙ୍ଗନୱାଡ କର୍ମୀ, ପାରାମେଡିକାଲ ଷ୍ଟାଫ୍‌ଙ୍କୁ ସେ ଅଭିନନ୍ଦନ ଜଣାଇଥିଲେ। ପ୍ରତିଷେଧକ ଟୀକା ନେବାକୁ ସେ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଗୌରବ ଶିୱାଜୀ ଇସଲୱାର, ଏସ୍‌ପି ଋଷିକେଶ ଦ୍ୟାନଦେଓ ଖିଲାରି, ସିଡିଏମ୍‌ଓ ଡା. ପ୍ରଦୀପ ଗୁରୁ ମଞ୍ଚାସୀନ ଥିଲେ।

## ଭାଜପାର ସଦସ୍ୟତା ଅଭିଯାନ ସମୀକ୍ଷା ବୈଠକ

**ଖପ୍ରାଖୋଲ,୨୧।୯(ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକର ଭାଜପା କାର୍ଯ୍ୟାଳୟଠାରେ ଭାଜପାର ବ୍ଲକସ୍ତରୀୟ ସଦସ୍ୟତା ଅଭିଯାନର ସମୀକ୍ଷା ବୈଠକ ସଭାପତି ଦେବକାନ୍ତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଶନିବାରା ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପାଟଣାଗଡ ନିର୍ବାଚନ ମଣ୍ଡଳୀ ସଦସ୍ୟତା ଅଭିଯାନର ପ୍ରଭାରୀ ନୂଆପଡା ଜିଲାର ବରିଷ୍ଠ ଭାଜପା ନେତା ଯଦୁମଣି ପାଣିଗ୍ରାହୀ , ସମ୍ମାନିତ ଅତିଥି ଭାବେ ଲାଠୋର ଜୋନ ସଭାପତି ଶଶୀ ପୂଝାରୀ, ପଦ୍ମ କୁମାର ସିଂ ବରିହା, ସନ୍ତୋଷ ଭଇଁଶାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଭାଜପାର ସଦସ୍ୟତା ଅଭିଯାନ କେତେ ମାତ୍ରାରେ କେଉଁ ବୁଥରେ ଆଗେଇଛି ତାହାର ସମୀକ୍ଷା କରାଯାଇଥିଲା। ବ୍ଲକର ୧୦୦ ବୁଥରେ ୨ ଲକ୍ଷ ସଦସ୍ୟ ସାମିଲ କରିବା ଲକ୍ଷ୍ୟ ପୂରଣ କରିବାକୁ ମୁଖ୍ୟଅତିଥି କହିଥିଲେ । ଏହି ଅବସରରେ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

## ମିଶନ ଉଦ୍ଧାର ୩ ସଚେତନତା କାର୍ଯ୍ୟକ୍ରମ

**ଲାଠୋର,୨୧।୯(ଭୁବନେଶ୍ୱର ବାରିକ)**



ମିଶନ ଉଦ୍ଧାର ୩ ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

ଶନିବାର ଦିନ ବଲାଙ୍ଗୀର ଜିଲା ଲାଠୋର ଥାନା ସଦର ଗ୍ରାମ ଅଗ୍ରସେନ ଭବନଠାରେ ଜିଲା ପୋଲିସ ପ୍ରଶାସନ ଏବଂ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଭାବେ ମିଶନ ଉଦ୍ଧାର ୩ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲାଠୋର ଥାନା ଅଧିକାରୀ ରାକେଶ ବେହେରା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଟଣାଗଡ଼ ଏସ୍‌ଡ଼ିପିଓ ସଦାନନ୍ଦ ପୂଝାରୀ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏଡ଼.ଏଟ,ଆକ୍ସନ ପ୍ରୋଗ୍ରାମ ମ୍ୟାନେଜର ସରୋଜ କୁମାର ବାରିକ, ରେଲୱେ ପୋଲିସ ଫୋର୍ସ ଏଏସ୍‌ଆଇ ପରମାନନ୍ଦ ଭାଟି,ଏଏଲଓ ବିଭୁଦତ ମଲ୍ଲିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏବଂ ଡ୍ରାଇଭର ୟୁନିୟନର ସଦସ୍ୟମାନଙ୍କୁ ମିଶନ ଉଦ୍ଧାର ୩ ଉପରେ ସଚେତନ କରାଯାଇଥିଲା। ଚଳିତ ବର୍ଷ ଦାଦନ ଋତୁ ଆରମ୍ଭ ହୋଇଯାଇଛି। କେମିତି ବେଆଇନ ଦାଦନ ଚାଲାଣକୁ ରୋକ ଲଗାଯାଇ ପାରିବ ସେ ଉପରେ ଆଲୋଚନା କରାଯାଇଥିଲା। ଆଲୋଚନା ପରେ ସାଧାରଣ ଲୋକ ଓ ଗଣମାଧ୍ୟମ ପ୍ରତିନିଧିମାନେ ଦାଦନ ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଅତିଥିମାନେ ସମସ୍ତ ପ୍ରଶ୍ନର ଉତ୍ତର ଦେଇ ସହଯୋଗ ପାଇଁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ଏଡ଼.ଏଟ.ଆକ୍ସନ ଜିଲା ପରାମର୍ଶଦାତା ସନ୍ଧ୍ୟାରାଣୀ ପତି କରିଥିଲେ। ଏହି ଅବସରରେ ଲାଠୋର ପୋଲିସ ବିଭାଗ କର୍ମଚାରୀ, ପୂର୍ବତନ ସରପଞ୍ଚ ପ୍ରବୀଣ କୁମାର ଅଗ୍ରୱାଲ, ବିଭିନ୍ନ ଗ୍ରାମର ଅଙ୍ଗନୱାଡ଼ି କର୍ମୀ, ଡ୍ରାଇଭର ୟୁନିୟନର ସଦସ୍ୟ, ଓଡ଼ିଆ ବଣିକ ସଂଘର ସଦସ୍ୟ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ।

## ବ୍ଲକ ଛକ ଗଜଲକ୍ଷ୍ମୀ ପୂଜା କମିଟି ନୂତନ କାର୍ଯ୍ୟକର୍ତ୍ତା

**ଲୋଇସିଂହା,୨୧।୯(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଛକ ଗଜଲକ୍ଷ୍ମୀ ପୂଜା କମିଟିର ୩୧ ତମ ପୂଜା ପାଇଁ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ଗୁରୁଚରଣ ଧୀର ଅଧ୍ୟକ୍ଷତା କରିଥିଲେ । ସର୍ବସମ୍ମତି କ୍ରମେ ସଭାପତି ଭାବେ ବରିଷ୍ଠ କାର୍ଯ୍ୟକର୍ତ୍ତା ଧର୍ମସିଂ ମିଶ୍ରଙ୍କୁ ମନୋନୀତ କରାଯାଇଥିଲା । ସେହିପରି ପ୍ରୀତିରଞ୍ଜନ ସାହୁ ଉପସଭାପତି,ରାଜକିଶୋର ମିଶ୍ର ସମ୍ପାଦକ,ବିଶ୍ୱାମିତ୍ର ନାଏକ ସହ ସମ୍ପାଦକ, ଲକ୍ଷ୍ମୀକାନ୍ତ ମେହେରଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୟନ କରାଯାଇଛି । ସତ୍ୟ ନାରାୟଣ ଦଲାଇ, ଶମ୍ଭୁନାଥ ସାହୁ, ଶରତ ମିଶ୍ର ପ୍ରମୁଖ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ଆସନ୍ତା ମାସ ୨୧ ତାରିଖରୁ ୫ ଦିନ ଧରି ସମାରୋହରେ ପୂଜା ପାଳନ କରାଯିବ ବୋଲି କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପ୍ରତିବର୍ଷ କମିଟି ପକ୍ଷରୁ ଅନୁଷ୍ଠିତ ପୂଜାରେ ସନ୍ଧ୍ୟା ଆଳତୀ ମୁଖ୍ୟ ଆକର୍ଷଣ ସାଜିଥାଏ।

## ନବରାତ୍ର ଦୁର୍ଗାପୂଜା ପାଇଁ ମାଟି ସଂଗ୍ରହ

**ସଇଁତଲା,୨୧।୯(ରାଖାଲ ପ୍ରସାଦ ଶତପଥୀ)**

ବଲାଙ୍ଗୀର ଜିଲାର ସଇଁତଲାଠାରେ ଚଳିତବର୍ଷ ହେବାକୁ ଥିବା ନବରାତ୍ର ଦୁର୍ଗାପୂଜା ଉପଲକ୍ଷେ ଶୁକ୍ରବାର ମୃର୍ତ୍ତିକା ସଂଗ୍ରହ ସହ ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ସମୟରେ ନବରାତ୍ର ଦୁର୍ଗାପୂଜା କମିଟିର ସମସ୍ତ ସଦସ୍ୟ ଏବଂ ପୂଜକ ସ୍ଥାନୀୟ ରାମମନ୍ଦିର ପରିସରରେ ପୂଜାର୍ଚ୍ଚନା କରିବା ପରେ ମୃର୍ତ୍ତିକା ସଂଗ୍ରହ କରି ଦୁର୍ଗାପୂଜା ମଣ୍ଡପକୁ ଆଣିଥିଲେ। ପରେ ପୂଜା ମଣ୍ଡପ ନିକଟରେ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ସମାପନ କରି ଶୁଭସ୍ତମ୍ଭ ସ୍ଥାପନ କରାଯାଇଥିଲା। ମୁଖ୍ୟ ପୂଜକ ରାଧାକାନ୍ତ ତ୍ରିପାଠୀ, କିରଣ ମିଶ୍ର, ଧ୍ରୁବ ଚରଣ ଯୋଷୀ, ବିକ୍ରମ ମିଶ୍ର, ନବଘନ ଷଡ଼ଙ୍ଗୀ, ପ୍ରମୋଦ ଦାଶ ପୂଜା କାର୍ଯ୍ୟ କରିଥିଲେ । ପୂଜା କମିଟିର ସ୍ଥାୟୀ ସଭାପତି ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ, ସମ୍ପାଦକ ତଥା ଓକିଲ ସଂଘ ସଭାପତି ସୁବୋଧ ମିଶ୍ର, କୋଷାଧ୍ୟକ୍ଷ ସଞ୍ଜୟ ଅଗ୍ରୱାଲ, ଚଳିତବର୍ଷର ପୂଜା କର୍ତ୍ତା ଝସକେତନ ମନହୀରା, ଶେଷଦେବ ଜାନୀ, ସୂର୍ଯ୍ୟମଣି ଶତପଥୀ, ଶୋଭନ ସିଂ ଭୋଇ, ସୁରେଶ ଜୈନ, ଲଲାଟେନ୍ଦୁ ପୃଷ୍ଟେଠ, ଜଗବନ୍ଧୁ ପଶାୟତ, ବିଶାଳ ଅଗ୍ରୱାଲ, ପବନ ଅଗ୍ରୱାଲ, ବୁବୁନ ପାଣିଗ୍ରାହୀଙ୍କ ସମେତ କମିଟିର ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଭାଜପା-ବିଜେଡି ନେତାଙ୍କ ଭାଷଣରେ କମ୍ପିଲା ମଞ୍ଚ

**ବଲାଙ୍ଗୀର,୨୧।୯(ବୀରେନ୍ଦ୍ର କୁମାର ଝାଙ୍କର)**

**ବିକାଶ ମେଳା ଉଦ୍‌ଘାଟନୀ ଉତ୍ସବ**

■ ନିରଞ୍ଜନ କହିଲେ ରଙ୍ଗ ବଦଳାଇଛି ଭାଜପା

■ ମୁକେଶ, ସଙ୍ଗୀତା କଲେ କଡ଼ା ସମାଲୋଚନା

■ ମୁକେଶ କହିଲେ ନୂଆ ସରକାର ଗେମ୍ ଚେଞ୍ଜର

■ ସଙ୍ଗୀତା କଲେ ବଲାଙ୍ଗୀରରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଇସାରା

ବଲାଙ୍ଗୀର ପଥରଚେପାଠାରେ ଶନିବାର ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ ହୋଇଥିଲା। ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଯୋଗ ଦେଇଥିବା ଭାଜପା ମନ୍ତ୍ରୀ, ଏମ୍‌ପି, ବିଧାୟକ ଏବଂ ବିଜେଡି ରାଜ୍ୟସଭା ସଦସ୍ୟଙ୍କ ବକ୍ତବ୍ୟରେ ସଭା ମଞ୍ଚ କମ୍ପି ଉଠିଥିଲା। ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ସଭା ମଞ୍ଚରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଯୋଜନା ଓ ଦୂରଦର୍ଶିତା ଉପରେ ସବିଶେଷ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଭାଜପା ସରକାର କେବଳ ପୂର୍ବ ସରକାରଙ୍କ ବିଭିନ୍ନ ଯୋଜନାର ନାମ ଓ ରଙ୍ଗ ବଦଳାଉଛି। ନିରଞ୍ଜନଙ୍କ ଏଭଳି ବକ୍ତବ୍ୟ ପରେ ଲୋକସଭା ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ବିଜେଡି ସରକାରକୁ କଡା ସମାଲୋଚନା କରିଥିଲେ। ନବୀନ ବାବୁଙ୍କୁ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ବହୁ ଭୋଟରେ ମାତ୍ ଦେଇ ତାଙ୍କ ଲୋକପ୍ରିୟତା ଜଣାଇ ଦେଇଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ସେ ବିଧାୟକ ବାଗଙ୍କୁ ପ୍ରଶଂସା କରିଥିଲେ। ଲୋକସଭା ଏମ୍‌ପି ସଙ୍ଗୀତା ସଭାରେ ବଲାଙ୍ଗୀରରେ ହିଁ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ ବୋଲି ଇସାରା କରିଥିଲେ। ମେଳାର ମୁଖ୍ୟଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ତାଙ୍କ ବକ୍ତବ୍ୟରେ ରାଜ୍ୟସଭା ବିଶିଙ୍କୁ ସମାଲୋଚନା କରି ଭାଜପା ସରକାର ନେମ୍ ଚେଞ୍ଜର ନୁହେଁ ଗେମ୍ ଚେଞ୍ଜର ବୋଲି କହିଥିଲେ। ତାଙ୍କ ବକ୍ତବ୍ୟରେ ଭାଜପା ଦେଇଥିବା ନିର୍ବାଚନ ପ୍ରତିଶ୍ରୁତିକୁ ସରକାର ଯେଭଳି ଭାବେ ପୂରଣ କରିଚାଲିଛନ୍ତି ସେଥିରେ ସମସ୍ତ ଓଡିଶାବାସୀ ଖୁସି ବୋଲି ସେ କହିଥିଲେ। କଣ୍ଟାବାଞ୍ଜି ବିଧାୟକ ବାଗ ଓ ଟିଟିଲାଗଡ ବିଧାୟକ ନବୀନ ଜୈନ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରର ଉପଲବ୍ଧି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ଡିଏଭି ମହାବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ




କାର୍ଯ୍ୟକ୍ରମ ଅବସରରେ ଯୋଗ ଦେଇଥିବା ଅତିଥି।

**ଟିଟିଲାଗଡ଼,୨୧।୯(ଶରତ ମିଶ୍ର)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ଡ଼ିଏଭି ସ୍ୱୟଂଶାସିତ ମହାବିଦ୍ୟାଳୟର ୫୭ତମ ପ୍ରତିଷ୍ଠା ଦିବସ ଶନିବାର ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସନାତନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ, ଆମ ଦେଶର ସଂସ୍କୃତ ଭାଷା ବିଶ୍ୱର ଏକ ଗୌରବ। ବିଦେଶୀ ଆସି ଆମ ପରମ୍ପରା, ଭାଷା, ଶିକ୍ଷା,ସଂସ୍କୃତି, ସଂସ୍କାର ସବୁ ଧ୍ୱଂସ କରି ଦେଲେ। ଆଗାମୀ ଦିନରେ ଆମେ ସତର୍କ ନ ହେଲେ କୁସଂସ୍କାର, ଅଶିକ୍ଷା ଆହୁରି ବୃଦ୍ଧି ପାଇବା ସହ ଆମ ସ୍ୱାଭିମାନ ଓ ବିକାଶ ନଷ୍ଟ ହେବ। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ପୌରାଧ୍ୟକ୍ଷା ମମତା ଜୈନ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ବିକାଶ ପାଇଁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଟିଟିଲାଗଡ଼ ଉପଜିଲାପାଳ ରେହାନ ଖତ୍ରୀ ଶ୍ରେଷ୍ଠ ହେବାକୁ ଛାତ୍ରୀଛାତ୍ର ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଦୋଳଗୋବିନ୍ଦ ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ବିଧାନ ଚନ୍ଦ୍ର ମିଶ୍ର ବିବରଣୀ ପାଠ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ପ୍ରଣବ କିଶୋର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ବୌଦ୍ଧ ହେଉଛି କଳା, ସଂସ୍କୃତିର ମାଟି


ବିକାଶ ମେଳାରେ ଯୋଗ ଦେଇଥିବା ଅତିଥି ।

## ବୌଦ୍ଧରେ ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ

**ବୌଦ୍ଧ,୨୧ା୯(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପ୍ରଶାସନ ଓ ଓରମାସ୍ ପକ୍ଷରୁ ଶନିବାର ଦିନ କଚେରୀ ପଡିଆଠାରେ ସୂଚନା-ଶିକ୍ଷା-ସଂଚାର କାର୍ଯ୍ୟକ୍ରମ ଓ ଜିଲା ସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ ହୋଇଯାଇଛି । ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା । ମୁଖ୍ୟଅତିଥି ଭାବରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ରାଷ୍ଟ୍ରମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିବା ସହିତ ବୌଦ୍ଧ ଜିଲା ହେଉଛି ବୁଦ୍ଧଙ୍କ ମାଟି ଓ କଳା ସଂସ୍କୃତିର ମାଟି ବୋଲି କହିଥିଲେ । ଏହି ଅବସରରେ ସେ ରାଜ୍ୟ ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରୁଥିବା କହିଥିଲେ । ଗୋଟିଏ ଜାତିକୁ, ଗୋଟିଏ ଦେଶକୁ ଧ୍ୱଂସ କରିବାକୁ ହେଲେ ବାରୁଦର ଆବଶ୍ୟକତା ନ ଥାଏ । ତାର କଳା, ସଂସ୍କୃତି, ଶିକ୍ଷାକୁ ଧ୍ୱଂସ କରିଦେଲେ ସେ ଜାତି ଆପେ ଆପେ ଧ୍ୱଂସ ହୋଇଯିବ ବୋଲି ମନ୍ତ୍ରୀ ମଲ୍ଲିକ କହିଥିଲେ । ଏହି ପରିପ୍ରେକ୍ଷୀରେ ଭାଜପା ଓଡିଆ ଅସ୍ମିତାର ରକ୍ଷା କରିପାରିଛି । ରାଜ୍ୟ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଉପଲକ୍ଷେ ନିଆଯାଇଥିବା ବିଭିନ୍ନ ବିକାଶମୂଳକ ଯୋଜନା ସଂପର୍କରେ ଲୋକଙ୍କୁ ଅବଗତ କରାଇଥିଲେ । ସମ୍ମାନିତ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହି. କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଚାରି ଜଣ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ପ୍ରଥମ କିସ୍ତି ପ୍ରଦାନ କରାଯାଇଥିଲା । ଏଆରସିଏସ ହାଡିବନ୍ଧୁ ମହାକୁଡ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ପ୍ରମାଣ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏସ୍‌ପି ରାଜ ପ୍ରସାଦ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ,ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଜିଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାକାନ୍ତି ବଳିଆରସିଂ, ଓରମାସ ଅଧିକାରୀ ଶିବାଶିଷ ଦାସ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ରାବଣ ଦରବାର ପାଇଁ କଳାକାର ବରଣ


ରାବଣ ଦରବାର ପାଇଁ କଳାକାର ବରଣ ଅବସରରେ କଳାକାର ଓ କର୍ମକର୍ତ୍ତା ।

**ଅମରପାଲି,୨୧ା୯(ପୀତାମ୍ବର ସାହୁ)**

ଦେବୀ ମାହେଶ୍ୱରୀଙ୍କ ମହାଷ୍ଟମୀ ପୂଜା ଓ ବାଡ଼ି ଯାତ୍ରା ଉପଲକ୍ଷେ ଆସନ୍ତା ଅକ୍ଟୋବର ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ବୀରମହାରାଜପୁର ବ୍ଲକ ମୁର୍ଷୁଣୀ ପଞ୍ଚାୟତ ଅନ୍ତର୍ଗତ କର୍ଡାପାଳ ଗ୍ରାମରେ ରାବଣ ଦରବାର ଆୟୋଜିତ ହେବ । ଏଥି ପାଇଁ ଆୟୋଜକ କମିଟି ତରଫରୁ ରାବଣ ବରଣ କରାଯାଇଛି । ଜିଲାର ଡୁଙ୍ଗୁରିପାଲି ବ୍ଲକର ରାବଣ ଭୂମିକାରେ ଅଭିନୟ କରିବାକୁ ଥିବା କଳାକାର ପ୍ରଫୁଲ୍ଲ ମେହେରଙ୍କୁ ରାବଣ ଭୂମିକାରେ ଅଭିନୟ ପାଇଁ ବରଣ କରାଯାଇଛି । ଏହି ଅବସରରେ ରାବଣ ଦରବାର ପାଇଁ କର୍ଡାପାଲରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି । ରାବଣ ଭୂମିକାରେ ଅଭିନୟ କରିବାକୁ ଥିବା ମେହେର ଓ ଅନ୍ୟ କଳାକାରଙ୍କ ଉପସ୍ଥିତିରେ ଗ୍ରାମ୍ୟ ପରିକ୍ରମା ମଧ କରାଯାଇଥିଲା । ଚଳିତବର୍ଷ ସାଜସଜ୍ଜା ଉପରେ ଗୁରୁତ୍ୱାରୋପ କରାଯାଇ ଥିଲା । ମୀନାବଜାର ଓ ମନୋରଞ୍ଜନ ସକାଶେ ଆଧୁନିକ ଓ ପାରମ୍ପରିକ ନୃତ୍ୟ ପରିବେଷଣ ଅନ୍ୟତମ ଆକର୍ଷଣ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ଜଣାପଡିଛି । ଏହି ଅବସରରେ ରାଧାନାଥ ହୋତା, ବିଶ୍ୱବାସ ହୋତା, ରାଜ ଗିରିଙ୍ଗା, ରାଇଧର ବିଶ୍ୱାଳ, ସନତ ହୋତା, ଗଣେଶ ମିଶ୍ର, ଅକ୍ରୁର ନାଏକ, ଋଷଭ ସାମଲ, ତିରି ସାମଲ, ଗୁପ୍ତେଶ୍ୱର ପଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ପୂର୍ବତନ ମନ୍ତ୍ରୀ ନଟବର ପ୍ରଧାନଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ


ନଟବରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

**ବୌଦ୍ଧ,୨୧ା୯(ଅଜିତ କୁମାର ବାରିକ)**

ବୌଦ୍ଧ ମାଟିର ଗର୍ବ ଓ ଗୌରବ ତଥା ପୂର୍ବତନ ମନ୍ତ୍ରୀ ନଟବର ପ୍ରଧାନଙ୍କ ଶ୍ରାଦ୍ଧ ବାର୍ଷିକୀ ଶନିବାର ଦିନ ବୌଦ୍ଧଠାରେ ପାଳିତ ହୋଇଯାଇଛି । ନଟବର ପ୍ରଧାନ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏହି ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ କମିଟିର ସଂପାଦକ ବରିଷ୍ଠ ଆଇନଜୀବୀ ତାରେଣୀ ମହାପାତ୍ରଙ୍କ ନେତୃତ୍ୱରେ କମିଟିର ସଦସ୍ୟ ଓ ସହରର ବୁଦ୍ଧିଜୀବୀମାନେ ଯୋଗଦେଇଥିଲେ । ଏହି ଅବସରରେ ବାଘଗୁଡା ଛକଠାରେ ସ୍ଥାପିତ ନଟବର ପ୍ରଧାନଙ୍କ ପ୍ରତମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏନଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର, ଆଇନଜୀବୀ ଅଶୋକ କୁମାର ସାହୁ, ଜିଲା ପରିଷଦର ସଭ୍ୟ ବିଶ୍ୱଜିତ ମିଶ୍ର, ରବିନ୍ଦ୍ର କୁମାର ରାଉତ, ସୁବାସ ସାହୁ, ନିବାସ ଚନ୍ଦ୍ର ଦାନୀ, ସୁବୋଧ ପ୍ରଧାନ, କୈଳାଶ ବେହେରା, ସିତାଂଶୁ ମହାକୁଳ, ମନୋଜ ସାହୁ, ବିଦ୍ୟାଧର ସ୍ୱାଇଁ,ଏନଏସି ଉପାଧ୍ୟକ୍ଷା ସୁବାସିନୀ ସେଠୀ, କାଉନସିଲର ସ୍ୱର୍ଣ୍ଣଲତା ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ମୁଖ୍ୟ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

## ଡକାୟତି ମାମଲା

**ଅମରପାଲି,୨୧ା୯(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ସୁବଳୟା ଅଞ୍ଚଳରେ ଘଟିଥିବା ଏକ ଡକାୟତି ମାମଲାର ରାୟ ଶନିବାର ପ୍ରକାଶ ପାଇଛି । ବୀରମହାରାଜପୁର ଏସ୍‌ଡିଜେଏମ୍ କୋର୍ଟ ମାମଲାର ମୁଖ୍ୟ ଅଭିଯୁକ୍ତଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରି ଦେଇଛନ୍ତି । ମାମଲାର ବିବରଣୀରୁ ପ୍ରକାଶ ଯେ, ବୀରମହାରାଜପୁର ଥାନା ଅଧୀନରେ ଥିବା ତତ୍କାଳୀନ ସୁବଳୟା ଫାଣ୍ଡି ଅଧିନ ଗରିଆମୁଣ୍ଡା ନିକଟସ୍ଥ ଜଙ୍ଗଲ ରାସ୍ତାରେ ୨୦୦୬ ମସିହାରେ ଉକ୍ତ ଡକାୟତି ହୋଇଥିଲା । ମୁର୍ଷୁଣି ପଞ୍ଚାୟତ ଅନ୍ତର୍ଗତ କର୍ଡାପାଲ ସାପ୍ତାହିକ ଗୋରୁ ବଜାରକୁ ଆସୁଥିବା କେନ୍ଦୁଝର ଜିଲାର ଗୋ ବେପାରୀମାନଙ୍କୁ ପୂର୍ବରୁ ଛକି ରହିଥିବା କେତେକ ବ୍ୟକ୍ତି ଅତର୍କିତ ଆକ୍ରମଣ କରି ୭ରୁ ୮ ଲକ୍ଷ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିବା ବୀରମହାରାଜପୁର ଥାନାରେ ଅଭିଯୋଗ ହୋଇଥିଲା । ଡକାୟତି ଦଳରେ ଥିବା ୮ ଜଣଙ୍କ ମଧ୍ୟରୁ ବିଭିନ୍ନ ସମୟରେ ୭ ଅଭିଯୁକ୍ତ କୋର୍ଟରୁ ଖଲାସ ହୋଇଥିଲେ । ମାତ୍ର ଘଟଣାର ମୁଖ୍ୟ ଅଭିଯୁକ୍ତ ଥିଲେ ଅମିତ ଦାସ । ମାମଲର ଶୁଣାଣି କରି କୋର୍ଟ ସାକ୍ଷ୍ୟ ପ୍ରମାଣ ଅଭାବରୁ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଏହି ମାମଲାକୁ ସରକାରୀ ଓକିଲ ମଧୁସୂଦନ ଆଚାର୍ଯ୍ୟ ପରିଚାଳନା କରିଥିଲେ । ଅଭିଯୁକ୍ତ ନିଜ ପକ୍ଷ ପାଇଁ ଓକିଲ ଦେବାକୁ ଅସମର୍ଥ ଥିବାରୁ ଏସଡିସି ବରିଷ୍ଠ ଆଇନଜୀବୀ ସମୀର କୁମାର ସ୍ୱାଇଁ ମାମଲା ପରିଚାଳନା କରିଥିଲେ ।

# ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କ ବୈଠକ


ବୈଠକରେ ଉପସ୍ଥିତ ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନ ଶିକ୍ଷକମାନେ ।

**ଅମରପାଲି,୨୧ା୯(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ପିତାମହୁଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ଦଶମ ବୈଠକ ଓ ମାସିକ ଆଲୋଚନାଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ନୋଡାଲ ପ୍ରଧାନ ଶିକ୍ଷକ ତଥା ବୀରମହାରାଜପୁର ସରକାରୀ ବାଳକ ହାଇସ୍କୁଲ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାସ ପରିଚାଳନା କରିଥିଲେ । ଏଥିରେ ୟୁଡ଼ାଇସ ପ୍ଲସ, ଆକାଂକ୍ଷି ପାଠ୍ୟକ୍ରମ, ଖାନ ଏକାଡେମୀ, ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ,ଉତ୍କର୍ଷ କାର୍ଯ୍ୟକ୍ରମ,ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିଷୟରେ ଆଲୋଚନା ହୋଇଥିଲା । ଉକ୍ତ ବୈଠକରେ ବ୍ଲକର ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଓ ପ୍ରଧାନଶିକ୍ଷକ ଉପସ୍ଥିତ ରହି ବିଭିନ୍ନ ପ୍ରସଙ୍ଗର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବିଶେଷ କରି ବିଦ୍ୟାଳୟର ଶ୍ରେଣୀ ଗୃହ, ବିଜ୍ଞାନାଗାର, ଲାଇବ୍ରେରୀ ପରିଦର୍ଶନ କରିବା ସହ ତାହାର ସୁପରିଚାଳନା ନିମନ୍ତେ ପ୍ରଧାନ ଶିକ୍ଷକମାନେ ନିଜସ୍ୱ ମତ ରଖିଥିଲେ । ଏହି ଅବସରରେ ଚଳିତମାସ ସେବା ନିବୃତ୍ତ ହେବାକୁ ଥିବା ଖଣ୍ଡହତା ସ୍ଥିତ ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଆଖୋଜ ପ୍ରଧାନ ଓ ବାଗବର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଆୟୋଜକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଜଗଦଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ଆଇନ ସଚେତନତା


ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି ।

**ଅମରପାଲି,୨୧ା୯(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତରେ ଓଡ଼ିଶା ଅଣସଙ୍ଗଠିତ ଶ୍ରମିକ ସୁରକ୍ଷା ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ଶ୍ରମ ଅଧିକାରୀ ଓ ଉଫୁଲା ସରପଞ୍ଚଙ୍କ ମିଳିତ ପ୍ରଚେଷ୍ଟାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୁଲା ବିକାଳି, କ୍ଷୁଦ୍ର ବ୍ୟବସାୟୀ, ଘରୋଇ କର୍ମଚାରୀ, ରିକ୍ସା, ଅଟୋ ଚାଳକ, ମୋଚି, କ୍ଷୁଦ୍ର ଚାଷୀ, କୃଷି ଶ୍ରମିକ, ସଫେଇ ଶ୍ରମିକ, ଜଙ୍ଗଲରେ କାର୍ଯ୍ୟରତ ଶ୍ରମିକ, ସମ୍ବାଦପତ୍ର ହକର ଆଦି ଅଣ ସଙ୍ଗଠିତ ଶ୍ରମିକଙ୍କ ସ୍ୱତନ୍ତ୍ର ପଞ୍ଜିକରଣ କରାଯାଇଥିଲା । ସରପଞ୍ଚ ଶ୍ରୀୟା କର୍ମୀ ତାଙ୍କ ବକ୍ତବ୍ୟରେ ଉଫୁଲା ଗ୍ରାମ ପଞ୍ଚାୟତର ସମସ୍ତ ଯୋଗ୍ୟ ଅଣ ସଙ୍ଗଠିତ ଶ୍ରମିକ ନିଜକୁ ପଞ୍ଜିକରଣ କରି ଓଡ଼ିଶା ଅଣ ସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଦ୍ୱାରା ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗର ଉପଯୋଗ କରିବାକୁ ଅନୁରୋଧ କରିଥିଲେ । ଜିଲା ଶ୍ରମ ଅଧିକାରୀ ସବିତା କୁମାରୀ ନାଏକ ଯୋଗଦେଇ ଅଣ ସଙ୍ଗଠିତ ଶ୍ରମିକ ଓ ତାଲିକାଭୁକ୍ତ ଶ୍ରମଜୀବୀ ସମ୍ପର୍କରେ ଆଲୋଚନା କରିଥିଲେ । ସହକାରୀ ଶ୍ରମ ଅଧିକାରୀ ସୁନିତା କୁମାରୀ ଦେବୀ ପଞ୍ଜିକରଣ ପାଇଁ ଆବଶ୍ୟକ କାଗଜ ପତ୍ର ଓ ଯୋଗ୍ୟତା ସମ୍ପର୍କରେ ଅବଗତ କରିଥିଲେ । ସହକାରୀ ଶ୍ରମ ଅଧିକାରୀ ଚିନ୍ମୟ କୁମାର ମେହେର ଓ ସପ୍ରତୀକ ପଧାନ ପଞ୍ଜିକରଣ ଦ୍ୱାରା ହିତାଧିକାରୀ କଣ ସବୁ ସୁବିଧା ସୁଯୋଗ ପାଇ ପାରିବେ ଉପସ୍ଥିତ ଅଣ ସଙ୍ଗଠିତ ଶ୍ରମଜୀବୀଙ୍କୁ ଜଣାଇଥିଲେ । ଡିଇଓ ବାଙ୍କା ବିହାରୀ ମହଲା ଓ ସମସ୍ତ ବିଭାଗୀୟ ଅଧିକାରୀ ଶତାଧିକ ହିତାଧିକାରୀଙ୍କ ଦସ୍ତାବିଜ ସଂଗ୍ରହ, ତର୍ଜମା ଓ ପଞ୍ଜିକରଣ ପାଇଁ ପଦକ୍ଷେପ ନେଇଥିଲେ । ଉକ୍ତ ସ୍ୱତନ୍ତ୍ର ପଞ୍ଜିକରଣ ଶିବିରକୁ ପିଇଓ ଗୌର ଚନ୍ଦ୍ର ସାହୁ, ୱାର୍ଡସଭ୍ୟା ଧରିତ୍ରୀ ବାଘ, ୱାର୍ଡସଭ୍ୟ ସୁଦାମ ଭୁଇ, ଘାସିରାମ ବାଦୀ ଓ ଅନ୍ୟମାନେ ସହଯୋଗ କରିଥିଲେ । ଉଫୁଲା ଗ୍ରାମ ପଞ୍ଚାୟତ ତରଫରୁ ଜିଲା ଶ୍ରମ ବିଭାଗ ସହଯୋଗରେ ପ୍ରଥମ ଥର ପାଇଁ ଅଣ ସଙ୍ଗଠିତ ଶ୍ରମିକଙ୍କ ସ୍ୱତନ୍ତ୍ର ପଞ୍ଜିକରଣ କ୍ୟାମ୍ପ କରାଯାଇଥିବାରୁ ପଞ୍ଚାୟତବାସୀ ଉତ୍ସାହିତ ଥିଲେ ।

# ଛଟେଇ ଗୃହରକ୍ଷୀଙ୍କୁ ପୁଣି କାର୍ଯ୍ୟରେ ସାମିଲ କର

**ଅମରପାଲି,୨୧ା୯(ପୀତାମ୍ବର ସାହୁ)**

ଗୃହରକ୍ଷୀ ଭାବେ ପୂର୍ବରୁ କାର୍ଯ୍ୟରତ ଥାଇ ବିଭିନ୍ନ ସମୟରେ କାର୍ଯ୍ୟରୁ ଛଟେଇ ହୋଇଥିବା ନିଖିଳ ଉତ୍କଳ ଗୃହରକ୍ଷୀ ମହାସଂଘ ତରଫରୁ ବିଭିନ୍ନ ପ୍ରସଙ୍ଗ ନେଇ ଦାବି କରାଯାଇଛି । ରାଜ୍ୟରେ ଏବେ ନୂତନ ଭାବେ ଗୃହରକ୍ଷୀ ନିଯୁକ୍ତି ପାଇଁ ନୂତନ ବିଜ୍ଞାପନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀଙ୍କୁ ଛଟେଇ ହୋଇଥିବା ଗୃହରକ୍ଷୀମାନଙ୍କୁ ପୁଣି କାର୍ଯ୍ୟରେ ସାମିଲ କରିବାକୁ ଦାବି କରାଯାଇଛି । ବୀରମହାରାଜପୁର ଥାନାରେ ପୂର୍ବରୁ କାର୍ଯ୍ୟରତ ଥିବା ସମୟରେ ସରକାର ବିନା କାରଣରେ କାର୍ଯ୍ୟରୁ ଅନ୍ତର ହେବ ପରେ ମାନସିକ, ଆର୍ଥିକ କ୍ଷତିଗ୍ରସ୍ତ ହୋଇଥିବା ଗୃହରକ୍ଷୀଗଣ ନିରୋଦ ପାଣ୍ଡେ, ଜଗଦାନନ୍ଦ ଜଗଦଲା, ମିନତି ଦେହୁରି, ଉମେଶ ନାଏକ, ଗୁପ୍ତେଶର ହାତୀ, ନରେନ୍ଦ୍ର ନାୟକ, ଶମ୍ଭୁ ପୋଢ଼, ଲକ୍ଷ୍ମଣ କୁମାର ପାଣିଗ୍ରାହୀ, ବେବି ଚୌଧୁରୀ, ରାଧେଶ୍ୟାମ ସାଲିମା ପ୍ରମୁଖ ସାମିଲ ହୋଇ ଉକ୍ତ ଦାବି କରିଛନ୍ତି । ୨୨୯୮ ଗୃହରକ୍ଷୀ ପଦ ପାଇଁ ନିଯୁକ୍ତି ନେଇ ବିଭାଗ ନିଯୁକ୍ତି ବିଜ୍ଞାପନ ବାହାର କରିଛି । ଏଣୁ ପୂର୍ବରୁ ଏହି ପଦରେ କାମ କରି ଦୀର୍ଘଦିନର ଅଭିଜ୍ଞତା ଥିବା ବେଳେ ସେମାନଙ୍କୁ କାର୍ଯ୍ୟରୁ ଅନ୍ତର କରିଥିବାରୁ ସେମାନଙ୍କୁ ନିଯୁକ୍ତି କରିବାକୁ ଅନୁରୋଧ କରାଯାଇଛି ।

# ନୂଆଁଖାଇ ଭେଟ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବାଉଁଶୁଣୀ,୨୧ା୯(ଦେବାଶିଷ ନେପାକ)**

ଶନିବାର ବୌଦ୍ଧ ବ୍ଲକ ଆମ୍ବଝରୀ ଗ୍ରାମ ପଞ୍ଚାୟତର ଖଜୁରିପଡାଠାରେ ଶୁକ୍ରବାର ସକାଳୁ ଚାଲିଥିବା ନୂଆଁଖାଇ ଭେଟଘାଟ ଉଦ୍‌ଯାପିତ ହୋଇଯାଇଛି । ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ବୌଦ୍ଧ ବିଧାୟକ ତଥା ଶାସକ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, ପୂର୍ବତନ ରାଜ୍ୟ ବୟନିକା ସଭାପତି ଶେଷ କୁମାର ମେହେର, ସମାଜସେବୀ ଧର୍ମୁଧର ପୋଢ, ସୁବାଷ ଚନ୍ଦ୍ର ପ୍ରଧାନ ଅତିଥି ଭାବରେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ । ବୌଦ୍ଧ ଜିଲା ଧାର୍ମିକ ଓ ସାଂସ୍କୃତିକ କର୍ମୀ ସଂଘ ସଭାପତି ରମେଶ ପ୍ରସାଦ ମେହେର, ସମ୍ପାଦକ ସୁରେନ୍ଦ୍ର କୁମାର କର୍ଣ୍ଣ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ମେଣ୍ଡିଲିଙ୍କ ତତ୍ତ୍ୱାବଧାନରେ ଚାଲିଥିବା ନୂଆଖାଇ ଭେଟ କାର୍ଯ୍ୟକ୍ରମରେ ବୌଦ୍ଧ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର କଳାକାରଓ୍ମାନେ ଯୋଗ ଦେଇଥିଲେ ।

# ଗୁଞ୍ଜିଫଟାମୁଣ୍ଡାରେ ଝାଡ଼ାବାନ୍ତି, ୨୫ ଆକ୍ରାନ୍ତ

**ତରଭା, ୨୧ା୯(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ କୁମ୍ଭାରମୁଣ୍ଡା ପଞ୍ଚାୟତର ଗୁଞ୍ଜିଫଟାମୁଣ୍ଡା ଗ୍ରାମରେ ଶନିବାର ଝାଡ଼ାବାନ୍ତିରେ ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଛନ୍ତି । ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ବିଜୟ ପାତ୍ରଙ୍କ କହିବାନୁଯାୟୀ ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟରେ ୫ ମହିଳା, ୩ ପୁରୁଷ ଓ ଜଣେ ଶିଶୁ ଚିକିତ୍ସାଧୀନ ଅବସ୍ଥାରେ ଥିବାବେଳେ ବୃଦ୍ଧ ଫଗାନୁ ବଗର୍ତ୍ତି(୬୦) ଆକୁଳ ବଗର୍ତ୍ତି (୪୫) ବେସରକାରୀ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ସୋନପୁର ଜିଲା ଡାକ୍ତରଖାନାରୁ ଏକ ଟିମ୍ ଆସି ଅନ୍ୟ ଆକ୍ରାନ୍ତମାନଙ୍କ ପ୍ରାରମ୍ଭିକ ଚିକିତ୍ସା ସହ ଆବଶ୍ୟକ ଔଷଧ ବଣ୍ଟନ ପ୍ରଦାନ କରିଛନ୍ତି । ଝାଡାବାନ୍ତିର ସଠିକ୍ କାରଣ ଜଣା ପଡିନାହିଁ ।

# ସନ୍ଦିଗ୍ଧ ଗାଡ଼ିରୁ ୧୨୨ କେଜି ଗଞ୍ଜେଇ ଜବତ

**ଘଣ୍ଟାପଡ଼ା,୨୧ା୯(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧୀନ ଶିମିଳିପଦର ପଞ୍ଚାୟତର ଗବଜୋର ନିକଟରେ ବୁଧବାର ରାତିରୁ ରଖା ଯାଇଥିବା ଏକ ଟାଟା ଏସ୍‌ଇ (ନଂ ଓଡ଼ି ୦୫ଏଆର ୨୧୬୭) ଗାଡିରୁ ୧ କୁଇଣ୍ଟାଲ ୨୨ କେଜି ଗଞ୍ଜେଇ ଜବତ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଲୋକଙ୍କଠାରୁ ଖବର ପାଇ ମନମୁଣ୍ଡା ପୋଲିସ ଗବଜୋର ଯାତ୍ରା ପଡିଆ ନିକଟରେ ସନ୍ଦେହଜନକ ଅବସ୍ଥାରେ ଥିବା ପନିପରିବା ପାଇଁ ବ୍ୟବହୃତ ଏକ ଟାଟା ଏସଇ ଗାଡ଼ିକୁ ଯାଞ୍ଚ କରିଥିଲା । ଗାଡିର କାଚ ଭଙ୍ଗା ଥିବା ଓ ସେଥିରେ ରକ୍ତ ଛିଟା ଲାଗିଥିବା ବେଳେ ଏକ ରକ୍ତଭିଜା ପ୍ୟାଣ୍ଟ ପୋଲିସ ଦେଖିବାକୁ ପାଇଥିଲା । ତେଣୁ ପୋଲିସର ସନ୍ଦେହ ବଢି ଯାଇଥିଲା । ସଙ୍ଗେ ସଙ୍ଗେ ଗାଡିକୁ ଜବତ କରି ମନମୁଣ୍ଡା ଥାନାକୁ ଆଣିଥିଲା । ଯାଞ୍ଚ ବେଳେ ଗାଡିର ଡାଲା ତଳେ ଥିବା ଏକ ଚାମ୍ବରରେ ବିପୁଳ ଗଞ୍ଜେଇ ଥିବା ଜାଣି ପାରିଥିଲା । ଶୁକ୍ରବାର ଅପରାହ୍ନରେ କଣ୍ଟାମାଳ ତହସିଲଦାର ତଥା ମାଜିଷ୍ଟ୍ରେଟ ଶ୍ୱେତପଦ୍ମା ଯୋଶୀଙ୍କ ଉପସ୍ଥିତିରେ ଡାଲା ତଳେ ଥିବା ଗୁପ୍ତ ଚାମ୍ବର ଖୋଲିବାରୁ ଭିତରୁ ଗଞ୍ଜେଇ ପ୍ୟାକେଟ୍ ବାହାରିଥିଲା । ଗଞ୍ଜେଇ ଓଜନ କରିବାରୁ ୧୨୨ କେଜି ହୋଇଥିଲା । ଏ ସମ୍ପର୍କରେ ମନମୁଣ୍ଡା ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଅଧିକ ତଦନ୍ତ କରୁଥିବା ଆଇଆଇସି ରାମ କୁମାର ମୁର୍ମୁ ସୂଚନା ଦେଇଛନ୍ତି । ଏପଟେ କିଏ ଓ କାହିଁକି ଗାଡ଼ି ଛାଡ଼ି ପଳାଇଲା, ଗାଡିରେ ରକ୍ତ ଛିଟା ଓ ରକ୍ତଭିଜା ପ୍ୟାଣ୍ଟ ଥିବାରୁ ପୋଲିସର ଚିନ୍ତା ବଢି ଯାଇଛି । ପ୍ରକାଶଯୋଗ୍ୟ ଯେ, ଗଞ୍ଜେଇ ବ୍ୟବସାୟୀଙ୍କ ପାଇଁ ଗବଜୋର-ବୈଦ୍ୟନାଥ ତେଲ ନଦୀ ଉପରେ ସେତୁ ହେବା ଦିନଠାରୁ ଏଠାରେ ଗଞ୍ଜେଇ ଚୋରା ଚାଲାଣ ବେଧଡ଼କ ଚାଲିଛି । କାରଣ ଏହା ଏକ ଉପାନ୍ତ ଅଞ୍ଚଳ ଯାହାକି ଥାନାଠାରୁ ବହୁ ଦୂର । ଏଠାରେ ପୋଲିସର ଭୟ ନାହିଁ ।


ଜବତ ହୋଇଥିବା ଗଞ୍ଜେଇ ।

# ବ୍ଲକସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତା


ଛାତ୍ରୀମାନେ ଲୋକନୃତ୍ୟ ପରିବେଷଣ କରୁଛନ୍ତି ।

**ଅମରପାଲି,୨୧ା୯(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ନିରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ । ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରି ଦଳଗତ ଲୋକନୃତ୍ୟ ପରିବେଷଣ କରିଥିଲେ । ଏଥିରେ କମିରା ବାପୁଜୀ ହାଇସ୍କୁଲ ପ୍ରଥମ, କେନଝିରିଆପାଲି ପ୍ରାଥମିକ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଆସନ୍ତା ୨୬ ତାରିଖରେ ସୋନପୁର ମହାରାଜା ହାଇସ୍କୁଲରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ଦଳଗତ ଲୋକନୃତ୍ୟ ପ୍ରତିଯୋଗିତାରେ ସେମାନେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଉକ୍ତ ଲୋକନୃତ୍ୟ ପ୍ରତିଯୋଗିତାରେ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ବେହେରା ଓ ଏସ.ଏସ.ପ୍ରିୟଦର୍ଶିନୀ ବିଚାରକ ଦାୟିତ୍ୱ ତୁଲାଇଥିଲେ । ସିଆରସିସି ଉମାଶଙ୍କର ପୂଝାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ସଂକ୍ଷେପରେ**

## ବନ୍ଦଥିବା ଢ଼ାବାରୁ ଚୋରି, ଥାନାରେ ଅଭିଯୋଗ

**ବଡ଼ଗାଁ, ୨୧।୯(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଗରିଆମାଲ ଗାଁ ନିକଟ ରାଜ୍ୟ ରାଜପଥ ପାର୍ଶ୍ୱରେ ଥିବା ସାଜନ ଢ଼ାବାରୁ ଚୋରି ହୋଇଥିବା ସମ୍ପର୍କରେ ଶନିବାର ଢ଼ାବା ମାଲିକ ନିତ୍ୟାନନ୍ଦ ସାହୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନିତ୍ୟାନନ୍ଦଙ୍କ ଅଭିଯୋଗ ଅନୁଯାୟୀ ରାଜପଥ ପାର୍ଶ୍ୱରେ ତାଙ୍କର ଢ଼ାବା ବନ୍ଦ ଥିବାବେଳେ ଚୋର ଦଳ ପାଚେରୀ ଡେଇଁ ଭିତରକୁ ପଶି ଢ଼ାବାରୁ ବୋରୱେଲରେ ଲାଗିଥିବା ସବମର୍ସେବୁଲ ପାଣି ପମ୍ପ, ଡିପ ଫ୍ରିଜର, ଫ୍ରିଜ, ୪ଟା ବଡ଼ ହାଣ୍ଡି ସହିତ ଆଉ କେତେକ ସାମଗ୍ରୀ ଚୋରି କରିଛନ୍ତି। ଶନିବାର ଆସି ଦେଖିବା ପରେ ଚୋରି ହୋଇଥିବା ଜାଣିପାରିଥିଲେ। ଉଲ୍ଲେଖଯୋଗ୍ୟ, ଅଞ୍ଚଳରେ ଚୋରି ବଢ଼ି ଚାଲିଥିଲେ ମଧ୍ୟ ପୋଲିସକୁ ସଫଳତା ମିଳିନାହିଁ।

## ପ୍ରଧାନଶିକ୍ଷକଙ୍କୁ ମାଡ଼ ମାରିଥିବା ଶିକ୍ଷକ ନିଲମ୍ବିତ

**ବଡ଼ଗାଁ, ୨୧।୯(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ କୁରେଇବହାଲ ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିଶଙ୍କର ପାଣିଗ୍ରାହୀଙ୍କୁ ସେହି ସ୍କୁଲର ଶିକ୍ଷକ ସଞ୍ଜୀବ କୁମାର ବିଶି ଗାଳି ଦେବା ଓ ମାଡ଼ ମାରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରିଥିଲା। ମାଡ଼ ମାରିବା ଘଟଣାର ତଦନ୍ତ କରି ବ୍ଲକ ଶିକ୍ଷା ଅଧିକାରୀ ଶାନ୍ତି ମୁନି ସୁରେଖା ହରୋ ଶିକ୍ଷକ ସଞ୍ଜୀବ ବିଶିଙ୍କୁ ନିଲମ୍ବିତ କରିଛନ୍ତି। ସୂଚନା ଅନୁଯାୟୀ, ଶିକ୍ଷକ ସଞ୍ଜୀବ ବିଶି ବିଦ୍ୟାଳୟରେ ସମସ୍ୟା ସୃଷ୍ଟି କରୁଥିବା, ଠିକ ସମୟରେ ଆସୁ ନ ଥିବା, ଛୁଟି ପୂର୍ବରୁ ଚାଲିଯାଉଥିବା, ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉ ନ ଥିବା ବିଦ୍ୟାଳୟ କମିଟି ସଦସ୍ୟମାନେ ଅଭିଯୋଗ କରି ଶିକ୍ଷକଙ୍କୁ ବଦଳି ଦାବି କରିଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ କମିଟି ସଦସ୍ୟ ଓ କେତେକ ୱାର୍ଡ ମେମ୍ବର ଜିଲା ଶିକ୍ଷା ଅଧିକାରୀଙ୍କଠାରେ ଗତମାସ ୩ ତାରିଖ ଲିଖିତ ଅଭିଯୋଗ କରିଥିଲେ। ଗତ ବୁଧବାର ବ୍ଲକ ଶିକ୍ଷା ଅଧିକାରୀ ବିଦ୍ୟାଳୟ ଯାଇ ଅଭିଯୋଗର ତଦନ୍ତ କରିଥିଲେ। ତହିଁ ଆରଦିନ ବିଦ୍ୟାଳୟ ଛାତ୍ରୀଛାତ୍ର ପ୍ରାର୍ଥନା କଳାପରେ ସାଢ଼େ ୧୦ ଟାରେ ପ୍ରଧାନ ଶିକ୍ଷକ ପାଣିଗ୍ରାହୀ ତାଙ୍କ ଅଫିସରେ କାମ କରୁଥିବାବେଳେ ଶିକ୍ଷକ ବିଶି ସେଠାକୁ ଯାଇ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା।

## ସୁଭଦ୍ରା ଯୋଜନାରେ ଟଙ୍କା ନେବା ଅଭିଯୋଗରେ ଗିରଫ

**ରାଉରକେଲା, ୨୧।୯(ସଙ୍ଗୀତା ଜେନା):** ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ଷ୍ଟେଶନ ରୋଡ୍‌ରେ ଥିବା ଏକ ମୋ ସେବା କେନ୍ଦ୍ରର ମାଲିକ ସୁଭଦ୍ରା ଯୋଜନା ପାଇଁ ହିତାଧିକାରୀଙ୍କୁ ୫୦ ଟଙ୍କା ମାଗିଥିବା ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ପ୍ରଶାସନ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୭୩୯/୨୪) ରୁଜୁ କରିଥିଲା। ଶନିବାର ଉକ୍ତ କେନ୍ଦ୍ର ମାଲିକ ବିଜୟ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି।

# ଗୋଠଛଡ଼ା ଦନ୍ତାର ଉପଦ୍ରବ



ବଣାଇଁ ଅଞ୍ଚଳରେ ଦନ୍ତା ଆକ୍ରମଣରେ ଭାଙ୍ଗିଯାଇଥିବା ଘର।

**ବଣାଇଁ, ୨୧।୯(ପ୍ରଦୀପ ତ୍ରିପାଠୀ)**

- ଘୁଷୁରା ଓ କେନାଭେଟା ଗ୍ରାମରେ ୭ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଲା
- ବନବିଭାଗର କାର୍ଯ୍ୟକଳାପ ନେଇ ବଢ଼ୁଛି ଅସନ୍ତୋଷ

ସୁନ୍ଦରଗଡ଼ ଜିଲା ବଣାଇଁ ଆଖାପାଖରେ ହାତୀ ଉପଦ୍ରବ ଥମୁନାହିଁ। ଗୋଟିଏ ଗୋଠଛଡା ଦନ୍ତା ପାଇଁ ବଣାଇଁ ଆଖାପାଖର ପ୍ରାୟ ୨୪ଟି ଗ୍ରାମର ଲୋକେ ଦୀର୍ଘଦିନ ଧରି ଆତଙ୍କିତ ଅବସ୍ଥାରେ ଅଛନ୍ତି। ବଣାଇଁ ବନାଞ୍ଚଳରେ ପ୍ରାୟ ସାତ ମାସ ହେବ ଏକ ଗୋଠଛଡା ଦନ୍ତା ଦୁଇଶହରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ସାରିଥିବାବେଳେ ଘଉଡାଇବା କ୍ଷେତ୍ରରେ ବନ ବିଭାଗର ଅସଫଳତା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପୁଣି ଗତ ରାତିରେ ଏହି ଗୋଠଛଡା ଦନ୍ତା ଘୁଷୁରା ଓ କେନାଭେଟା ଅଞ୍ଚଳର ନରସିଂହପୁର, ଗୋପିନାଥପୁର, ପତ୍ରାପାଲି ବସ୍ତିରେ ପଶି ସାତଟି ଘର ଭାଙ୍ଗି ଦେଇଛି। କ୍ଷତିଗ୍ରସ୍ତ ପରିବାର ଅସହାୟ ମନେ କରି ବିଭାଗର ସହାୟତା ଭିକ୍ଷା କରିଛନ୍ତି। କେନାଭେଟା ଗ୍ରାମର ଗୌରାଙ୍ଗ କୁଅଁର, ଜିତୁ ଛଦିଆ, ପାର୍ବତୀ ବାରିକ ଓ ଦଶମତି ବାରିକଙ୍କ ଘର ଭାଙ୍ଗି ଦେଇ ପୁଣି ତିନି କିଲୋମିଟର ଦୂରରେ ଅବସ୍ଥିତ ଘୁଷୁରା ଗ୍ରାମରେ ଲକ୍ଷ୍ମୀ ପାତ୍ର, ସତ୍ୟଭାମା କିଷାନ ଓ ପାଲା ମୁଣ୍ଡାଙ୍କ ଘର ଭାଙ୍ଗି ଦେଇଛି। ଅପରପକ୍ଷରେ ବଣାଇଁ ବନଖଣ୍ଡର କୋଇଡ଼ା ବନାଞ୍ଚଳରେ ଅନୁରୂପ ଆତଙ୍କ ସୃଷ୍ଟି କରିଥିବା ଏକ ଗୋଠଛଡା ଦନ୍ତାକୁ ଗତ ଦୁଇଦିନ ତଳେ ଜାମୁଡ଼ିହି ଅଞ୍ଚଳରେ ଟ୍ରାଙ୍କୁଲାଇଜ କରି ରେଡିଓକୁଲାର ବ୍ୟବସ୍ଥା ଲଗାଯାଇଛି। ରେଡିଓକୁଲାରର କାମ ହେଲା ଟ୍ରାକିଂ ସିଷ୍ଟମ। ହାତୀ କେଉଁଠି ଅଛି ବା ତାର ଅବସ୍ଥିତି ସମ୍ପର୍କରେ ସୂଚନା ମିଳିବ। ଏହା ବାସ୍ତବିକତା କିନ୍ତୁ କ୍ଷତିଗ୍ରସ୍ତ ବା ଭୟଭୀତ ସାଧାରଣ ଲୋକ ଯେତେବେଳେ ସୂଚନା ଦିଅନ୍ତି ସବୁଜାଣି ମଧ୍ୟ ବନ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉ ନ ଥିବା ଘଟଣାକୁ ତର୍ଜମା କଲେ ଅନେକ ତଥ୍ୟ ସାମ୍ନାକୁ ଆସିବ। ବଣାଇଁ ଅଞ୍ଚଳର ସମାଜସେବୀ ହବିବ ମହମ୍ମଦ ଖାନ ଏଭଳି ଘଟଣାକୁ ଦୃଢ଼ ନିନ୍ଦା କରି ଏକ ଭିଡିଓ ବାର୍ତ୍ତାରେ ହାତୀ ବଦଳରେ ବନ କର୍ମଚାରୀଙ୍କ ଠାରେ ରେଡିଓକୁଲାର ଯନ୍ତ୍ର ଲାଗିଲେ ଲୋକେ ଉପକୃତ ହେବେ ବୋଲି କହିବା ଏବେ ସୋସିଆଲ ମିଡିଆରେ ବେଶ ଭାଇରାଲ ହେବାରେ ଲାଗିଛି। ବହୁ ସଂଖ୍ୟାରେ ଲୋକେ ଏହାକୁ ପସନ୍ଦ କରିଥିବାରୁ ଏଥିରୁ ଜନଅସନ୍ତୋଷ ସ୍ପଷ୍ଟ ବାରିହେଉଛି। କ୍ଷତିପୂରଣ ଦେଇଦେବେ କହି କର୍ତ୍ତବ୍ୟ ଶେଷ ବୋଲି ଭାବୁଥିବା ବିଭାଗକୁ କଟାକ୍ଷ କରିଛନ୍ତି ଅଞ୍ଚଳର ସମାଜସେବୀ। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ପ୍ରଦାନ ସହ ହାତୀକୁ ଅନ୍ୟତ୍ର ନେବାକୁ ସାଧାରଣରେ ଦାବି ହେଉଛି।

# ଧାନବିଲରେ ପଶି ଚାଷ ନଷ୍ଟ କଲେ ହାତୀପଲ

**ବଡ଼ଗାଁ, ୨୧।୯(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳକୁ ଆସିଥିବା ୨୧ ଟିକିଆ ହାତୀପଲ ଉପଦ୍ରବ ଆରମ୍ଭ କରିଛନ୍ତି। ଦେଢ଼ ମାସ ହେଲା ୩ଟି ହାତୀ ଚାଷ ନଷ୍ଟ କରିବା ସହିତ ଘର ଭାଙ୍ଗି ଚାଉଳ ଖାଇବା ଦେଖା ଯାଇଥିଲା। ମହାବୀର ପର୍ବତରେ ଅବସ୍ଥାନ କରୁଥିବା ୨୧ ଟିକିଆ ହାତୀପଲ ଶୁକ୍ରବାର ରାତିରେ ପର୍ବତରୁ ଓହ୍ଲାଇ ପର୍ବତ ତଳି ବିର୍ସୁ ଓ କାଦୋପଡ଼ା ଗାଁ ନିକଟ ଚାଷ ଜମିରେ ମାଡ଼ିଦଳି ଚାଷ ନଷ୍ଟ କରିଦେଇଛନ୍ତି। ରାତି ସାଢ଼େ ୧୧ ଟାରେ ହାତୀପଲ ପ୍ରଥମେ କାଦୋପଡ଼ା ଗାଁ ନିକଟ ଧ୍ରୁବ ଧରୁଆ ଓ ଆଉ କେତେକ ଚାଷୀଙ୍କ ବିଲରେ ପଶି ଚାଷ ନଷ୍ଟ କରିଥିଲେ। ଗ୍ରାମବାସୀ ଘଉଡ଼ାଇବାରୁ ବିର୍ସୁ ଗ୍ରାମ ପଟକୁ ଆସି କୈଳାସ ଭଇସାଲ, ରଥି କିଷାନ, ଲବ କିଷାନ, ଗୁରୁବାରୀ ଖଡିଆଙ୍କ ଧାନ ବିଲରେ ପଶି ଚାଷ ନଷ୍ଟ କରିଥିଲେ। ତେବେ ଧାନ ଅମଳ ହେବା ପର୍ଯ୍ୟନ୍ତ ହାତୀପଲ ଅଞ୍ଚଳରୁ ନ ଗଲେ ଧାନ ଫସଲ ଖାଇଯିବେ ବୋଲି ଚାଷୀମାନଙ୍କ ମଧ୍ୟରେ ଆଲୋଚନା ହେଉଛି।



ବିର୍ସୁ ଗ୍ରାମ ନିକଟ ଜମିରେ ହାତୀପଲ ଚାଷ ନଷ୍ଟ କରିଛନ୍ତି।



ମାସିକ ବୈଠକରେ ଉପସ୍ଥିତ ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀ।

# ପ୍ରଧାନ ଶିକ୍ଷକଙ୍କ ବ୍ଲକସ୍ତରୀୟ ମାସିକ ବୈଠକ

**ସବ୍‌ଡେଗା, ୨୧।୯(ଅନନ୍ତ ପଟେଲ)**

ସବ୍‌ଡେଗା ବ୍ଲକ ଅନ୍ତର୍ଗତ ଛତାସର୍ଗି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସବ୍‌ଡେଗା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ନେଇ ବ୍ଲକସ୍ତରୀୟ ମାସିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବ୍ଲକର ୧୮ଜଣ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। ସବ୍‌ଡେଗା ବ୍ଲକ ଶିକ୍ଷା ଅଧିକାରୀ କାଦମ୍ବିନୀ ମିଶିରଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ଏହି ବୈଠକରେ ଉତ୍କର୍ଷ, ମାସିକ ପାଠ୍ୟକ୍ରମ ଯୋଜନା, ଆକାଂକ୍ଷୀ ପାଠ୍ୟକ୍ରମ, ୟୁଡାଇସ, ଜାତୀୟ ଉପଲବ୍ଧି ସର୍ଭେକ୍ଷଣ, ଖାନ ଏକାଡେମୀ, ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ଇତ୍ୟାଦି ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସମସ୍ତ ପ୍ରଧାନ ଶିକ୍ଷକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛତାସର୍ଗିର କମ୍ପ୍ୟୁଟର ଲାବ, ବିଜ୍ଞାନ ଗାର, ପାଠାଗାର, ସ୍ମାର୍ଟ କ୍ଲାସ ଆଦି ପରିଦର୍ଶନ କରି ଆବଶ୍ୟକ ମତାମତ ସ୍ଥାନୀୟ ପ୍ରଧାନ ଶିକ୍ଷକଙ୍କୁ ଦେଇଥିଲେ। ଏବିଇଓ ମୁକ୍ତେଶ୍ୱରୀ ପଟେଲଙ୍କ ତତ୍ତ୍ୱାବଧାନରେ ଓ ପ୍ରଧାନ ଶିକ୍ଷକ ଶଶୀବାଦୀ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଶେଷରେ ସହକାରୀ ଶିକ୍ଷକ ବଲ୍ଲଭ ତନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଦେଶୀମଦ ଚାଲାଣ, ୪ ଗିରଫ

**ରାଉରକେଲା, ୨୧।୯(ବିପ୍ଳବ ରଞ୍ଜନ ଦାଶ)**

ଦେଶୀ ରନ୍ଧାମଦ ଚାଲାଣ ଅଭିଯୋଗରେ ରାଉରକେଲା ଅବକାରୀ ବିଭାଗ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମଦ ବିକ୍ରେତା ଏମ୍‌ଡି. ତାମିର (୨୨), ସିକନ୍ଦର ସାହୁ(୨୫), ବିନୋଦ ବକ୍ସଲା(୫୦) ଏବଂ ଗାଡି ଚାଳକ ସଞ୍ଜୟ ସିହ୍ନା(୨୯)। ଏହିଘଟଣାରେ ମୁଖ୍ୟ ଅଭିଯୁକ୍ତ ଫେରାର ଅଛନ୍ତି। ତାଙ୍କୁ ଧରିବା ପାଇଁ ବିଭାଗ ପକ୍ଷରୁ ତନାଘନା କରାଯାଉଛି। ଏହି ଘଟଣାରେ କାର୍ ସହ ୫୪୦ ଲିଟର ରନ୍ଧା ମହୁଲି ମଦ ଜବତ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା (ନ.୧୧୨/୨୪) ରୁଜୁ ହୋଇଛି। ସୂଚନା ଅନୁସାରେ, ଦେଶୀ ରନ୍ଧାମଦ ଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ କର୍ମଚାରୀମାନେ ଶନିବାର ସକାଳେ ବାସନ୍ତୀ କଲୋନୀ ଡି.ଏଲ ଛକରେ ଚଢାଉ କରି ମହୁଲି ମଦ ବୋଝେଇ ଏକ କାର୍ (ନଂ.ଓଆର୧୫ଭି/୪୭୬୬)କୁ ଅଟକାଇଥିଲେ। ଯାଞ୍ଚ ବେଳେ କାର୍‌ରୁ ୫୪୦ ଲିଟର ରନ୍ଧା ଦେଶୀ ମହୁଲି ମଦ ଜବତ କରାଯାଇଥିଲା। ଏହି ଚଢାଉରେ ରାଉରକେଲା ଅବକାରୀ ଥାନାଧିକାରୀ ମୋହନ ପ୍ରଧାନ, ଅବକାରୀ ଥାନା ଓଆଇସି ମନୁ ଆୟେଲ, ଆକାଶ ସାହୁ, ଏସ୍‌ଆଇ ଅଜୟ ପ୍ରଧାନ, ଓଆଇସି ଏମ୍‌ଡି ଶୈଖ, ସୂର୍ଯ୍ୟକାନ୍ତ ସ୍ୱାଇଁ ଓ ଆକାଶ ପଟେଲ ପ୍ରମୁଖ ସାମିଲ ହୋଇଥିଲେ।

## ପୌରାଧ୍ୟକ୍ଷାଙ୍କ ବିରୋଧରେ ଆଗତ ନିର୍ବାଚନୀ ଅନିୟମିତତା ପିଟିଶନ ମାମଲା ଖାରଜ

**ସୁନ୍ଦରଗଡ଼, ୨୧।୯(ଜୟନାରାୟଣ ମେଣ୍ଡୁଲି)**

ଜିଲା ଦୌରାଜଜ୍ ଶିଖାରାଣୀ ରଥ ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ରଙ୍କ ବିରୋଧରେ ଆଗତ ନିର୍ବାଚନୀ ଅନିୟମିତତା ପିଟିସନ ମାମଲାକୁ ଖାରଜ କରିଦେଇଛନ୍ତି। ଗତ ୨୦୨୨ପୌରନିର୍ବାଚନରେ ତନୟା ମିଶ୍ରଙ୍କ ବିଜୟକୁ ଚାଲେଞ୍ଜ କରି ତାଙ୍କ ସହିତ ପ୍ରତିଦ୍ୱନ୍ଦିତା କରୁଥିବା ସ୍ୱାଧୀନ ପ୍ରାର୍ଥିନୀ ନିନିମା ପଟେଲ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ନିର୍ବାଚନ ସମୟରେ ବିଜୟୀ ପୌରାଧ୍ୟକ୍ଷା ମିଶ୍ର ମିଥ୍ୟା ସତ୍ୟପାଠ ସହ ମୃତବ୍ୟକ୍ତିଙ୍କ ନାମରେ ଭୋଟ ହାତେଇ ବିଜୟୀ ହୋଇଥିବା ନେଇ ପିଟିସନ ଦାୟର କରି ତାଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବାକୁ ନିବେଦନ କରିଥିଲେ। ଜିଲା ଦୌରାଜଜ୍ ନିର୍ବାଚନୀ ମିସ୍ କେଶ ନମ୍ବର ୨/୨୦୨୨ରେଏହି ପିଟିସନକୁ ବିଚାର ପାଇଁ ଗ୍ରହଣ କରିଥିଲେ। ଉଭୟ ପକ୍ଷର ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଗ୍ରହଣ କରି ଗତ ୫ତାରିଖରେ ଏହି ପିଟିସନର ବିଚାରକରି ଶୁକ୍ରବାର ଏହି ମାମଲାର ରାୟ ଶୁଣାଣି କରିଥିଲେ। କୋର୍ଟ ତାଙ୍କ ରାୟରେ ପୌରାଧ୍ୟକ୍ଷା ମିଶ୍ରଙ୍କ ନିର୍ବାଚନରେ କୌଣସି ଅନିୟମିତତାର ପ୍ରମାଣ ନ ପାଇ ତାଙ୍କ ବିରୋଧରେ ଆସିଥିବା ଏହି ପିଟିସନକୁ ଦୌରାଜଜ୍ ଖାରଜ କରିଦେଇଥିଲେ। ପୌରାଧ୍ୟକ୍ଷାଙ୍କ ପକ୍ଷରୁ ଆଡଭୋକେଟ ସୁକାନ୍ତ କୁମାର ମହାପାତ୍ର ଏହି ମାମଲାର ପରିଚାଳନା କରୁଥିଲେ।

# ବଣାଇଁ ସହରରୁ ବାଇକ୍ ଚୋରି

**ବଣାଇଁ, ୨୧।୯(ପ୍ରଦୀପ ତ୍ରିପାଠୀ)**

- ତିନିଜଣ ଦୁର୍ବୃତ୍ତ ୨ଟି ବାଇକ୍ ଚୋରି କରିଥିଲେ
- ତେଲ ନ ଥିବାରୁ ଗୋଟେ ବାଇକ୍ ଛାଡି ଫେରାର

ବଣାଇଁ ଉପଖଣ୍ଡର ସଦର ମହକୁମା ରଥ ଛକ ନିକଟରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରମାନେ ଦୁଇଟି ବାଇକ୍ ଚୋରି କରିବା ପ୍ରଚେଷ୍ଟା ପରେ ଗୋଟିଏ ବାଇକରେ ତେଲ ନ ଥିବାରୁ କେବଳ ଗୋଟିଏ ବାଇକ ଚୋରି କରି ଚମ୍ପଟ ମାରିଛନ୍ତି। ଘଟଣାରୁ ପ୍ରକାଶ ଯେ, ବଣାଇଁ ରଥ ଛକରେ ଥିବା ବିଜୟଲକ୍ଷ୍ମୀ ଦାସଙ୍କ ଘରେ ଭଡ଼ାରେ ରହୁଥିବା ସମ୍ପଦ ମହାନ୍ତି ଓ ଦୋଳାନନ୍ଦ ଜେନାଙ୍କ ଦୁଇଟି ବାଇକ୍ ଘର ସମ୍ମୁଖରେ ସବୁ ଦିନ ଭଳି ଥିଲା। ଉଭୟ ବାଇକ୍ ଲକ ହୋଇଥିବା ବେଳେ ବିଳମ୍ବିତ ରାତିରେ ତିନିଜଣ ଦୁର୍ବୃତ୍ତ ବାଇକର ତାଲା ଭାଙ୍ଗି ଉଭୟ ବାଇକକୁ ସେଠାରୁ ନେଇଯାଇଥିଲେ। କିଛି ଦୂରରେ ଗୋଟେ ବାଇକ (ବୁଲେଟ) ଓଡ଼ି ୧୪ ଏଏ-୩୫୩୫ ର ତେଲ ସରିଯିବା ଯୋଗୁଁ ତାକୁ ଛାଡି ଅନ୍ୟ ବାଇକ ଧଳା ରଙ୍ଗର ଆପାଚି ଓଡ଼ି ୦୨ ବିଜେଡ୍ ୭୦୧୮ କୁ ନେଇ ଚମ୍ପଟ ମାରିଥିଲେ। ଚୋରି ଯାଇଥିବା ବାଇକ୍ ମାଲିକ ସମ୍ପଦ ମହାନ୍ତି ଶନିବାର ବଣାଇଁ ଥାନାରେ ଅଭିଯୋଗ କଲା ପରେ ପୋଲିସ ଏକ ଚୋରି ମାମଲା (ନଂ.୧୯୫/୨୪) ରୁଜୁ କରି ଆଖାପାଖର ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ ଜାରି ରଖିଥିବା ଜଣାପଡିଛି।

# ଖଟିଆରେ ବୁହାହେଲେ ରୋଗୀ



ମହିଳାଙ୍କୁ ଖଟିଆରେ ନିଆଯାଉଛି।

**ସୁନ୍ଦରଗଡ଼, ୨୧।୯(ଜୟନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ତେଲେନଡିହି ପଞ୍ଚାୟତ ଅନ୍ତର୍ଗତ ଗମଲାପଡ଼ାରେ ଶନିବାର ଜଣେ ମହିଳା ରୋଗୀଙ୍କୁ ଖଟିଆରେ ବୁହାଯାଇଛି। ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସ ଗାଁରେ ପହଞ୍ଚି ପାରି ନ ଥିଲା। ତେଣୁ ମହିଳାଙ୍କ ସମ୍ପର୍କୀୟମାନେ ଘରୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଖଟିଆରେ ବୋହି ଆଣିଥିଲେ। ମୁଖ୍ୟ ରାସ୍ତାଠାରୁ ପ୍ରାୟ ଏକ କିମି ଦୂରରେ ଥିବାରୁ ଏହି ଗାଁକୁ ଏପର୍ଯ୍ୟନ୍ତ ଭଲ ରାସ୍ତା ନାହିଁ। କାଦୁଅ ପଚପଚ ରାସ୍ତାରେ ଆମ୍ବୁଲାନ୍ସ ଗାଁକୁ ପହଞ୍ଚି ପାରି ନ ଥିଲା। ରାସ୍ତା ଦୁରାବସ୍ଥା ନେଇ ଗ୍ରାମବାସୀ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ସାଇବର ଠକେଇର ଶିକାର ଆଶା, ଅଙ୍ଗନୱାଡ଼ି କର୍ମୀ, ଗର୍ଭବତୀ

**ଲହୁଣୀପଡ଼ା, ୨୧।୯(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ରାଜାମୁଣ୍ଡା ପଞ୍ଚାୟତ ରାଜାମୁଣ୍ଡା ଗ୍ରାମରେ ସାଇବର ଠକେଇର ଶିକାର ହୋଇଥିବା ଗର୍ଭବତୀଙ୍କ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ ଥାନାରେ ଅଭିଯୋଗ କରିବା ପରେ ଅଙ୍ଗନୱାଡି କର୍ମୀଙ୍କୁ ଥାନାରେ ବସାଇ ଅଭିଯୋଗକାରିଣୀଙ୍କୁ ଛାଡି ଦେବା ପ୍ରତିବାଦରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ବହୁ ସଂଖ୍ୟାରେ ଥାନା ପରିସରରେ ଉପସ୍ଥିତ ହେବା ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ରାଜାମୁଣ୍ଡା ଗ୍ରାମର ଅଙ୍ଗନୱାଡି କର୍ମୀଙ୍କୁ ଶୁକ୍ରବାର ଅପରାହ୍ନ ପ୍ରାୟ ସାଢ଼େ ୪ଟାରେ ୮୪୩୪୬୭୮୩୭୦ ନମ୍ବରରୁ ଏକ ଫୋନ କଲ ଆସିଥିଲା। ଦିଲ୍ଲୀ ସ୍ୱାସ୍ଥ୍ୟ ବିଭାଗ ତରଫରୁ କହୁଥିବା ଜଣେ ବ୍ୟକ୍ତି କହିଥିଲେ। ଗ୍ରାମର ଗର୍ଭବତୀ ମାଳତୀ କିଷାନଙ୍କୁ ମମତା ଯୋଜନାର ଅର୍ଥ ମିଳି ସାରିଛି କି ନାହିଁ। ଅଙ୍ଗନୱାଡି କର୍ମୀ ମନା କରିବାରୁ ସେ କହିଲେ, ତମେ ଟିକେ ଲାଇନରେ ଥାଅ ମୁ ଟିକେ ମାଳତୀ କିଷାନ ସହିତ କଥା ହେଉଛି ବୋଲି କହି ଅଙ୍ଗନୱାଡ଼ି କର୍ମୀଙ୍କ ନମ୍ବରକୁ ହୋଲ୍ଡ କରିଦେଇ ମାଳତୀ କିଷାନଙ୍କୁ ଫୋନ କରି ସ୍ୱାସ୍ଥ୍ୟବସ୍ଥା ପଚାରିବା ସହିତ ଅଣ୍ଡା, ଛତୁଆ ନିୟମିତ ମିଳୁଛି କି ନାହିଁ ପଚାରିଥିଲେ। ଲାଇନରେ ତମର ଅଙ୍ଗନୱାଡି କର୍ମୀ ଅଛନ୍ତି। ତମେ ମମତା ଯୋଜନାର ଅର୍ଥ ରାଶି ପାଇଛ କି ନାହିଁ ଯଦି ପାଇନ ତା'ହେଲେ ଏକ ଓଟିପି ନମ୍ବର ଯାଉଛି ତାକୁ କ୍ଲିକ କଲେ ତମେ ମମତା ଯୋଜନାର ଟଙ୍କା ପାଇ ପାରିବ ବୋଲି କହିବାରୁ ମାଳତୀ କିଷାନ ଆସିଥିବା ଓଟିପିରେ କ୍ଲିକ କରି ଦେବାରୁ ବ୍ୟାଙ୍କ ପାସବୁକରୁ ୨୦ ହଜାର ଟଙ୍କା କଟି ଯାଇଥିଲା। ଫଳରେ ମାଳତୀ କିଷାନ ଅଙ୍ଗନୱାଡି କର୍ମୀଙ୍କ ନାମରେ ଲହୁଣୀପଡ଼ା ଥାନାରେ ଶୁକ୍ରବାର ସନ୍ଧ୍ୟାରେ ଲିଖିତ ଅଭିଯୋଗ କରିଥିବାରୁ ଲହୁଣୀପଡ଼ା ପୋଲିସ ଉଭୟଙ୍କୁ ଶନିବାର ଦିନ ସାଢେ ଦଶଟାରେ ଥାନାକୁ ଡାକି ପଚରାଉଚରା କରିଥିଲେ। ଏହା ସହିତ ମାଳତୀ କିଷାନ ଗର୍ଭବତୀ ଥିବାରୁ ଛାଡ଼ି ଅଙ୍ଗନୱାଡି କର୍ମୀଙ୍କୁ ଥାନାରେ ବସାଇ ରଖିଥିଲେ। ଏ ସଂକ୍ରାନ୍ତରେ ଅଙ୍ଗନୱାଡି କର୍ମୀ ନିଜର ସୁପରଭାଇଜର ସିଡିପିଓ ଏବଂ ଅଙ୍ଗନ୍‌ୱାଡି କର୍ମୀ ସଂଘ କର୍ମକର୍ତ୍ତାଙ୍କୁ ଅବଗତ କରାଇବା ପରେ ବହୁ ସଂଖ୍ୟାରେ କର୍ମୀ ସହାୟିକା, ସୁପରଭାଇଜର, ସିଡିପିଓ ପୁଷ୍ପାଲତା ନାୟକ, ସମାଜସେବୀ ନମିତା ମାହାନ୍ତ ଆସି ଲହୁଣୀପଡ଼ା ଥାନା ଅଧିକାରୀ ସୁରଜ କୁମାର ଝାଙ୍କରଙ୍କ ସହିତ ଆଲୋଚନା କରିଥିଲେ। ପରେ ଯେହେତୁ ମାଳତୀ କିଷାନ ନିଜ ଓଟିପି ଦେଇ ଥିବାରୁ ସାଇବର ଠକେଇ ହୋଇଥିବା ସ୍ପଷ୍ଟ ପ୍ରମାଣିତ ହେବା ପରେ ମାଳତୀ କିଷାନ ଅଭିଯୋଗପତ୍ରକୁ ପ୍ରତ୍ୟାହାର କରି ନେବାରୁ ଏକ ପ୍ରକାର ପରିବେଶ ଶାନ୍ତ ପଡିଥିଲା। କେବଳ ସେତିକି ନୁହେଁ ଏହି ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ କପଣ୍ଡ ଗ୍ରାମର ଅଙ୍ଗନୱାଡି କର୍ମୀ ସବିତା କିଷାନଙ୍କୁ ମଧ୍ୟ ଫୋନ ଆସିଥିଲା। ସେହି ଗ୍ରାମର ଦୀପିକା ମାହାନ୍ତଙ୍କୁ ମଧ୍ୟ ସମାନ ଢଙ୍ଗରେ ପଚାରି ତାଙ୍କର ପାସବୁକରୁ ଟଙ୍କା କାଟି ନେଇଯିବା ଘଟଣା ଦୀପିକା ମାହାନ୍ତ ପରିବାର ଲୋକଙ୍କୁ ଜଣାଇବାରୁ ପରିବାର ଲୋକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବାରୁ ୧୦ ହଜାର ଟଙ୍କା ତଥାକଥିତ ଡାକ୍ତର ଫେରାଇ ଦେଇଥିଲେ। କେବଳ ସେତିକିରେ ସୀମିତ ନୁହେଁ, ଅଙ୍ଗନୱାଡି କେନ୍ଦ୍ରରେ ସହାୟିକା ଭାବେ ନିଯୁକ୍ତି ପାଇବାକୁ ଥିବା ସୁମିତ୍ରା ମୁଣ୍ଡାରୀ, ଅସରାନ୍ତ ମୁଣ୍ଡାଙ୍କୁ ମଧ୍ୟ ସମାନ ଢଙ୍ଗରେ ଫୋନ ଆସିଥିଲେ ସୁଦ୍ଧା ଏମାନଙ୍କ ସହିତ ଆଉ କେତେକ ଆଶା କର୍ମୀଙ୍କ ପାଖରୁ କୌଣସି ଅର୍ଥ ନେଇ ପାରି ନ ଥିବା ଜଣାପଡ଼ିଛି। ଉକ୍ତ ଘଟଣାରେ ଲହୁଣୀପଡ଼ା ପୋଲିସ ଉପଯୁକ୍ତ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାରେ କେତେଦୂର ସଫଳ ହେଉଛି ତାହା ଜଣାପଡ଼ିବ।

# ଶିକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପିତ

**କୁଆଁରମୁଣ୍ଡା, ୨୧।୯(ମହେନ୍ଦ୍ର କୁମାର ସାହୁ)**

ମହାଭାରତରେ ଏକଲବ୍ୟ ଯେଉଁଭଳି ଆଦର୍ଶ ଶିଷ୍ୟର ପରିଚୟ ଦେଇଛନ୍ତି ସେହିପରି ସାମ୍ପ୍ରତିକ ସମାଜରେ ଆଦର୍ଶ ଛାତ୍ରୀଛାତ୍ର ନିର୍ମାଣ ଉଦ୍ଦେଶ୍ୟରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି। ଉକ୍ତ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରୁ ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୟତମ। ଅନୁରୂପ ଭାବେ ୫ମ ରାଜ୍ୟସ୍ତରୀୟ ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କୁଆଁରମୁଣ୍ଡା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଶୁକ୍ରବାର ଉଦ୍‌ଘାଟିତ ହୋଇଥିବାବେଳେ ଶନିବାର ଏହି କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ପିଏ ଆଇଟିଡିଏ ପରମାନନ୍ଦ ପୃଷ୍ଟି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, ନେଭିଲ କେରକେଟା, ବ୍ଲକ ଅଧ୍ୟକ୍ଷା ଜ୍ୟୋତି କେରକେଟା, ବିଡ଼ିଓ ଗଙ୍ଗାରାମ ବୁଡେକ, ତହସିଲଦାର ଚନ୍ଦ୍ରଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଦିବସରେ ଏଡିଡବ୍ଲ୍ୟୁଓ ଭରତ ଗୁରୁ ମୁଖ୍ୟ




ରାଜ୍ୟସ୍ତରୀୟ ଶିକ୍ଷା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥିମାନେ।

ଅତିଥିଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକ ଯୋଗଦେଇ ଛାତ୍ରୀଛାତ୍ର ନିଜ ରୁଚି ଅନୁଯାୟୀ ବୃତ୍ତି ଚୟନ କଲେ ସେମାନେ ସେହି କ୍ଷେତ୍ରରେ ବେଶ ସଫଳତା ପାଇପାରିବେ ବୋଲି ପରାମର୍ଶ ଦେଇଥିଲେ। ଏଥିରେ କୁଆଁରମୁଣ୍ଡା ଅତିରିକ୍ତ ତହସିଲଦାର ଚନ୍ଦ୍ରଜିତ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ମଞ୍ଜରୀ ରଥ ପ୍ରମୁଖ ମଞ୍ଚସୀନ ଥିଲେ। ଉଭୟ କାର୍ଯ୍ୟକ୍ରମରେ କୁଆଁରମୁଣ୍ଡା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ମନୋଜ ଶତପଥୀ ଉପସ୍ଥିତ କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମଗ୍ର ରାଜ୍ୟରେ ଥିବା ୩୨ଟି ଇଏମ୍‌ଆର୍‌ଏସ ରୁ ୩୦ଟି ଅଂଶଗ୍ରହଣ କରିଥିଲେ। କୁଆଁରମୁଣ୍ଡାରେ ୬ଟି ବିଭାଗରେ ୨ଶହ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧ମ ହୋଇଥିବା ବିଦ୍ୟାଳୟ ଆସନ୍ତା ଜାତୀୟ ସ୍ତରୀୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ବୋଲି ଡବ୍ଲ୍ୟୁଇଓ ମନୋଜ ଶତପଥୀ ସୂଚନା ଦେଇଛନ୍ତି। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷ କୁଶଧର କୁଅଁର ଏବଂ ଶିକ୍ଷକମାନେ ସହଯୋଗ କରିଥିଲେ।

# ସ୍ଥାନାନ୍ତର ହେବ ମ୍ୟୁନିସିପାଲିଟି ବସ୍ ଟର୍ମିନାଲ

ଦେବଗଡ଼,୨୧।୯(ଶଶାଙ୍କଶେଖର ଝାଙ୍କର)

ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ବିକାଶ ଭବନ କକ୍ଷରେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବସ୍‌ଯାତ୍ରୀଙ୍କ ସୁରକ୍ଷା ଉପରେ ବିଶେଷ ଧ୍ୟାନ ଦିଆଯାଇଥିବା ଜଣାପଡିଛି। ଦେବଗଡ଼ ସହର ଭିତରେ ଦୀର୍ଘ ବର୍ଷ ହେଲା ଅସ୍ଥାୟୀ ଭାବେ ବସଷ୍ଟାଣ୍ଡ ଚାଲି ଆସୁଥିବାବେଳେ ନୂଆବାଲିରୋଇରେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ବସଷ୍ଟାଣ୍ଡକୁ ସ୍ଥାନାନ୍ତର ପାଇଁ ଆଲୋଚନା ହୋଇଛି। ନୂଆବାଲିରୋଇରେ ନିର୍ମାଣ ହୋଇଥିବା ନୂତନ ବସଷ୍ଟାଣ୍ଡ ପୌର ପରିଷଦକୁ ପୂର୍ତ୍ତ ବିଭାଗ ଖୁବଶୀଘ୍ର ହସ୍ତାନ୍ତର କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୌର ପରିଷଦ ବସଷ୍ଟାଣ୍ଡ ପରିଚାଳନା ଦାୟିତ୍ୱ ପାଇବା ପରେ ଖୁବଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ଆଲୋଚନା ହୋଇଥିଲା। ନୂତନ ବସଷ୍ଟାଣ୍ଡରେ ସିସି କ୍ୟାମେରା, ସିକ୍ୟୁରିଟି, ପୋଲିସ ପାଟ୍ରୋଲିଂ, ଟ୍ରାଫିକ ପୋଲିସ, ସ୍ପିଡ ବ୍ରେକର ଆଦିର ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ପରାମର୍ଶ କରିଥିଲେ। ଏଥିସହ ବସଷ୍ଟାଣ୍ଡ ନିକଟରେ ଦୋକାନ ଗୃହ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ନୂତନ ବସଷ୍ଟାଣ୍ଡ କାର୍ଯ୍ୟକ୍ଷମ ପୂର୍ବରୁ ବସଯାତ୍ରୀ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ବୈଠକରେ ଆଲୋଚନା ହୋଇଥିଲା । ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରୀକ୍ଷୀତ ସାହୁ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାୟକ, ଭାରପ୍ରାପ୍ତ ପୌର ପରିଷଦ ନିର୍ବାହୀ ଅଧିକାରୀ ରାଜୀବ ଲୋଚନ ନାୟକ, ପୋଲିସ ବିଭାଗ ଡିଏସପି ସୌମ୍ୟରଞ୍ଜନ ମଲ୍ଲିକ, ଜିଲା ଘରୋଇ ବସ ମାଲିକ ସଂଘ ସଦସ୍ୟ ଏବଂ ବିଭିନ୍ନ ବିଭାଗର ଅଧିକାରୀ ସାମିଲ ଥିଲେ।


ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ପାଇଁ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀ।

# ମଙ୍ଗଳ ବଜାର ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ


ବିପର୍ଯ୍ୟସ୍ତ ଅବସ୍ଥାରେ ପଡ଼ି ରହିଛି ମଙ୍ଗଳ ବଜାର ଅଞ୍ଚଳ।

ଝାରସୁଗୁଡ଼ା, ୨୧।୯ (ସଞ୍ଜୟ ମାଲି)

ସହର ସ୍ଥିତ ୨୨ ନମ୍ବର ୱାର୍ଡ ମଙ୍ଗଳ ବଜାର ଓ ମୁଙ୍ଗାପଡ଼ା ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାର ଦୀର୍ଘ ଦିନରୁ ଅଭିଯୋଗ ହେଉଛି। ମୁଙ୍ଗାପଡ଼ା ଅଞ୍ଚଳର ଧର୍ମଶାଳା ଛକ, ମନମୋହନ ସ୍କୁଲ ପାଖ, ବଙ୍ଗାଳୀ ପଡ଼ା ଛକ ସମେତ ବିଭିନ୍ନ ଅଞ୍ଚଳରେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବାର ଦେଖିବାକୁ ମିଳୁଛି। ରୋଡ଼ର ଏଣେ ତେଣେ ଆବର୍ଜନା ପଡ଼ିଥିବା ଦେଖିବାକୁ ମିଳିଛି। ଗତ କିଛି ଦିନ ହେବ ବଙ୍ଗାଳୀପଡ଼ା ବ୍ୟାଙ୍କ ସମ୍ମୁଖରେ କୁଢ଼ କୁଢ଼ ଅଳିଆ ଆବର୍ଜନା ରୋଡ ଉପରେ ପଡିଥିବାର ଦେଖିବାକୁ ମିଳୁଛି। ରାସ୍ତା କଡ଼ରେ ଅସ୍ଥାୟୀ ଦୋକାନ ଥିବାବେଳେ ଅଳିଆ ଆବର୍ଜନା ପକାଉଥିବାର ପରିଲକ୍ଷିତ ହେଉଛି। ଅଳିଆ ଆବର୍ଜନା ପଡ଼ିବା ସ୍ଥାନ ନିକଟରେ ମୁଖ୍ୟ ରାସ୍ତା ଥିବାରୁ ଗାଡ଼ି ମୋଟର ତଥା ବାଟୋଇ ଯିବା ଆସିବା ସମୟରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ସମୟରେ ଏହାର ଆଖପାଖ ଅଞ୍ଚଳରେ ରହୁଥିବା ଲୋକେ ଦୁର୍ଗନ୍ଧ ହେଉଥିବା ଅଭିଯୋଗ କରିଛନ୍ତି। କିନ୍ତୁ ପୌର ପୌରପରିଷଦ ସଫେଇ କର୍ମଚାରୀଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ଏହିପରି ପରିସ୍ଥିତି ସୃଷ୍ଟି ହୋଇଛି। ଏହା ମେନ ରୋଡ ଥିବାରୁ ପ୍ରତିଦିନ ଆଖପାଖ ଅଞ୍ଚଳରେ ରହିଥିବା ଛାତ୍ରୀଛାତ୍ର, ପୁରୁଷ, ମହିଳା, ଯୁବକ ଯୁବତୀ ସମେତ ବରିଷ୍ଠ ନାଗରିକ ଯିବା ଆସିବା ସମୟରେ ଅସୁବିଧା ଭୋଗୁଛନ୍ତି। କୁଢ଼କୁଢ଼ ଅଳିଆ ଆବର୍ଜନା ପଡ଼ି ପୁତି ଗନ୍ଧମୟ ହେବା ଫଳରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତ। ପୌର ପରିଷଦ ପକ୍ଷରୁ ମୁଖ୍ୟ ରାସ୍ତା ସଫାସୁତୁରା କରୁଥିବାବେଳେ ଗଳି କନ୍ଦି ସଫାସୁତୁରା କରୁ ନ ଥିବାର ପରିଲକ୍ଷିତ ହେଉଛି। ଅନ୍ୟପଟେ ନିକଟରେ ଥିବା ମୁଖ୍ୟ ରାସ୍ତା ନାଳ ଉପରେ କୁଢ଼କୁଢ଼ ଅଳିଆ ଆବର୍ଜନାରେ ମଦ ବୋତଲ ପଡିଥିବାର ଦେଖିବାକୁ ମିଳୁଛି। ଏଥିପ୍ରତି ପୌର ପରିଷଦ ପକ୍ଷରୁ ବ୍ୟାପକ ପଦକ୍ଷେପ ନେଇ ସଫାସୁତୁରା ପ୍ରତି ଧ୍ୟାନ ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# ହିଣ୍ଡାଲ୍‌କୋ ପକ୍ଷରୁ ମାନବିକ ଅଧିକାର ସମ୍ମିଳନୀ

ସମ୍ବଲପୁର,୨୧।୯(ବି.ଶଙ୍କର)

ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ ଲିମିଟେଡ ଓ ଓଡ଼ିଶା ମାନବ ଅଧିକାର ଆୟୋଗଙ୍କ ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ କ୍ଲବ ହାଉସ୍‌ଠାରେ କାର୍ଯ୍ୟକ୍ରମ ହୋଇଥିଲା । ମାନବ ଅଧିକାର ଆୟୋଗ ମୁଖ୍ୟ ଜଷ୍ଟିସ ଶତ୍ରୁଘ୍ନ ପୂଜାହାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ଓଡ଼ିଶା ମାନବ ଅଧିକାର ଆୟୋଗ ପୂର୍ବତନ ଅଧ୍ୟକ୍ଷ ଜଷ୍ଟିସ ବିମଳ ପ୍ରସାଦ ଦାସ ସମ୍ମିଳନୀର ଉଦ୍‌ଘାଟକ ଥିଲେ । ମାନବ ଅଧିକାର ଆୟୋଗ ସଦସ୍ୟ ଅସୀମ ଅମିତାଭ ଦାଶ ଓ ଚିତ୍ତରଞ୍ଜନ ମହାପାତ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର, ହିଣ୍ଡାଲକୋର ମାନବ ସମ୍ବଳ ମୁଖ୍ୟ ସମିକ ବସୁଙ୍କ ସମେତ ହିଣ୍ଡାଲକୋର ଉଚ୍ଚ ପଦାଧିକାରୀମାନେ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଡାଉନ ଷ୍ଟ୍ରିମ ଆଲୁମିନିୟମ ବ୍ୟବସାୟର ସିଇଓ ନୀଲେଶ କୌଲ, ମାନବ ସମ୍ବଳ ମୁଖ୍ୟ ଡାଉନ ଷ୍ଟ୍ରିମ ଟି. ଏମ ପ୍ରକାଶ, ଆଦିତ୍ୟ ଆଲୁମିନିୟମ ୟୁନିଟ ହେଡ ସମୀର ନାୟକ, ପ୍ରୋଜେକ୍ଟ ମୁଖ୍ୟ ପି.ଭି.କେ.ଆର କ୍ରୀଷ୍ଣା, ହୀରାକୁଦ ଏଫଆରପି ୟୁନିଟ ଦେବାଶିଷ ମଲିକ, ହୀରାକୁଦ ପାୱାର ଏବଂ ସ୍ମେଲଟର ମୁଖ୍ୟ ସୌମିତ୍ର ରାୟ, ୟୁନିଟ ମୁଖ୍ୟ ହୀରାକୁଦ ଏଫଆରପି ରବି ନାରାୟଣ ମିଶ୍ର ( ୟୁନିଟ ମୁଖ୍ୟ ଉତ୍କଳ ଆଲୁମିନା) ସମ୍ମିଳନୀରେ ଯୋଗଦେଇ ମାନବିକ ଅଧିକାର ପ୍ରସଙ୍ଗରେ ମୂଲ୍ୟବାନ ଜ୍ଞାନ ଏବଂ ଦୃଷ୍ଟିକୋଣର ନୂତନ ରୂପରେଖ ପ୍ରଦାନ କରିଥିଲା ।

ଜଷ୍ଟିସ ପୂଜାହାରୀ ଓଡ଼ିଶାରେ ମାନବିକ ବିକାଶମୂଳକ ଭୂମିକାକୁ ନେଇ କହିଥିଲେ। ଜଷ୍ଟିସ ଦାଶ ତାଙ୍କ ବକ୍ତବ୍ୟରେ ଶିଶୁମାନେ ଅନ୍ତର୍ନିହିତ ମାନବିକ ଅଧିକାର ସହିତ ଜନ୍ମଗ୍ରହଣ କରନ୍ତି। ହେଲେ ଦାରିଦ୍ର୍ୟ ହେତୁ ଏହାକୁ ଅସ୍ୱୀକାର କରିବା ଏକ ଉଲ୍ଲଂଘନ। ଜୀବନ ପାଇଁ ଅମ୍ଳଜାନ ଯେପରି ଜରୁରୀ, ମାନବିକ ଅଧିକାର ମଧ ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ସମିକ ବସୁ ତାଙ୍କ ଅଭିଭାଷଣରେ ଆଦିତ୍ୟ ବିର୍ଲା ଗ୍ରୁପର ମାନବିକ ଅଧିକାର ଉପରେ ଗୁରୁତ୍ୱାରୋପ କରି ଆସୁଛି। ହିଣ୍ଡାଲକୋ ଏହିପରି ପଦକ୍ଷେପ ମାଧ୍ୟମରେ ସଚେତନତା ସୃଷ୍ଟି କରିବା ତଥା ପ୍ରେରଣାଦାୟକ କାର୍ଯ୍ୟ ପାଇଁ ସଦାସର୍ବଦା ଉତ୍ସର୍ଗୀକୃତ। ସମାଜ ପ୍ରତି ନିଜର ପ୍ରତିବଦ୍ଧତା, ମାନବିକ ଅଧିକାରର ସୁରକ୍ଷା ତଥା ପ୍ରୋତ୍ସାହନ ନିଶ୍ଚିତ କରିବାକୁ ପ୍ରତିଶ୍ରୁତିବଦ୍ଧ ରହିଛି। ଉଦ୍‌ଯାପନୀ ସମାରୋହରେ ଚିତ୍ତ ରଞ୍ଜନ ମହାପାତ୍ର, ଅସୀମ ଅମିତାଭ ଦାସ ଉଦବୋଧନ ଦେଇ ହିଣ୍ଡାଲକୋ ଏହିପରି ସମ୍ମିଳନୀ ଆୟୋଜନ କରି ସମସ୍ତ କଳକାରଖାନାସ୍ତରରେ ଏକ ଉଦାହରଣ ସୃଷ୍ଟି କରିଛି ବୋଲି ଅଭିମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତି, ମାନବାଧିକାର ବିଶେଷଜ୍ଞ, ସରକାରୀ କର୍ମଚାରୀ, ଏକାଡେମିକ ବିଶେଷଜ୍ଞ, କର୍ପୋରେଟ୍, ସାମାଜିକ ଅନୁଷ୍ଠାନ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଏକତ୍ରିତ ହୋଇଥିଲେ ।


ଅତିଥି ଓ ବକ୍ତାମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

# ଖ୍ରିଣ୍ଡା ମାଇନ୍ସରେ ଅଞ୍ଚଳବାସୀଙ୍କ ଆନ୍ଦୋଳନ


ଆନ୍ଦୋଳନସ୍ଥଳରେ ଉପସ୍ଥିତ ଅଛନ୍ତି ପୂର୍ବତନ ବିଧାୟିକାଙ୍କ ସହ ଅଞ୍ଚଳବାସୀ।

ଝାରସୁଗୁଡ଼ା, ୨୧।୯ (ସଞ୍ଜୟ ମାଲି)

ଜମି ହରାଙ୍କୁ କମ୍ପାନୀରେ କାମ, ଜମିର ଠିକ ମୂଲ୍ୟ ପ୍ରଦାନ କରିବା ଓ ଅଞ୍ଚଳକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଆନ୍ଦୋଳନ କରିଛନ୍ତି । ସେପଟେ ଆନ୍ଦୋଳନ ଯୋଗୁ କମ୍ପାନୀର କୋଟି କୋଟି ଟଙ୍କା କ୍ଷତି ହୋଇଛି । ଝାରସୁଗୁଡା ଅଞ୍ଚଳର ଦୁଇଟି ପଞ୍ଚାୟତ ଓ ସମ୍ବଲପୁରର ଖ୍ରିଣ୍ଡା ପଞ୍ଚାୟତବାସି ସକାଳୁ ସକାଳୁ ହଜାର୍ ହଜାର୍ ସଂଖ୍ୟାରେ ଖ୍ରିଣ୍ଡା ମାଇନ୍ସର ମୁଖ୍ୟ ଗେଟ ସମ୍ମୁଖରେ ଆନ୍ଦୋଳନ ଆରମ୍ଭ କରିଥିଲେ । ଏହି ଆନ୍ଦୋଳନରେ ମୁଖ୍ୟତଃ ସ୍ଥାନୀୟ ଲୋକଙ୍କୁ ଚାକିରି ସହ ଝାରସୁଗୁଡା ଜିଲାରେ ଜମି ଅଧିଗ୍ରହଣ ସମୟରେ ଜମିର ମୂଲ୍ୟ ଅଧିକ ରହୁଥିବା ବେଳେ ସମ୍ବଲପୁରରେ ଜମି ଅଧିଗ୍ରହଣ ସମୟରେ କମ୍ପାନୀ କମ ମୂଲ୍ୟ ଦେଉଥିବା ନେଇ ଅଭିଯୋଗ ହୋଇଛି । ସେପଟେ କଲ ମାଇନ୍ସ ଯୋଗୁଁ ପୁରା ସମ୍ବଲପୁର ଓ ଝାରସୁଗୁଡା ଅଞ୍ଚଳବାସୀ ପ୍ରଦୂଷଣର ଶିକାର ହେଉଛନ୍ତି । ଶନିବାର ସକାଳୁ ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସଙ୍କ ନେତୃତ୍ୱରେ ଗଣଆନ୍ଦୋଳନ ଆରମ୍ଭ ହୋଇଥିଲା। ଏହି ଗଣ ଆନ୍ଦୋଳନରେ ଝାରସୁଗୁଡା ବ୍ଲକ ଅଧ୍ୟକ୍ଷା ଚିତ୍ରେଣି ପଟେଲ, ଜିଲା ପରିଷଦ ସଦସ୍ୟ ଦିଗାମ୍ବର ଭୋଇ, ପତ୍ରାପାଲି ସରପଞ୍ଚ ଖଗେଶ୍ୱର ନାଏକ, ମଲଦା ସରପଞ୍ଚ ରିଙ୍କି ସିଂ, ଦାମୋଦର ନାଥ, ମକରଧ୍ୱଜ ପ୍ରଧାନ, ପରୀକ୍ଷିତ ସେଠ, ସରୋଜ ସାହୁ, ରାଧା ଭଳଭ ସିଂହ, ପଲ୍ଲଭ ସିଂହ, ରୀଙ୍କୁ ପ୍ରଧାନ, ପ୍ରଫୁଲ୍ଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟେଟ୍ ସିନିୟର ଚାମ୍ପିୟନଶିପ୍‌ରେ ଦେବଗଡ଼ ପ୍ରତିଯୋଗୀଙ୍କୁ ସଫଳତା


ସଫଳତା ପାଇଥିବା ଦେବଗଡ଼ ଜିଲାର ପ୍ରତିଯୋଗୀ।

ଦେବଗଡ଼, ୨୧।୯(ଶଶାଙ୍କଶେଖର ଝାଙ୍କର)

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମଠାରେ ସେପ୍ଟେମ୍ବର ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୭୦ତମ ଓଡିଶା ଷ୍ଟେଟ ସିନିୟର ଆଥେଲେଟିକ ଚାମ୍ପିୟନଶିପ୍‌ରେ ଦେବଗଡ ଜିଲାର ପ୍ରତିଯୋଗୀମାନଙ୍କୁ ଉଲ୍ଲେଖନୀୟ ସଫଳତା ମିଳିଛି। ୱାକିଂ (ପାଦଚଲା) ପ୍ରତିଯୋଗିତା (ମହିଳା ବିଭାଗ ୨୦ ବର୍ଷରୁ କମ)ରେ ଦେବଗଡର ପ୍ରତିଯୋଗୀ ତୀସା ବାରିକ ଚାମ୍ପିୟନ ହୋଇ ସ୍ୱର୍ଣ୍ଣପଦକ ହାସଲ କରିଥିବା ବେଳେ ଟ୍ରିପଲ ଜମ୍ପ ପ୍ରତିଯୋଗିତା (ପୁରୁଷ ବିଭାଗ)ରେ ଦେବଗଡ ଜିଲାର ସତ୍ୟଶ୍ରୀ ଜେନା ଚାମ୍ପିୟନ ହୋଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଅନ୍ୟପକ୍ଷରେ ବାଧା ଦୌଡ ପ୍ରତିଯୋଗିତା (ମହିଳା ବିଭାଗ ୨୩ ବର୍ଷରୁ କମ)ରେ ଦେବଗଡ଼ ଜିଲାର ସୁସ୍ମିତା ସିଂ ତୃତୀୟ ସ୍ଥାନ ଅଧିକାର କରିବା ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେମାନଙ୍କର ଏହି ସଫଳତା ନିମନ୍ତେ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

# ନିପୁଣ ଓଡ଼ିଶା ମିଶନ ଜିଲାସ୍ତରୀୟ ଶୁଭ ଉନ୍ମୋଚନ

ଦେବଗଡ଼,୨୧।୯(ଶଶାଙ୍କ ଶେଖର ଝାଙ୍କର)

ଜିଲା ପ୍ରଶାସନ ଓ ସମଗ୍ର ଶିକ୍ଷା ମିଳିତ ଆନୁକୂଲ୍ୟରେ ଶନିବାର ପୂର୍ବାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ନିପୁଣ ଓଡ଼ିଶା ମିଶନ ଜିଲାସ୍ତରୀୟ ଶୁଭ ଉନ୍ମୋଚନ ହୋଇଯାଇଛି। ଜିଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରା, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ଗୌଡ଼, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାଥମିକ ସ୍ତରରେ ଛାତ୍ରୀଛାତ୍ରମାନଙ୍କ ମୂଳଦୁଆ ସୁଦୃଢ ହେଲେ ସେମାନଙ୍କ ମଧ୍ୟରେ ଭାଷା ଓ ଗଣିତ କ୍ଷେତ୍ରରେ ସର୍ବନିମ୍ନ ଦକ୍ଷତାଗୁଡିକ ସୁନିଶ୍ଚିତ ହେବା ସହିତ ସେମାନେ ଚିନ୍ତନ, ସମସ୍ୟା ସମାଧାନ, ନିର୍ଣ୍ଣୟ କରିବାର କୌଶଳ ଓ ଦକ୍ଷତା ବୃଦ୍ଧି ପାଇବାରେ ସହାୟକ ହୋଇଥାନ୍ତି। ଏହା ଫଳରେ ଛାତ୍ରୀଛାତ୍ରମାନେ ଭବିଷ୍ୟତରେ ଉଚ୍ଚତର ଦକ୍ଷତାଗୁଡିକ ସହଜରେ ହାସଲ କରିଥାନ୍ତି ଓ ଅଧିକ ସୃଜନଶୀଳ ହୋଇଥାନ୍ତି। ନିପୁଣ ଓଡିଶା ମିଶନ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ସହ ଏହାକୁ ସଫଳ ଭାବେ ରୂପାୟନ ନିମନ୍ତେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସିଆରସିସି, ସମସ୍ତ ଶିକ୍ଷା ଅଧିକାରୀମାନଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅତିଥି ଅଧିକାରୀମାନଙ୍କ ଦ୍ୱାରା ନିପୁଣ ଓଡିଶା ଲିଫଲେଟ, ଲୋଗୋ, ଗୀତର ଶୁଭ ଉନ୍ମୋଚନ କରାଯାଇଥିଲା। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିନୋଦ ସିଂ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଟାଉନ ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ଗୀତ ଓ ଶେଷରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ମଙ୍ଗଳ ଅଧିକାରୀ ବିଭୁରଞ୍ଜନ ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଏଚଏଡିଟି ଓ ଆବହନ ଟ୍ରଷ୍ଟର ସମ୍ପାଦକ ଉଲିୟମ ହେନେଜ, ଜିଲା ବିଜ୍ଞାନ ନିରୀକ୍ଷିକା ଇପ୍ସିତା ପଟ୍ଟନାୟକ, ଜିଲା ସମସ୍ତ ବିଭାଗୀୟ ଅଧିକାରୀ,ଗୋଷ୍ଠୀ କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ବାରକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପାର ସଦସ୍ୟତା ଅଭିଯାନ

ଦେବଗଡ଼, ୨୧।୯(ଶଶାଙ୍କ ଶେଖର ଝାଙ୍କର)

ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ଦେବଗଡ଼ ଗସ୍ତରେ ଆସି ଭାଜପାର ସଦସ୍ୟତା ଅଭିଯାନରେ ସାମିଲ ହୋଇଛନ୍ତି। ଭାଜପାର ସଦସ୍ୟତା ଅଭିଯାନରେ ସାମିଲ ହୋଇ ଦଳୀୟ କର୍ମୀଙ୍କୁ ଅଧିକରୁ ଅଧିକ ସଦସ୍ୟ ଯୋଡିବା ପାଇଁ ପଣ୍ଡା ପରାମର୍ଶ ଦେଇଥିଲେ। ପ୍ରଧାନପାଟ ବଡବଗିଚା ହେଲିପ୍ୟାଡରେ ପହଞ୍ଚିବା ପରେ ଦଳୀୟ କର୍ମୀ ତାଙ୍କୁ ସ୍ୱାଗତ ଜଣାଇଥିଲେ। ପରେ ପୌରାଞ୍ଚଳର ବିଭିନ୍ନ ସ୍ଥାନକୁ ଯାଇ ରାଷ୍ଟ୍ରର ବିକାଶ ପାଇଁ ଭାଜପାର ସଦସ୍ୟତା ଗ୍ରହଣ କରିବାକୁ ଲୋକଙ୍କୁ ସଚେତନ କରିବା ସହ ସଦସ୍ୟ ସଂଗ୍ରହ କରିଥିଲେ। ବିଭିନ୍ନ କାନ୍ଥରେ ଭାଜପା ସଦସ୍ୟ ସଂଗ୍ରହ ଅଭିଯାନର ଷ୍ଟିକର ଲଗାଇଥିଲେ। ପରେ ଜିଲା ଭାଜପାର କାର୍ଯ୍ୟାଳୟରେ ଅନୁଷ୍ଠିତ ଦଳୀୟ ବୈଠକରେ ଯୋଗଦେଇ ଭାଜପା ସଙ୍ଗଠନକୁ କିଭଳି ସୁଦୃଢ କରାଯିବ ସେନେଇ ଭାଜପା ନେତା ଓ କର୍ମୀଙ୍କୁ ବୈଜୟନ୍ତ ପରାମର୍ଶ କରିଥିଲେ। ଦେବଗଡ ଜିଲା ଭାଜପା ସଭାପତି ଅରୁଣ କୁମାର ସାହୁ , ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ କୁମାର ଭୋଜ, ଉପ ସଭାପତି ସତ୍ୟ ନାରାୟଣ ପାଣି, ହରମୋହନ ପାଣି, ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ ଓ ରଞ୍ଜିତ ପଟେଲ ପ୍ରମୁଖ ସାମିଲ ହୋଇଥିଲେ ।

# ସ୍ୱାସ୍ଥ୍ୟସେବା ଶିବିର: ୪୬ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଝାରସୁଗୁଡ଼ା, ୨୧।୯ (ସଞ୍ଜୟ ମାଲି)

ଝାରସୁଗୁଡ଼ା ଜିଲା ୧୯ ଖଣ୍ଡ ମୌଜାର ଶରଧା ଗ୍ରାମରେ ବିବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଗ୍ରାମବାସୀଙ୍କ ତରଫରୁ ଶରଧାର ବରପୁତ୍ର ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ପ୍ରଦୀପ କୁମାର ଭୋଇଙ୍କ ସଦିଚ୍ଛାରେ ଏକ ସ୍ୱାସ୍ଥ୍ୟ ସେବା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମର ଆରମ୍ଭରେ ମା’ ପଥରାସେନୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୋଟ ୪୬ଜଣଙ୍କ ନିଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ବିତରଣ କରାଯାଇଥିଲା। ଆବାଳ ବୃଦ୍ଧବନିତା ସମସ୍ତଙ୍କ ପାଇଁ ଏହି ସ୍ୱାସ୍ଥ୍ୟସେବା ଉନ୍ମୁକ୍ତ ଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଥମେ ଅବସରପ୍ରାପ୍ତ ଶିକ୍ଷକ ଖେଦୁ ପଶାଏ, ଆଶାରାମ ପ୍ରଧାନ, ଜଗନ୍ନାଥ ସାହୁ, ଗୌରାଙ୍ଗ ସାହୁଙ୍କ ସମେତ ଗାଁର ବୟୋଜ୍ୟେଷ୍ଠଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶେଷରେ ମୁରାରି ପ୍ରସାଦ ପଶାଏତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ସୁଚାରୁ ରୂପରେ ପରିଚାଳନା କରିବା ପାଇଁ ଶରଧା ଗ୍ରାମର ପ୍ରଫୁଲ୍ଲ ଭୋଇ, ରମେଶ ଚନ୍ଦ୍ର ପଶାଏତ, ବୈଶାଖୁ ପ୍ରଧାନ, ସୁବାସ ସାହୁ, ମଧୁସୁଦନ ଭୋଇ, ସୁଶାନ୍ତ ମିଶ୍ର ପ୍ରମୁଖ ଯୁବଗୋଷ୍ଠୀ ପୂର୍ଣ୍ଣ ସହଯୋଗ କରିଥିଲେ। ଡାକ୍ତର ଚୈତନ୍ୟ ବେହେରାଙ୍କ ପୂର୍ଣ୍ଣ ପ୍ରାଣରେ ସହଯୋଗ ସମସ୍ତଙ୍କ ପାଇଁ ପ୍ରେରଣା ସାଜିଥିଲା ବୋଲି ଗ୍ରାମବାସୀ କହିଛନ୍ତି ।


ସ୍ୱାସ୍ଥ୍ୟସେବା ଶିବିରରେ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ଡାକ୍ତର।

# ବୀମା କର୍ମଚାରୀ ସଂଘର ସମ୍ମିଳନୀ ଉଦ୍‌ଘାଟିତ

ଝାରସୁଗୁଡା, ୨୧।୯ (ସଞ୍ଜୟ ମାଲି)

ଶନିବାର ଝାରସୁଗୁଡା ମୁଖ୍ୟ ସହର ସ୍ଥିତ ଏକ ଘରୋଇ ହୋଟେଲଠାରେ ସମ୍ବଲପୁର ଡିଭିଜନ ବୀମା କର୍ମଚାରୀ ସଂଘର ୩୯ତମ ବାର୍ଷିକ ସାଧାରଣ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସର୍ବ ପ୍ରଥମେ ସହୀଦ ସ୍ତମ୍ଭରେ ଫୁଲମାଳ ଦେଇ ଶହୀଦ ଆତ୍ମାକୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହା ପରେ ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପରେ ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷା ଅଲକା ମହାନ୍ତି, ପୂର୍ବତନ ବ୍ରଜରାଜନଗର ବିଧାୟିକା ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ଅଖିଳ ଭାରତ ବୀମା କର୍ମଚାରୀ ସଂଘର ଯୁଗ୍ମ ସମ୍ପାଦକ ସାଥି ଧର୍ମରାଜ ମହାପାତ୍ର ବିଧିବଦ୍ଧଭାବରେ ଦୁଇ ଦିନିଆ ସମ୍ମିଳନୀକୁ ଉଦ୍‌ଘାଟନ ଘୋଷଣା କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବମଧ୍ୟ କ୍ଷେତ୍ରୀୟ ବୀମା କର୍ମଚାରୀ ସଂଘର ସାଧାରଣ ସମ୍ପାଦକ ସାଥି ତ୍ରିନାଥ ଦୋରା ଉଦବୋଧନ ଦେଇକହିଲେ, ସାମ୍ପ୍ରତିକ ପରିସ୍ଥିତିରେ ଆଜି ଭାରତର ଗଣତନ୍ତ୍ର, ସମ୍ବିଧାନ ଓ ଅର୍ଥନୀତି ବିପଦରେ ଅଛି। ବୀମା ଶିଳ୍ପ ଆଜି ଭାରତର ଏକ ନଂ. ଆର୍ଥିକ ସଂସ୍ଥା କିନ୍ତୁ ସରକାର ବୀମା ଶିଳ୍ପରେ ଘରୋଇ ପୁଞ୍ଜି ଆଣିବା ଶିଳ୍ପର ଅଂଶଧନକୁ ବଜାରରେ ବିକିବା ଏହା ବୀମା କ୍ଷେତ୍ରର ପଲିସିଧାରୀଙ୍କ ମୌଳିକ ଉପାଦାନକୁ କ୍ଷୁଣ୍ଣ କରୁଛି। ଅନ୍ୟ ପକ୍ଷରେ ଜୀବନ ବୀମା ଏକ ସାମାଜିକ ନ୍ୟାୟ, ତାର ପ୍ରିମିୟମ ଉପରେ ସରକାର ୧୮% ଜିଏସଷ୍ଟି ଲଗାଇଛନ୍ତି। ଏହା ପଲିସିଧାରୀ ଉପରେ ଆକ୍ରମଣ। ଯାହାପାଇଁ ଅଖିଳ ଭାରତ ବୀମାକର୍ମଚାରୀ ସଂଘ ଲଗାତାର ଲଢେଇ ଜାରି ରଖିଛି। ଭାତୃପ୍ରତିମ ତଥା ଏଲଆଇସି ସଙ୍ଗଠନ ତରଫରୁ ସାରଙ୍ଗଧର ମିଶ୍ର, ଗୌରୀ ପାତ୍ର, ଅନନ୍ତ ଗଙ୍ଗାଧର ପ୍ରଧାନ, ପ୍ରଭାତ ପୁଷ୍ଟି, ଝସ ସାହୁ, ପ୍ରେମାନନ୍ଦ ମହାପାତ୍ର ଓ ଅନ୍ୟମାନଙ୍କ ମଧ୍ୟରେ ତ୍ରିନାଥ ଗୋଏଲ, ସୀୟାରାମ ଦାଶ, ନରେନ୍ଦ୍ର ପଣ୍ଡା, ମେହେବୁ ମହତାବ ସମ୍ମିଳନୀର ସଫଳତା ପାଇଁ ଅଭିବାଦନ ଜଣାଇଥିଲେ। ସମ୍ମିଳନୀରେ ଯୋଗ ଦେବା ପାଇଁ ଛଅଟି ଜିଲାରୁ ୩୦୦ ଜଣ ପ୍ରତିନିଧି ଓ ଦର୍ଶକ ଆସିଛନ୍ତି। ଖୋଲା ଅଧିବେଶନ ପରେ ପ୍ରତିନିଧି ଓ ଦର୍ଶକ ଦୁଇ ଦିନ ରହି ରାଷ୍ଟ୍ରୀୟ ରାଜନୈତିକ, ଅର୍ଥନୀତି, ଜୀବନ ବୀମା କ୍ଷେତ୍ରରେ ଆସୁଥିବା ବିପଦ ଉପରେ ଆଲୋଚନା କରି ପ୍ରସ୍ତାବ ଗୃହୀତ କରାଯାଇ ସରକାରକୁ ଦିଆଯିବ। ସନ୍ଧ୍ୟାରେ ବେଲପାହାଡ ମିରର୍ ଥିଏଟର ତରଫରୁ ନାଚ-ଗୀତ ପ୍ରସ୍ତୁତ କରାଯାଇଥିଲା। ଆଜିର ଅଧିବେଶନକୁ ରାଜୀବଲୋଚନ ଦାଶ ପରିଚାଳନା କରିଥିଲେ। ଅଧିବେଶନକୁ ସଫଳ କରିବା ପାଇଁ ରତ୍ନାକର ପ୍ରଧାନ, ଅରୁଣ ଚଇନି, ଗୋପୀନାଥ ମିଶ୍ର, ଆଶିଷ ଶୁକ୍ଳା, ନବୀନ ସିଂହ୍ନା, କୃପା ମିଶ୍ର, ଜଗଦେଶ୍ୱର ନାୟକ, ବରୁନ ପଟେଲ, ରାମଚନ୍ଦ୍ର କିଶାନ, କନକ ନାୟକ, ସାବିତ୍ରୀ ଢୁଢୁମ ଓ ଅନେକ ସହଯୋଗ କରିଥିଲାବେଳେ ବେଦବ୍ୟାସ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ବୀମା କର୍ମଚାରୀ ସଂଘର ଦୁଇ ଦିନିଆ ସମ୍ମିଳନୀରେ ମଞ୍ଚାସୀନ ଅତିଥି ବୃନ୍ଦ।

## ସଂକ୍ଷେପରେ

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ନର୍ଲା, ୨୧।୯ (ସନ୍ତୋଷ କୁମାର ପାତ୍ର):** କଳାହାଣ୍ଡି ଜିଲା ନର୍ଲା ଥାନା କାକଭଟା ଗ୍ରାମର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ସବିତା ଦାସ (୨୫)। ଶୁକ୍ରବାର ରାତିରେ ଘଟଣା ଘଟିଥିବାବେଳେ ଶନିବାର ସକାଳେ ଲୋକଲୋଚନକୁ ଆସିଛି। ପରିବାର ଲୋକେ ସବିତାଙ୍କ ମୃତଦେହ ଖଟ ତଳେ ପଡ଼ିଥିବା ଦେଖି ସିକେରକୁପା ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ଫାଣ୍ଡି ଅଧିକାରୀ ଶ୍ରୀଯୁକ୍ତ ଶବର ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ମୃତ୍ୟୁର କାରଣ ଜଣାପଡ଼ି ନ ଥିବାବେଳେ ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

### ଭାରତୀୟ ମଜଦୁର ସଂଘ ପକ୍ଷରୁ ଶ୍ରମମନ୍ତ୍ରୀଙ୍କୁ ଦାବିପତ୍ର

**ଖଡ଼ିଆଳ,୨୧।୯ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଭାରତୀୟ ମଜଦୁର ସଂଘ ପକ୍ଷରୁ ସଭାପତି ପ୍ରଦୀପ କୁମାର ଦଣ୍ଡସେନା ଓ ସମ୍ପାଦକ ବାବୁଲାଲ ମାଝି ଶ୍ରମ ଓ ନିଯୋଜନ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆଙ୍କୁ ଖଡ଼ିଆଳ ଥାନା ଛକଠାରେ ଭେଟି ୮ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ବର୍ଷ ବର୍ଷ ଧରି ଶ୍ରମ କାର୍ଯ୍ୟାଳୟରେ ପଡିରହିଥିବା ସହାୟତା ରାଶି ସାଇକେଲ, ବିବାହ, ମୃତ୍ୟୁକାଳୀନ, ପ୍ରସବ କାଳୀନ, ଶିକ୍ଷା ସହାୟତା, ଘର ତିଆରି ପ୍ରଭୃତି ଦାବି ଉପରେ ବିଚାର କରିବା ପାଇଁ କର୍ମକର୍ତ୍ତା ଅନୁରୋଧ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ସଂଘ ସଦସ୍ୟ ବୈଷ୍ଣବ ଜଗତ, ଉପେନ୍ଦ୍ର ଠେଲା, ସୁକଦେବ ସାହୁ, ଆକାଶ କଟା, ଶୁକ୍ଲାମ୍ବର ନିଆଳ, ଭକ୍ତ ଧରୁଆ ପ୍ରମୁଖ ଉପସ୍ଥିତ ଥିଲେ।

### ଚିଟୈଗୁଡ଼ାରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

**ଜୁନାଗଡ଼,୨୧।୯ (ସୁନୀଲ କୁମାର ସିଂହ):** କଳାହାଣ୍ଡି ଜିଲା ଚିଟୈଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଥିଲା। ଜୁନାଗଡ଼ ବ୍ଲକ ବିଜ୍ଞାନ ସାଧନ କେନ୍ଦ୍ର ପକ୍ଷରୁ ଏହା ଆୟୋଜିତ ହୋଇଥିଲା। ଚିଟୈଗୁଡା ହାଇସ୍କୁଲର ପ୍ରଧାନଶିକ୍ଷକ ଶକ୍ତି ପ୍ରସାଦ ମେହେରଙ୍କ ପ୍ରତ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ ସେମିନାରରେ ବ୍ଲକର ୧୮ ହାଇସ୍କୁଲର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଶାନ୍ତ ଠାକୁର ମୁଖ୍ୟ ଅତିଥି ଓ ବିଏସ୍ଆର୍‌ସି ସଭାପତି ନେପାଲ ଚନ୍ଦ୍ର ବାଗ, ସମ୍ପାଦକ ମଳୟ ମୁଣ୍ଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଚାରକ ଭାବରେ ବିଜ୍ଞାନ ଶିକ୍ଷକ ସୁଶିଲ ନାଗ ଓ ତେଜେଶ୍ୱର ସାହୁ ଦାୟିତ୍ୱ ତୁଲାଇଥିଲେ। ସେମିନାରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଚିଟୈଗୁଡା ହାଇସ୍କୁଲର ନବମ ଶ୍ରେଣୀ ଛାତ୍ରୀ ନିବେଦିତା ନାଏକ ଜିଲା ସ୍ତରରେ ହେବାକୁ ଥିବା ସେମିନାରରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।



ଛାତ୍ରୀ ନିବେଦିତା ନାଏକଙ୍କୁ ସମ୍ମାନିତ କରାଯାଉଛି।

### ବେଲଟୁକୁରି ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ

**କୋମନା,୨୧।୯(ସୋବିନ ଛତ୍ରିଆ):** ନୂଆପଡ଼ା ଜିଲା ବେଲଟୁକୁରି ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ପୀତାମ୍ବର ଶବରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାମାଜିକ କର୍ମୀ କୀର୍ତ୍ତି ଚନ୍ଦ୍ର ସାହୁ ମୁଖ୍ୟଅତିଥି, ମହିଳା ସ୍ୱାସ୍ଥ୍ୟକର୍ମୀ ହେମଲତା ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁର ସ୍ୱାସ୍ଥ୍ୟ, ଯତ୍ନ ଓ ଶିକ୍ଷା ଉପରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ପ୍ରଧାନ ଆଚାର୍ଯ୍ୟ ଶବର ସ୍ୱାଗତ ଭାଷଣ ଦେଇଥିବା ବେଳେ ଶିଶୁ ବାଟିକା ପ୍ରମୁଖ ମୋତିଲାଲ ପଟେଲ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଅବସରରେ ଅଭିଭାବିକାମାନଙ୍କୁ ନେଇ ମ୍ୟୁଜିକ ଚେୟାର, ଚାମଚ ଦୌଡ଼ ଆଦି ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କୁଞ୍ଜ ବିହାରୀ ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଶୋକ ସାହୁ ଧନ୍ୟବାଦ ଜ୍ଞାପନ କରିଥିଲେ।



ଛତୁ ଚାଷ କରୁଥିବା କୁଟେନପଦର ଗାଁର ମହିଳାମାନେ।

# ମହିଳାଙ୍କୁ ସ୍ୱାବଲମ୍ବୀ କରିଛି ଛତୁ ଚାଷ

**ଭବାନୀପାଟଣା,୨୧।୯ (ଉତ୍ତମ କୁମାର ଦାଶ)**

ଜଣେ ମା' ଚାହିଁଲେ ପରିବାର ଓ ଗାଁ ବଦଳିବ। ଏହାକୁ ପ୍ରମାଣ କରି ଦେଖାଇଛନ୍ତି କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଦୁଆରଶୁଣି ପଞ୍ଚାୟତ କୁଟେନପଦର ଗାଁର ମହିଳାମାନେ। ଛତୁ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହିତ ଅନ୍ୟକୁ ମଧ୍ୟ ଦେଉଛନ୍ତି ରୋଜଗାର। ଗ୍ରାମରେ ୬୦ ପରିବାର ରହିଥିବାବେଳେ ସେଥିମଧ୍ୟରୁ ୫୨ ପରିବାରର ମହିଳା ଛତୁ ଚାଷ ଉପରେ ନିର୍ଭର କରିଥାନ୍ତି।

**ଦୈନିକ ୨ କୁଇଣ୍ଟାଲ ପର୍ଯ୍ୟନ୍ତ ବିକ୍ରି କରୁଛନ୍ତି**

ଗ୍ରାମର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଦୈନିକ ୨୦ କେଜିରୁ ଆରମ୍ଭ କରି ସର୍ବାଧିକ ୨ କୁଇଣ୍ଟାଲ ପର୍ଯ୍ୟନ୍ତ ଛତୁ ବିକ୍ରି କରୁଛନ୍ତି। ଏହା ଦ୍ୱାରା ପ୍ରତ୍ୟେକ ପରିବାର ମାସକୁ ୧୦ରୁ ୧୫ ହଜାର ପର୍ଯ୍ୟନ୍ତ ଲାଭ ପାଉଛନ୍ତି।

୨୦୦୮ ମସିହାରେ ରେଡିଓରୁ ଛତୁଚାଷ ବିଷୟରେ ସ୍ଥାନୀୟ ମହିଳା ଅବଗତ ହୋଇ ନାବାର୍ଡ ଦ୍ୱାର ପ୍ରଶିକ୍ଷଣ ନେଇଥିଲେ। ପ୍ରଥମେ ଗ୍ରାମର ବାନା ଦେଇ ମାଝି ନିଜ ପରିବାର ସହିତ ଛତୁ ଚାଷ ଆରମ୍ଭ କରିଥିଲେ। ଏହା ତାଙ୍କୁ ସଫଳତା ଦେବା ସହ ବେଶ ଦୁଇପଇସା ରୋଜଗାର ଦେଇଥିଲା। ପରେ ସେ ଗ୍ରାମର ମହିଳାମାନଙ୍କ ସମେତ ଅନ୍ୟ ଗାଁର ପ୍ରାୟ ୪ଶହ ମହିଳାଙ୍କୁ ଛତୁ ଚାଷ ଉପରେ ପ୍ରଶିକ୍ଷଣ ଦେଇଥିଲେ। ତେଣୁ ତାଙ୍କୁ ଛତୁମା ବୋଲି ଅଞ୍ଚଳବାସୀ ଡାକୁଥିଲେ। ହେଲେ ଗତବର୍ଷ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କଠାରୁ ପ୍ରଶିକ୍ଷଣ ନେଇଥିବା ମହିଳାମାନଙ୍କୁ ଏହି ଚାଷ ଆଜି ସଫଳତା ଆଣିଦେଇଛି। ଅନେକ ମହିଳା ଛତୁ ଚାଷ କରି ଦି ପଇସା ରୋଜଗାର କରିବା ସହ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସେହିପରି ଗାଁକୁ ପ୍ରଶିକ୍ଷଣ ପାଇଁ ଦୂରଦୂରାନ୍ତରୁ ଏବେ ଛତୁ ଚାଷୀ ଆସୁଛନ୍ତି। ଅନ୍ୟପକ୍ଷରେ ଛତୁ ରୋଜଗାର ଦେଉଥିଲେ ବି ସରକାରୀ ସ୍ତରରେ ବଜାର ବ୍ୟବସ୍ଥା ନ ଥିବାରୁ ଦଲାଲ ମାଧ୍ୟମରେ କମ ଦରରେ ମହିଳାମାନେ ଛତୁ ବିକ୍ରି କରିଦେଉଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଛତୁ ବଜାର ବ୍ୟବସ୍ଥା କରିବାକୁ ମହିଳାମାନେ ଦାବି କରିଛନ୍ତି।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ନୂଆପଡ଼ା,୨୧।୯ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ ପାୱାରତୋଳା ଶ୍ରୀରାମ ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ନୂଆପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟା ଉମା ଠାକୁର, ନୂଆପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶୋକ ଦୀକ୍ଷିତ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ୧୪ ବର୍ଷରୁ କମ ଓ ୧୭ ବର୍ଷରୁ କମ ଛାତ୍ରୀଛାତ୍ରଙ୍କୁ ନେଇ କବାଡି, ଖୋଖୋ, ଭଲିବଲ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ଜିଲା ସ୍ତରରେ ଖେଳିବେ। ଉଦ୍‌ଯାପନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏ ମୁଖ୍ୟଅତିଥି, ଜିଲା ବିଜ୍ଞାନ ପରିଦର୍ଶକ ଗିରିଧାରୀ ସା, ସଦର ବ୍ଲକ ଉପାଧ୍ୟକ୍ଷ ଦିଲିପ ନିର୍ମଲକର, ଜିଲା ପରିଷଦ ସଭ୍ୟ ଭରତଲାଲ ରାଉତ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସୁଶାନ୍ତ ମୁଣ୍ଡ ଓ ଯୋଗେନ୍ଦ୍ର ବେହେରା ଖେଳ ପରିଚାଳନା କରିଥିଲେ ।

## ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳିତ

**କର୍ଲାମୁଣ୍ଡା,୨୧।୯(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ରତନ ଭୋଇ ପଞ୍ଚାୟତ ସମିତି ହାଇସ୍କୁଲରେ ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସ ସୌଜନ୍ୟରେ ଶନିବାର ଅନ୍ତର୍ଜାତୀୟ ଶାନ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ହାଇସ୍କୁଲଠାରୁ କର୍ଲାମୁଣ୍ଡା ବସ୍ତି ପର୍ଯ୍ୟନ୍ତ ଶୋଭାଯାତ୍ରାରେ ବାହାରିଥିଲେ। ସେଠାରେ ଛୋଟ ଛୋଟ ପିଲା ଓ ବୃଦ୍ଧାବୃଦ୍ଧ, ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ପାଶା ଏହାର ନେତୃତ୍ୱ ନେଇଥିଲେ।

## ଗଡ଼ିଲା ଡେଙ୍ଗୁ ସଚେତନତା ରଥ



**କୋକସରା,୨୧।୯ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)**

ଏଡିଶ ମଶା ଯୋଗୁ ଡେଙ୍ଗୁ ରୋଗ ବ୍ୟାପିଥାଏ। ଏହି ମଶାରୁ କେମିତି ସୁରକ୍ଷିତ ରହିବା ସେ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଇଛି। ଶନିବାର କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ଡେଙ୍ଗୁ ସଚେତନତା ରଥକୁ ଭାରପ୍ରାପ୍ତ ଡା. ତତ୍ତ୍ୱଦର୍ଶୀ ଦାସଙ୍କ ସମେତ କର୍ମଚାରୀ ଉପସ୍ଥିତ ରହି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ବ୍ଲକର ୨୨ ପଞ୍ଚାୟତରେ ଡେଙ୍ଗୁ ରୋଗ ନିରାକରଣ ଓ ସଚେତନତା ନେଇ ଲୋକଙ୍କୁ ବାର୍ତ୍ତା ଦେବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସିଏଚ୍‌ସିର ପିଏଚଇଓ ଶର୍ମିଳା ଛତ୍ରିଆ, ବିପିଏମ୍ ସୁରଜିତ କୁମାର ସିଂ, ସ୍ୱାସ୍ଥ୍ୟ ପରିଦର୍ଶକ କେତନ ପାତ୍ର, ସ୍ୱାସ୍ଥ୍ୟ କର୍ମୀ ନୀଳମଣି ଖମାରି, ମହିଳା ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀ ଉପସ୍ଥିତ ଥିଲେ।

## ବିଜ୍ଞାନର ପ୍ରୟୋଗାତ୍ମକ ଦିଗ ଉପରେ ଗୁରୁତ୍ୱ

**ଭବାନୀପାଟଣା,୨୧।୯ (ଉତ୍ତମ କୁମାର ଦାଶ)**

ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଶଗଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ମିନି ବିଜ୍ଞାନ କେନ୍ଦ୍ର ଉଦ୍‌ଘାଟିତ ହେବା ସହ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ମୁଖ୍ୟ ଅତିଥି ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରି ଶବର, ଜିଲା ବିଜ୍ଞାନ ପରିଦର୍ଶକ ଦୁଷ୍ମନ୍ତ ଶେଖର ପାଢ଼ୀ, ବ୍ରଜ ମୋହନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଷଷ୍ଠୀ ଖାଙ୍କର, ଜାତୀୟ ପୁରସ୍କାର ପ୍ରାପ୍ତ ଶିକ୍ଷକ ସନ୍ତୋଷ କୁମାର କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜ୍ଞାନର ପ୍ରଚାର ପ୍ରସାର କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଭୂମିକା ଓ ବିଜ୍ଞାନର ପ୍ରୟୋଗାତ୍ମକ ଦିଗ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁକାନ୍ତ କୁମାର ସାହୁ ସଭାପତିତ୍ୱ କରିଥିଲେ। ବ୍ଲକ ସ୍ତରୀୟ ବିଜ୍ଞାନ ସେମିନାରରେ ବିଏସ୍ଆର୍‌ସି ସଭାପତି ଷଷ୍ଠୀ ଖାଙ୍କର, ସମ୍ପାଦକ ଗିରିଜା ସାହୁ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଯୁଧିଷ୍ଠିର ମୁଦୁଲି ମଞ୍ଚାସୀନ ଥିବାବେଳେ ସନ୍ତୋଷ କୁମାର କର ଓ ଶୁଭେନ୍ଦୁ ବେହେରା ବିଚାରକ ଭାବରେ ଯୋଗଦେଇଥିଲେ। ଭବାନୀପାଟଣା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପ୍ରାୟ ୨୫ଜଣ ଛାତ୍ରୀଛାତ୍ର କୃତ୍ରିମ ବୁଦ୍ଧିମତ୍ତା ପ୍ରସଙ୍ଗରେ ଆଲୋକପାତ କରିଥିଲେ। ପରେ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଉଛି।

### ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ତୁଣ୍ଡଲା,୨୧।୯ (ଫିରୋଜ କୁମାର ଦାଶ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ ଆନୁକୂଲ୍ୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ମକଲିଙ୍ଗ ଗହୀର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ କୋଅର୍ଡିନେଟର ଦୁର୍ଯ୍ୟୋଧନ ବିଶୋଇଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ। ଅଧ୍ୟାପକ ସଦାନନ୍ଦ ଶତପଥୀ, ଡ଼. ମଦନ ମୋହନ ସାହୁ, ସ୍ୱାତୀ ପଧାନ, ବରିଷ୍ଠ କିରାଣୀ ଭକ୍ତବନ୍ଧୁ ପଧାନ, ଚଉବନ ପଧାନ ପ୍ରମୁଖ ଯୋଗଦେଇ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ସପ୍ତାହବ୍ୟାପୀ ଚାଲିବ।

## କେସିଙ୍ଗା ଏନ୍‌ଏସି ପକ୍ଷରୁ ବୃକ୍ଷରୋପଣ

**କେସିଙ୍ଗା,୨୧।୯(ତୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ଏନ୍‌ଏସି ପକ୍ଷରୁ ଅଧ୍ୟକ୍ଷ ନୃପରାଜ ଯାଦବଙ୍କ ନେତୃତ୍ୱରେ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ଏନ୍‌ଏସି ତରଫରୁ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶୁକ୍ରବାର 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷା ସରସ୍ୱତୀ ସାହାଙ୍କ ସମେତ ସମସ୍ତ କାଉନସିଲର, ନିର୍ବାହୀ ଅଧିକାରୀ ପ୍ରବଣ କୁମାର ଚାନ୍ଦ, କନିଷ୍ଠ ଯନ୍ତ୍ରୀ ନାରାୟଣ ମହାରଣା, କ୍ୟାଶିଅର ଶ୍ରୀନିବାସ ପଟ୍ଟନାୟକ, ସାନିଟାରି ଇନ୍ସପେକ୍ଟର ଆର୍କୁଳି ନାୟକ, ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇଥିଲେ। ତେଲନଦୀ କୂଳ ପିଏଚ୍‌ଡି ଇନ୍‌ଟେକ ୱେଲ ନିକଟରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା। ରବିବାର କେସିଙ୍ଗା ଉଚ୍ଚ ବିଦ୍ୟାପୀଠ ପଡ଼ିଆରେ ଖେଳ ପ୍ରତିଯୋଗିତା ହେବା କାର୍ଯ୍ୟକ୍ରମ ରହିଛି।

## ହାତୀବନ୍ଧାରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର

**ସିନାପାଲି,୨୧।୯ (ମନଫୁଲ ମେହେର)**

ସିନାପାଲି ବ୍ଲକ୍‌ସ୍ତରୀୟ ବିଜ୍ଞାନ ସେମିନାର ସରକାରୀ ଉଚ୍ଚ ବିଦ୍ୟାଳୟ, ହାତୀବନ୍ଧାଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ସିନାପାଲି ବ୍ଲକ୍ ବିଜ୍ଞାନ ଫୋରମ ସଭାପତି କୈଳାସ ଚନ୍ଦ୍ର ଦାସ, ସମ୍ପାଦକ ମନୋରଞ୍ଜନ ମେହେର, ସ୍ଥାନୀୟ ପ୍ରଧାନ ଶିକ୍ଷକ ଭୁବନେଶ୍ୱର ମେହେର, ମୁକ୍ତେଶ୍ୱର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଚାରକ ଭାବରେ ଦୁର୍ଲଭ ମେହେର ଓ ଟଙ୍କଧର ସାହୁ ଉପସ୍ଥିତ ଥିଲେ। ଶିକ୍ଷକ ରୂପେଶ କୁମାର ମେହେର ମଞ୍ଚ ପରିଚାଳନା କରିଥିଲେ। ଆସନ୍ତା ସୋମବାର ନୂଆପଡ଼ାଠାରେ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନ ସେମିନାର ନିମନ୍ତେ ସିଙ୍ଗଝର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଗଜେନ୍ଦ୍ରୀ ତାଣ୍ଡି, ହାତୀବନ୍ଧା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅନନ୍ୟା ଜେନା, ଗଣ୍ଡାବାହାଲୀ ଉଚ୍ଚ ବିଦ୍ୟାଳୟର ଛାତ୍ର ସାହିଲ ମେହେର ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ ସୁବାସ ମେହେର, ନିପେନ୍ଦ୍ର ବାଗ, ପ୍ରୀତୀଶ ପ୍ରଧାନ, ଚନ୍ଦ୍ରମଣି ମେହେର, ଅନିଲ ମେହେର ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ମନୋନୀତ ଛାତ୍ରୀଛାତ୍ର।

### ମହିଳା ପାଠଚକ୍ର

**ଖଡ଼ିଆଳ,୨୧।୯ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଏକ ମହିଳା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ୨୦୨୫ରେ କୋମନାଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ମହିଳା ପାଠଚକ୍ର ସମ୍ପର୍କରେ କଟକରୁ ଆସିଥିବା ଟିକି ଅପା, ଗୀତା ଅପା ଆଲୋଚନା କରିଥିଲେ। ସାମୂହିକ ଧ୍ୟାନ ପରେ ଦୁର୍ଗା ସ୍ତୋତ୍ର, ମା' ବହି ପାଠ କରାଯାଇଥିଲା। ପାଠଚକ୍ରରେ ଡ. ରାମଚନ୍ଦ୍ର ମିଶ୍ର, ଶ୍ରୀବତ୍ସ ବାରିକ, ନବୀନ ପାଢ଼ୀ, ସବିତା ଅପା, କୋମନାରୁ ଆସିଥିବା ଅପା, ବେଣୁଭାଇ, ଅଜୟ ଭାଇ ଓ ବହୁ ମାତୃଭକ୍ତ ଯୋଗଦେଇଥିଲେ। ସୁମି ଅପା ମାତୃସଙ୍ଗୀତ ଗାନକରି ସଭା ସାଙ୍ଗ କରିଥିଲେ।

## ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ଖଡ଼ିଆଳ,୨୧।୯(ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଗସ୍ତରେ ଆସିଥିବା ଓଡ଼ିଶା ଶ୍ରମ ଓ ନିୟୋଜନ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କୁ ଖଡ଼ିଆଳଠାରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତିଙ୍କ ନେତୃତ୍ୱରେ ଶତାଧିକ ନେତା ଓ କର୍ମୀ ଯୋଗଦେଇ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଭାଜପା ଓବିସି ମୋର୍ଚ୍ଚା ଜିଲା ସଭାପତି ଅଜିତ କିଶୋର ଚଲାନ ଦାଦନ ଶ୍ରମିକଙ୍କୁ ପଞ୍ଜୀକୃତ କରିବା ପାଇଁ ଖଡ଼ିଆଳଠାରେ ଏକ ଶ୍ରମ କାର୍ଯ୍ୟାଳୟ ସ୍ଥାପନ ପାଇଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମନ୍ତ୍ରୀ ପ୍ରତ୍ୟେକ ବ୍ଲକ କାର୍ଯ୍ୟାଳୟରେ ଶ୍ରମିକ ପଞ୍ଜୀକରଣ ବ୍ୟବସ୍ଥା ନେଇ ନିଷ୍ପତ୍ତି ହୋଇଛି ବୋଲି ପ୍ରକାଶ କରିଛନ୍ତି। ସମ୍ବର୍ଦ୍ଧନା ସଭାରେ ବରିଷ୍ଠ ନେତା ପ୍ରସନ୍ନ ପାଢ଼ୀ, ସଞ୍ଜୟ ତିୱାରୀ, ବିକ୍ରମ ମାଝି, ମନୋଜ ପଟ୍ଟନାୟକ, ରାତ୍ରାନନ୍ଦ ମନହିରା, ଦେବ ଜୋଷୀ, ଶୁକ୍ରୁ ବାଗ, ନନ୍ଦଲାଲ ପାଣ୍ଡେ, ଅଶୋକ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ଶୋଚନୀୟ, ଷ୍ଟ୍ରିଟ୍ ଲାଇଟ୍ ଅଚଳ

**ଥୁଆମୁଳ ରାମପୁର,୨୧।୯ (ଦୁର୍ଗା କୀର୍ତ୍ତି)**

**ଦିନକ ପରେ ଭୈରବ ଦେବଙ୍କ ଖାମୁଯାତ୍ରା**

ଆଉ ଦିନକ ପରେ ବାବା ଭୈରବ ଦେବଙ୍କ ପ୍ରସିଦ୍ଧ ଖାମୁଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକର ପୁରପଲ୍ଲୀ ଉତ୍ସବ ମୁଖରିତ ହୋଇଉଠିଛି। ଏପରିସ୍ଥଳେ ଖାଲଖମା ରାସ୍ତା ଓ ଷ୍ଟ୍ରିଟ୍ ଲାଇଟ୍ ଅଚଳ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ ଆସନ୍ତା ୨୩ ତାରିଖରେ ବାବା ଅଗ୍ନି ଭୈରବ ଦେବଙ୍କ ଖାମୁଯାତ୍ରାରେ ବହୁସଂଖ୍ୟାରେ ଲୋକଙ୍କ ସମାଗମ ହେବାକୁ ଥିବାବେଳେ ବ୍ଲକ ମୁଖ୍ୟାଳୟ ପୋଖରୀ ଛକଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ଅନ୍ଧାର ରହୁଛି। ପୂର୍ବରୁ ଷ୍ଟ୍ରିଟ ଲାଇଟ ସଂଯୋଗ ହୋଇଥିଲେ ମଧ୍ୟ ବର୍ତ୍ତମାନ ତାହା ଅଚଳ ହୋଇପଡ଼ିଛି। ମା' ମାଣିକେଶ୍ୱରୀ ପୂଜା କମିଟି ପକ୍ଷରୁ ଖାମୁଯାତ୍ରା ଆୟୋଜନ ହେଉଛି। ତେବେ ଲୋକେ ଅନ୍ଧାର ରାତିରେ କିଭଳି ବ୍ଲକ ମୁଖ୍ୟାଳୟକୁ ଯାତ୍ରା ଦେଖିବା ପାଇଁ ଯିବେ ତାକୁ ନେଇ ଚିନ୍ତା ପ୍ରକଟ କରୁଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।



ରାସ୍ତା ଖାଲଖମାପୂର୍ଣ୍ଣ।

## 'ଦାଦନ ଶ୍ରମିକ ମୂଳୋତ୍ପାଟନ ପାଇଁ ପ୍ରୟାସ ହେଉଛି'

**ନୂଆପଡ଼ା,୨୧।୯ (ମକାରୁ ବେମାଲ)**

**ଜିଲାସ୍ତରୀୟ ବିକାଶ ମେଳା ଉଦ୍‌ଘାଟିତ**

ରାଜ୍ୟ ସରକାରଙ୍କ ଶହେ ଦିନ ପୂର୍ତ୍ତି ଉପଲକ୍ଷେ ମିନି ଷ୍ଟାଡିୟମ ନୂଆପଡ଼ାଠାରେ ଜିଲାସ୍ତରୀୟ ବିକାଶ ମେଳା ଶନିବାର ଉଦ୍‌ଘାଟିତ ହୋଇଛି। ଏହା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଶ୍ରମ ଓ ନିୟୋଜନ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ମେଳାର ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସ, ଏସ୍‌ପି ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର, କଳାହାଣ୍ଡି ଏମ୍‌ପି ମାଳବିକା କେଶରୀ ଦେଓ, ଖରିଆର ରୋଡ୍ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ, ନୂଆପଡ଼ା ବିଧାୟକ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

ଉଦ୍‌ବୋଧନ ଦେଇ ମନ୍ତ୍ରୀ କହିଥିଲେ, କେନ୍ଦ୍ର ତଥା ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲିଛି। ମୋହନ ସରକାରକୁ ଶହେ ଦିନ ହୋଇଛି। ରାଜ୍ୟର ପଶ୍ଚିମ ଓଡ଼ିଶା ହେଉଛି ଆଦିବାସୀ ଅଧ୍ୟୁଷିତ ଦାଦନ ପ୍ରବଣ ଅଞ୍ଚଳ। ସେଥିରେ ନୂଆପଡ଼ା ଅନ୍ୟତମ। ଦାଦନ ଶ୍ରମିକର ମୂଳୋତ୍ପାଟନ ପାଇଁ ସରକାର ପିଏମ୍ ଓ ସିଏମ୍ କୃଷକ ସମ୍ମାନ ନିଧି, ସୁଭଦ୍ରା ଯୋଜନାରେ ସହାୟତା ଦେଉଛନ୍ତି। ନିର୍ମାଣ ଶ୍ରମିକ ପରିବାରକୁ ସହାୟତାରେ ୫୦% ବୃଦ୍ଧି କରାଯାଇଛି। କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ କରି ସ୍ୱାବଲମ୍ବୀ ହେବା ପାଇଁ ଲୋକଙ୍କୁ ପ୍ରୋତ୍ସାହିତ କରାଯାଉଛି। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଅଧିକରୁ ଅଧିକ କାମ ଯୋଗାଇବା ପାଇଁ ପ୍ରୟାସ ଚାଲିଛି। ଶ୍ରମିକମାନେ ପଞ୍ଜିକରଣ କରୁନାହାନ୍ତି। ଅନ୍ୟ ଜିଲା ତୁଳନାରେ ନୂଆପଡ଼ା ଜିଲାରେ ଶ୍ରମିକ ପଞ୍ଜିକରଣ ହାର କମ୍ ରହିଛି। ଆଶା, ଅଙ୍ଗନୱାଡ଼ି, ଦୋକାନୀ ଓ ଶ୍ରମିକ ଶ୍ରେଣୀର ସମସ୍ତେ କମ୍ପ୍ୟୁଟର କେନ୍ଦ୍ରକୁ ଯାଇ ପଞ୍ଜିକରଣ କରିପାରିବେ। କୌଣସି ଦଲାଲ ଧରିବା ଆବଶ୍ୟକ ନାହିଁ। ଅନେକ ସ୍ଥାନରେ ଦଲାଲମାନେ ଶ୍ରମିକଙ୍କୁ ଶୋଷଣ କରୁଥିବା ଅଭିଯୋଗ ଆସିଥିଲା। ଏପରି ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବରିଷ୍ଠ ସହାୟକ ବିଭୁଦତ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।




ବିକାଶ ମେଳାରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ବିପୁଳ ପରିମାଣର ମଦ ଜବତ

**ପଦ୍ମପୁର,୨୧।୯ (ପ୍ରଦୀପ୍ତ ଦାଶ):** ପଦ୍ମପୁର ଅବକାରୀ ଥାନା ସମେତ ବରଗଡ଼ ଓ ସମ୍ବଲପୁର ଅବକାରୀ ବିଭାଗର କର୍ମଚାରୀ ମିଳିତ ଭାବେ ପଦ୍ମପୁର ଉପଖଣ୍ଡର ଖଇରପାଲି, ଜନକେଡ଼ା ଏବଂ କେନ୍ଦୁଭଟାରେ ଶନିବାର ଚଢ଼ାଉ କରିଥିଲେ। ଚଢାଉ ବେଳେ ପ୍ରାୟ ୧୦୮୪ ଲିଟର ଦେଶୀ ମଦ, ୧୫୦ଲିଟର ବିଅର, ୬୧.୩୦୫ ଲିଟର ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ବାଦୀକଟା, ରାଏସଲପଦର ଜଙ୍ଗଲ ରାସ୍ତାରେ ବେଆଇନ ମଦ ଜବତ କରାଯାଇଛି। ତେବେ ଅବକାରୀ ବିଭାଗ କର୍ମଚାରୀଙ୍କୁ ଦେଖି ଅଭିଯୁକ୍ତମାନେ ଖସି ପଳାଇଥିଲେ।

### ମାଣ୍ଡୋସିଲ ଡିଗ୍ରୀ କଲେଜରେ ସମ୍ବର୍ଦ୍ଧନା ଉତ୍ସବ

**ପାଇକମାଳ,୨୧।୯(ବଡ଼ ଶତପଥୀ):** ବରଗଡ ଜିଲା ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜ ଓଡ଼ିଆ ବିଭାଗର ଛାତ୍ରୀଛାତ୍ରଙ୍କ ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ବିନୟ ରଞ୍ଜନ ପଣ୍ଡା ସଭାପତିତ୍ୱ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ସନ୍ତୋଷ ସିଂ ଠାକୁର ଓଡ଼ିଆ ଭାଷାର ମହତ୍ୱ ଓ ଛାତ୍ରୀଛାତ୍ରଙ୍କ ସୃଜନଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧାପକ ଅମରେଶ ଠାକୁର ଉତ୍ତମ ଛାତ୍ର ଗଠନରେ ଶୃଙ୍ଖଳା, ଅନୁଶାସନ, ସମୟାନୁବର୍ତ୍ତିତା ହେବା ପାଇଁ ପରାମର୍ଶ ଦେଇଥିଲେ। ଛାତ୍ରୀ ଝରଣା ସନବର୍ଷା ସ୍ୱାଗତ ଭାଷଣ ଦେଇଥିଲେ। ଶୁଭେନ୍ଦୁ ପାଣ୍ଡେ, ହାସିନା ବଣିଆ, ଗୀତାଞ୍ଜଳି ପ୍ରଧାନ, କୁନି ସାହୁ, ଧରିତ୍ରୀ ସାହୁ ନବାଗତଙ୍କୁ କଲେଜର ଶୈକ୍ଷିକ ବାତାବରଣ ଉପରେ ଅବଗତ କରିଥିଲେ। ମୋହନ ଚରଣ ମାଝୀ, କାର୍ତ୍ତିକ ବରିହା, ବୁଲୁ ଦାସ, ସୁଶାନ୍ତ ମାଝୀ, ପ୍ରିୟଙ୍କା ଖୁଣ୍ଟିଆ, ତନୁଶ୍ରୀ ବିଶି, କୁମୁଦିନୀ ମାଝୀ, ଜାନକୀ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ପ୍ରଧାନଶିକ୍ଷକଙ୍କ ବୈଠକରେ ପ୍ରକଳ୍ପ ପ୍ରଦର୍ଶନ

**ବରଗଡ଼,୨୧।୯(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଲଖନପୁରସ୍ଥିତ କମଳ ସିଂ ଦାଉ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଇଓ ଭାବନା ସାହୁ ଅଧ୍ୟକ୍ଷତା କରିଥିଲେ। ଏବିଇଓ ମୋହନ ଚରଣ ମହାନ୍ତ, କେଦାରନାଥ ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁବାଷ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବୈଠକରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱନାଥ ସାହୁ ମଞ୍ଚାସୀନ ଥିଲେ। ବିଜ୍ଞାନ ଶିକ୍ଷକ ମନୋହର ସାହୁ ସ୍ୱାଗତ ଭାଷଣ ଓ ବିଇଓ ସାହୁ, କର୍ଲା ହାଇସ୍କୁଲର ପ୍ରଧାନ ଶିକ୍ଷକ ହେମଚନ୍ଦ୍ର ସାହୁ ଉତ୍କର୍ଷ, ଆକାଂକ୍ଷୀ ପାଠ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଶିକ୍ଷକ ସୁଜିତ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ।

### ଚତୁର୍ଥ କ୍ଲଷ୍ଟର ସ୍ତରୀୟ ମାସିକ ବୈଠକ



**ସରଣ୍ଡା,୨୧।୯(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ଅତାବିରା ବ୍ଲକ କୁଲୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଗବୁଗା କ୍ଲଷ୍ଟର ସ୍ତରୀୟ ଚତୁର୍ଥ ମାସିକ ବୈଠକ ସିଆରସିସି ନନ୍ଦିଘୋଷ ଭୁଏଙ୍କ ନେତୃତ୍ୱରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କ୍ଲଷ୍ଟରର ସମସ୍ତ ସରକାରୀ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରିଥିଲେ। ବୈଠକରେ ପ୍ରଥମେ ବିଦ୍ୟାଳୟ ଶ୍ରେଣୀଗୃହକୁ ସମସ୍ତେ ପରିଦର୍ଶନ କରି ତାର ଭୌତିକ ଓ ଶୈକ୍ଷିକ ପରିବେଶ ସମ୍ପର୍କରେ ଆଲୋଚନା କରିଥିଲେ। ମାସିକ ଶୈକ୍ଷିକ କ୍ୟାଲେଣ୍ଡର, ଏକକ ଓ ବହୁ ଶ୍ରେଣୀୟ ପାଠ ଯୋଜନା, ଶିକ୍ଷଣ ସୋପାନ, ଜାତୀୟ ଉପଲବ୍ଧି ସର୍ବେକ୍ଷଣ ପ୍ରସ୍ତୁତି, ପର୍ଯ୍ୟାୟ ଭିତ୍ତିକ ମାନ ନିର୍ଦ୍ଧାରଣ, ସୁରଭି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଡୋଲାମଣି ନାୟକ, ଶିକ୍ଷକ ସଞ୍ଜୟ ମେହେର, ମାନସ କୁମାର ସାହୁ ଓ ଶିକ୍ଷୟିତ୍ରୀ ମିନତି ଭୋସାଗର ପ୍ରମୁଖ ସହଯୋଗ କରିଥିଲେ।

# ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଆମରଣ ଅନଶନ

**ଝାରବନ୍ଧ,୨୧।୯(ଦେବେନ୍ଦ୍ର ସାହୁ)**



ସ୍ୱେଚ୍ଛାସେବୀ ଝାରବନ୍ଧ ଡାକ୍ତରଖାନା ସମ୍ମୁଖରେ ଅନଶନରେ ବସିଛନ୍ତି।

ବରଗଡ଼ ଜିଲା ଝାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ଅଞ୍ଚଳର ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତର ନିଯୁକ୍ତି ହେଉ ନ ଥିବାରୁ କେବଳ ଜଣେ ଆୟୁଷ ଡାକ୍ତର ଓ ଫାର୍ମାସିଷ୍ଟରେ ଡାକ୍ତରଖାନା ଚାଲିଛି। ଫଳରେ ଉକ୍ତ ଡାକ୍ତରଖାନାରେ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନେକ ଦିନରୁ ସ୍ଥାୟୀ ଡାକ୍ତର ନିଯୁକ୍ତି ପାଇଁ ଦାବି ହୋଇଆସୁଥିଲା ବେଳେ ସ୍ୱାସ୍ଥ୍ୟ ବିଭାଗ କର୍ଣ୍ଣପାତ କରୁନାହିଁ। ଫଳରେ ଏହାର ପ୍ରତିବାଦରେ ଝାରବନ୍ଧର ଯୁବ ସ୍ୱେଚ୍ଛାସେବୀ ଜୟକୁମାର ନିଗମ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ପ୍ରାଥମିକ

**ଝାରବନ୍ଧ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର**

ସ୍ୱାସ୍ଥ୍ୟ କେନ୍ଦ୍ର ସାମ୍ନାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନରେ ବସିଛନ୍ତି। ଝାରବନ୍ଧ ଗ୍ଲୋବାଲ ସ୍ପୋର୍ଟିଂ, ସାମ୍ବାଦିକ ସଂଘ ଓ ସଚେତନ ନାଗରିକ ସଂଘର ସଦସ୍ୟମାନେ ତାଙ୍କୁ ସମର୍ଥନ ଜଣାଇ ଧାରଣାସ୍ଥଳରେ ଉପସ୍ଥିତ ରହିଥିଲେ। ଖବର ପାଇ ପଦ୍ମପୁର ଏସ୍‌ଡିଏମ୍‌ଓ ଜଣେ ଡାକ୍ତରଙ୍କୁ ଡେପୁଟେଶନରେ ଆଣି ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ସ୍ଥାୟୀ ଡାକ୍ତର ନିଯୁକ୍ତି ହୋଇ ନ ଥିବାରୁ ଅନଶନ ଜାରିରହିବ ବୋଲି ନିଗମ ଜଣାଇଛନ୍ତି । ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ୭ଟା) ଅନଶନ ଜାରି ରହିଥିଲା।

# ନିରାପଦ ସ୍ଥାନାନ୍ତରଣ, ଶିଶୁ ଚାଲାଣ ଉପରେ ସଚେତନତା

**ପଦ୍ମପୁର,୨୧।୯(ପ୍ରଦୀପ୍ତ ଦାଶ)**

ବରଗଡ଼ ଜିଲା ପ୍ରଶାସନ, ପୋଲିସ ଓ ଶ୍ରମ ବିଭାଗ ତରଫରୁ ନିରାପଦ ସ୍ଥାନାନ୍ତରଣ ଓ ଶିଶୁ ଚାଲାଣ ନେଇ ପଦ୍ମପୁର ବ୍ଲକ ମହୁଲପାଲିଠାରେ ଶନିବାର ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଥିଲା। ଜିଲା ସାମାଜିକ ସୁରକ୍ଷା ଓ ମଙ୍ଗଳ ବିଭାଗ ସଂଯୋଜକ ତରୁଣସେନ ପୃଷେଠ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିଲେ। ଏଥିରେ ପଦ୍ମପୁର ଉପଜିଲାପାଳ ସ୍ନେହା ଅରଗୁଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରମିକଙ୍କ ନିରାପଦ ସ୍ଥାନାନ୍ତରଣ ସମ୍ପର୍କରେ ଆଲୋକପାତ କରିଥିଲେ। ଏଡ ଆଣ୍ଡ ଏକ୍ସନ ଇଣ୍ଡିଆର ଜ୍ୟୋତି ପ୍ରକାଶ ବ୍ରହ୍ମା ସ୍ଥାନାନ୍ତରଣ ଓ ଶିଶୁ ଚାଲାଣ ବାବଦରେ ଆଲୋଚନା କରିଥିଲେ। ବରଗଡ଼ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁ ଏକ୍କା ଉଦ୍ଧାର କରାଯାଇଥିବା ଶିଶୁଙ୍କ ଥଇଥାନ ଉପରେ କହିଥିଲେ। ଶ୍ରମିକ ସ୍ଥାନାନ୍ତରଣ ସହିତ ଶିଶୁ ଚାଲାଣ ରୋକିବା ପାଇଁ ସରକାରଙ୍କ ତରଫରୁ ନିଆଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ପଦ୍ମପୁର ବିଡ଼ିଓ ଚନ୍ଦ୍ରମଣି ନାଗ ସୂଚନା ଦେଇଥିଲେ। ଜିଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି, ୟୁନିସେଫ୍‌ର ସ୍ନେହା ସିଂ, ପଦ୍ମପୁର ଥାନା ଆଇଆଇସି ମମତା ନାଏକ ବିଭିନ୍ନ ସାମାଜିକ ଯୋଜନା ଉପରେ ଆଲୋକପାତ କରିଥିଲେ। ଶ୍ରମିକ ସ୍ଥାନାନ୍ତରଣ ଓ ଶିଶୁ ଚାଲାଣ ରୋକିବା ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଝାରବନ୍ଧ ଅଙ୍ଗନୱାଡ଼ିର ଜମବତୀ ସାହୁ, ତୁଳାବତୀ ପଟେଲ ଓ ପାଇକମାଳ ବ୍ଲକ କାସାଡା ପଞ୍ଚାୟତର ସରପଞ୍ଚ ଉଗ୍ରସେନ ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ପଦ୍ମପୁର ମହିଳା ଓ ଶିଶୁ ବିକାଶ ଅଧିକାରୀ ଗୋଲି ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।


ସଚେତନତା ଶିବିରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

# ଗ୍ରାମବାସୀଙ୍କ ବିଦ୍ୟୁତ୍ ଦେୟ ପୈଠ ବର୍ଜନ

**ବରଗଡ଼,୨୧।୯(ପ୍ରେମାନନ୍ଦ ଖମାରୀ)**


ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ କଟାପାଲି ଗ୍ରାମରେ ବିଦ୍ୟୁତ ଦେୟ ଅସୁଲିକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଲାଗି ରହିଛି। ଗ୍ରାମବାସୀ ପ୍ରାୟ ଏକ ମାସ ହେଲା ବିଦ୍ୟୁତ୍ ଦେୟ ପ୍ରଦାନକୁ ବନ୍ଦ ରଖି ପ୍ରତିବାଦ କରିଆସୁଛନ୍ତି। ତେବେ ଶନିବାର ବିଦ୍ୟୁତ ବିଭାଗର ଏକ ପ୍ରତିନିଧି ଦଳ ଗ୍ରାମବାସୀଙ୍କ ସହିତ ଆଲୋଚନା ପାଇଁ ପହଞ୍ଚିଥିଲେ। କଟାପାଲି ପଞ୍ଚାୟତ ଗୃହରେ ଆଲୋଚନା ହୋଇଥିଲା। ଆଲୋଚନାରେ ସ୍ଥାନୀୟ ସରପଞ୍ଚ ରମେଶ ସାହୁ, ସମିତିସଭ୍ୟ ଦୀପକ ବିଶ୍ୱାଳଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଆଲୋଚନା ସମୟରେ ଗ୍ରାମବାସୀ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ୭ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଦାବି ସମୂହ ପୂରଣ କରା ନ ଯିବା ପର୍ଯ୍ୟନ୍ତ ବିଦ୍ୟୁତ ଦେୟ ପୈଠ ବର୍ଜନ ଭଳି ପଦକ୍ଷେପ ନେବେ ବୋଲି ଉପସ୍ଥିତ ଅଧିକାରୀଙ୍କୁ ରୋକଠୋକ୍ ଶୁଣାଇ ଦେଇଥିଲେ। କଟାପାଲି ପଞ୍ଚାୟତ ଅନ୍ତର୍ଗତ ଗ୍ରାମଗୁଡ଼ିକରେ ଲାଗିଥିବା ସ୍ମାର୍ଟ ମିଟରକୁ ତୁରନ୍ତ ଅପସାରଣ କରିବା, ମିଟରରେ

- ଗ୍ରାମବାସୀ ଓ ବିଦ୍ୟୁତ୍ ଅଧିକାରୀଙ୍କ ମଧ୍ୟରେ ବୈଠକ
- ଗ୍ରାମବାସୀ ଦେଲେ ୭ ଦଫା ସମ୍ବଳିତ ଦାବିପତ୍ର

ଆସୁଥିବା ବିଦ୍ୟୁତ ୟୁନିଟ୍ ବ୍ୟତୀତ ଫିକ୍ସଡ୍ ଚାର୍ଜ ମିଟର ରେଣ୍ଟ, ଇଲେକ୍ଟ୍ରି ଡ୍ୟୁଟି, ମିଟରରେ ସବୁବେଳେ ଜଳୁଥିବା ବଲ୍‌ବର ଦେୟ ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ଚାଷକାର୍ଯ୍ୟରେ ବ୍ୟବହୃତ ହେଉଥିବା ବିଦ୍ୟୁତ୍ ବିଲ୍‌କୁ ଜଳସେଚିତ ଅଞ୍ଚଳର ଜଳକର ସହିତ ସମାନ ରଖାଯିବା, ୧ରୁ ଶେଷ ୟୁନିଟ୍ ପର୍ଯ୍ୟନ୍ତ ବିଦ୍ୟୁତ୍ ଦେୟ ସମାନ ରଖାଯିବା, ଉପଭୋକ୍ତାଙ୍କଠାରୁ ବକେୟା ବିଦ୍ୟୁତ୍ ବିଲ୍ ଅସୁଲି ବନ୍ଦ କରିବା, କୌଣସିକ୍ରମେ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରା ନ ଯିବା, ନୂତନ ବିଦ୍ୟୁତ ସଂଯୋଗ ଚାହୁଁଥିବା ଲୋକଙ୍କୁ ହଇରାଣ ନ କରି ବିଦ୍ୟୁତ ସେବା ଯୋଗାଇ ଦେବାକୁ ଦାବି ହୋଇଥିଲା। ଏହାସହିତ ଗତ ସାଧାରଣ ନିର୍ବାଚନ ପ୍ରଚାର ସମୟରେ ସରକାରୀ ଦଳର ନେତାମାନେ ୩୦୦ୟୁନିଟ୍ ମାଗଣା ବିଦ୍ୟୁତ୍ ଦେବା ପାଇଁ ଘୋଷଣା କରିଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଏହାର ସମ୍ପୂର୍ଣ୍ଣ ସ୍ପଷ୍ଟୀକରଣ ନ ମିଳିବା ପର୍ଯ୍ୟନ୍ତ ବିଦ୍ୟୁତ୍ ଦେୟ ଅସୁଲି ବନ୍ଦ ରଖିବାକୁ ଦାବି ହୋଇଛି।

### ଗାଇସିଲେଟରେ ଜନଶୁଣାଣି ବୈଠକ

**ଗାଇସିଲେଟ୍,୨୧।୯(ଦୁର୍ଗାପ୍ରସାଦ ତ୍ରିବେଦୀ)**

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ସଭାଗୃହରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଜନଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବ୍ଲକ ଅନ୍ତର୍ଗତ ୧୯ଟି ପଞ୍ଚାୟତର ଲୋକେ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗ କରିଥିଲେ। ସମୀକ୍ଷକ ଆନନ୍ଦ ପ୍ରଧାନ, ବିଡ଼ିଓ ଲକ୍ଷ୍ମଣ ମାଝି, ବିଶ୍ୱରଞ୍ଜନ ମଲ୍ଲିକ, ଏପିଓ ମାନସ କୁମାର ଭୋଇ, ସହକାରୀ ଯନ୍ତ୍ରୀ ପ୍ରଭାତ ରଞ୍ଜନ ତ୍ରିପାଠୀ, ବ୍ଲକ ଉପାଧ୍ୟକ୍ଷା ଯଶୋବନ୍ତୀ ପ୍ରଧାନ, ଜିଲା ପରିଷଦ ସଭ୍ୟା ଝରଣା ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ୨୦୨୩-୨୪ ଆର୍ଥିକ ବର୍ଷ ସକାଶେ ୫୫୬୮ ପ୍ରକଳ୍ପ ମଧ୍ୟରୁ ୧୮୦୫ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ଏବଂ ୨୭୮୭.୨୪ଲକ୍ଷ ଟଙ୍କା ବ୍ୟୟ ହୋଇଥିବା ସୂଚନା ଦିଆଯାଇଥିଲା। ସେହିପରି ୨୦୧୨୮ ପରିବାରକୁ ଜବ୍‌କାର୍ଡ ଯୋଗାଇ ଦିଆଯାଇଛି। ୧୨,୩୨୧ଜଣ କାମ ମାଗିଥିବାବେଳେ ସମସ୍ତଙ୍କୁ କାମ ଯୋଗାଇ ଦିଆଯାଇଛି ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ୨୧୭୩ଜଣ ୧୦୦ଦିନ, ୩୧୫ଜଣ ୨୦୦ଦିନ ଏବଂ ୨୫ଜଣ ୩୦୦ଦିନ କାମ ପାଇଥିବା ସୂଚନା ଦିଆଯାଇଥିଲା।

# ରାଣାପ୍ରତାପ ସ୍କୁଲରେ ପୁରସ୍କାର ବିତରଣୀ ସମାରୋହ

**ବରଗଡ଼,୨୧।୯(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ରାଣାପ୍ରତାପ ସ୍କୁଲ ପରିସରରେ ଶନିବାର ପୁରସ୍କାର ବିତରଣୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାରୋହରେ ସ୍ୱଭାବ କବି ଗଙ୍ଗାଧର ମେହେର ଏବଂ ପ୍ରଫେସର ଘନଶ୍ୟାମ ଦାଶଙ୍କ ସ୍ମୃତିରେ ହୋଇଥିବା ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତ୍ସ୍ନାମୟୀ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ କୋଶଲ ଟାଇମ୍ ପତ୍ରିକାର ସମ୍ପାଦକ ସଞ୍ଜୀବ ମହାପାତ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ଶ୍ୟାମସୁନ୍ଦର ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ସାମାଜିକ କର୍ମୀ ମେଘନାଦ ପ୍ରଧାନ, ରାଜ୍ୟ ପୁରସ୍କାରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସାହିତ୍ୟିକ ମନୋରଞ୍ଜନ ମେହେର ମୁଖ୍ୟବକ୍ତା ଭାବେ ଯୋଗଦେଇ ସ୍ୱଭାବ କବି ଗଙ୍ଗାଧରଙ୍କ କାବ୍ୟକୃତି ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାର ୩ ମେଧାବୀ ଛାତ୍ରଙ୍କୁ ପ୍ରଫେସର ଘନଶ୍ୟାମ ଦାଶ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଛାତ୍ରୀଛାତ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।


ପୁରସ୍କାର ବିତରଣୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

# ଜୟ କିଷାନ ଆନ୍ଦୋଳନର କୃଷକ ଚେତନା ସଭା

**ପାଇକମାଳ,୨୧।୯(ବଡ ଶତପଥୀ)**


ଆଲୋଚନା ସଭାରେ ଯୋଗ ଦେଇଥିବା ଚାଷୀଗଣ।

ବରଗଡ ଜିଲା ପାଇକମାଳ ଚେତନା ଶ୍ରମିକ ସଂଘ ପରିସରରେ ଶନିବାର ଏକ କୃଷକ ଚେତନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟ କିଷାନ ଆନ୍ଦୋଳନ ସଭାପତି ବିଶ୍ୱନାଥ ରଣାଙ୍କ ସଭାପତିତ୍ୱରେ ପାଇକମାଳ, ଝାରବନ୍ଧ, ପଦ୍ମପୁର ବ୍ଲକ ଆନ୍ଦୋଳନର କର୍ମକର୍ତ୍ତା ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶା ସମନ୍ୱୟ ସମିତି ଆବାହକ ଲିଙ୍ଗରାଜ, ବରିଷ୍ଠ ଚାଷୀ ନେତା ଶିବ ପ୍ରସାଦ, ହର ବଣିଆ, ମହେଶ, ଅରୁଣ, ସନ୍ତୋଷ ବେହେରା, ଡୋଲାମଣି, ବାଳକୃଷ୍ଣ ବନୋଛୋର୍, ରାହାସ ସାହୁ, ଗୁପତ ବାରିକ, କ୍ଷେତ୍ରି ଲୁହାର ପ୍ରମୁଖ ଉପସ୍ଥିତ ଥିଲେ। ଲିଙ୍ଗରାଜ ତାଙ୍କ ବକ୍ତବ୍ୟରେ ବିଦ୍ୟୁତ୍ ବିଭାଗ ଚାଷୀମାନଙ୍କୁ ହଇରାଣ କରୁଥିବାରୁ ଏହି ସମସ୍ୟାକୁ ସରକାରଙ୍କ ପାଖରେ ପହଞ୍ଚାଇ ପାରିଲେ ତାର ସମାଧାନ ହୋଇପାରିବ ବୋଲି କହିଥିଲେ। ବରିଷ୍ଠ ଚାଷୀ ନେତା ଶିବ ପ୍ରସାଦ ବିଗତ ଦିନରେ ଚାଷୀ ଆନ୍ଦୋଳନ ରୂପରେଖ ବିଷୟରେ ଆଲୋକପାତ କରିଥିଲେ। ଝାରବନ୍ଧ ବ୍ଲକର ସନ୍ତୋଷ ବେହେରା ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟର ବାଟମାରଣା ବିଷୟରେ ବକ୍ତବ୍ୟ ରଖିଥିଲେ। ଜନଆନ୍ଦୋଳନର ଯୁବ ନେତା ଚନ୍ଦ୍ରହାସ ସମ୍ବିଧାନରେ ଥିବା ପଛୁଆ ବର୍ଗଙ୍କ ଅଧିକାର ଓ ସଂରକ୍ଷଣ ବ୍ୟବସ୍ଥା ଉପରେ ମତ ରଖିଥିଲେ। ଜୟ କିଷାନ ଆନ୍ଦୋଳନର ବରଗଡ଼ ଜିଲା ପୂର୍ବତନ ସମ୍ପାଦକ ଅରୁଣ ସାହୁ ସଙ୍ଗଠନ ବିଷୟରେ କହିଥିଲେ। ଏଥିରେ ପାଇକମାଳ, ଝାରବନ୍ଧ, ପଦ୍ମପୁର ବ୍ଲକର ଶତାଧିକ ଚାଷୀ ଉପସ୍ଥିତ ଥିଲେ। ବାଳକୃଷ୍ଣ ବନୋଛୋର ଧନ୍ୟବାଦ ଅର୍ପଣ କରିଥିଲେ।

### ଜନ୍ମଦିନରେ ଅଙ୍ଗଦାନ ପଞ୍ଜୀକରଣ

**ପଦ୍ମପୁର,୨୧।୯ (ପ୍ରଦୀପ୍ତ ଦାଶ):** ପଦ୍ମପୁର ସହରର ସହଯୋଗ ଅନୁଷ୍ଠାନର ସମ୍ପାଦକ ତାପସ ନାୟକ ନିଜ ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ସେ ତାଙ୍କ ଜନ୍ମଦିନରେ ନିଜ ଆଖି, କିଡ୍‌ନୀ, ହାର୍ଟ ଓ ହାର୍ଟ ଭଲ୍‌ଭ ଆଦି ଅଙ୍ଗଦାନ କରିବା ପାଇଁ ପଞ୍ଜୀକରଣ କରିଛନ୍ତି। ପୂର୍ବରୁ ଅନୁଷ୍ଠାନର ସଭାପତି ମୌସମ ପାଗୋଡ଼ା ମଧ୍ୟ ତାଙ୍କ ଜନ୍ମଦିନରେ ଅଙ୍ଗଦାନ କରିବା ପାଇଁ ପଞ୍ଜୀକରଣ କରିଥିଲେ। ଏତଦବ୍ୟତୀତ ଭାରୁଆମୁଣ୍ଡାର ଭିନ୍ନକ୍ଷମ ଛାତ୍ର ଜଗନ୍ନାଥ ତାଣ୍ଡି ମାଣ୍ଡୋସିଲ କଲେଜରେ ପାଠ ପଢୁଛନ୍ତି । ବାପା କ୍ଷୀରୋଦ ତାଣ୍ଡି ଦିନ ମଜୁରିଆ ଏବଂ ମା' ଜେମା ତାଣ୍ଡି ଗୃହିଣୀ। ତେଣୁ ତାଙ୍କ ପାଠପଢାରେ ଅର୍ଥ ବାଧକ ସାଜିଛି। ଖବର ପାଇ ଶନିବାର ତାପସ ଭରୁଆମୁଣ୍ଡା ଯାଇ ପାଠପଢା ପାଇଁ ଜଗନ୍ନାଥଙ୍କୁ ଆବଶ୍ୟକ ବହିପତ୍ର ଯୋଗାଇଦେବା ସହ ଆଗାମୀ ଦିନରେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ।

# ପୁରାତନ ଛାତ୍ର ସଙ୍ଗଠନ ଆଲୁମ୍ନି ବୈଠକ

**ସରଣ୍ଡା,୨୧।୯(ଯୁଧିଷ୍ଠିର ମହାପାତ୍ର)**

ବରଗଡ ଜିଲା ଅତାବିରା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟର ପୁରାତନ ଛାତ୍ରୀଛାତ୍ରୀ ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଏକ ସାଧାରଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପୁରାତନ ଛାତ୍ର ସଙ୍ଗଠନକୁ କିଭଳି ସୁଦୃଢ ସହ ମହାବିଦ୍ୟାଳୟର ଉନ୍ନତି କରାଯିବ ସେ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ପୁରାତନ ଛାତ୍ର ଅରୁଣ ତ୍ରିପାଠୀ, ମାନଭଞ୍ଜନ ପ୍ରଧାନ, ଯତୀନ ପ୍ରଧାନ, କ୍ଷୀରୋଜ ନାୟକ, ଅଭିନାଶ ବାରିକ, ଦିଲୀପ ଅଗ୍ରୱାଲ, ବିଜୟ ପ୍ରଧାନ, ସୁକୁମାର ଖମାରୀ, ସନ୍ଦୀପ ପ୍ରଧାନ, ସଞ୍ଜୀବ ଦାସ, ଝସକେତନ ଦେବତା, ସରୋଜ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ। ସୂର୍ଯ୍ୟନାରାୟଣ ବିଶ୍ୱାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ଅଧ୍ୟକ୍ଷ ପ୍ରଧାନ ଧନ୍ୟବାଦ ଜଣାଇଥିଲେ।


ବୈଠକରେ ଉପସ୍ଥିତ ପୁରାତନ ଛାତ୍ର।

# ପଦଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଗଲେ

**ବରଗଡ଼,୨୧।୯(ପ୍ରେମାନନ୍ଦ ଖମାରୀ)**

ରାଜ୍ୟରେ କାର୍ଯ୍ୟରତ ଜେସିବି ଚାଳକଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରିଥିବା ଅଭିଯୋଗ ହୋଇଛି। ଜେସିବି ଚାଳକ ସଂଘ ବାରମ୍ବାର ବିଭିନ୍ନ ଦାବି ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ କିଛି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି କ୍ରମରେ ଶୁକ୍ରବାର ବରଗଡ଼ ଜିଲା ଜେସିବି ଚାଳକ ସଂଘର ଏକ ପ୍ରତିନିଧି ଦଳ ପଦଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଛନ୍ତି। ବରଗଡ଼ ବ୍ଲକ ଜମୁର୍ଡ଼ା ଟାଙ୍ଗରପଡ଼ାରୁ ସେମାନେ ପଦଯାତ୍ରା ଆରମ୍ଭ କରିଛନ୍ତି। ନନ୍ଦନ ମହାନନ୍ଦ ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଆସନ୍ତା ୨୬ତାରିଖରେ ସେମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଦାବିପତ୍ର ଦେବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ଦାବି ସମୂହରେ ୧୩ଟି ଦାବି ରହିଛି। ପଶ୍ଚିମ ଓଡ଼ିଶାର ସମସ୍ତ ଜେସିବି ଅପରେଟରଙ୍କ ଲାଇସେନ୍ସକୁ ବାଧ୍ୟତାମୂଳକ କରାଯିବା, ଜେସିବି ଅପରେଟରମାନଙ୍କ ଡ୍ୟୁଟି ସମୟ ୮ଘଣ୍ଟା ରଖାଯିବା, ଅପରେଟରମାନଙ୍କୁ ମାସିକ ଅତିକମ୍‌ରେ ୨ଦିନ ଏବଂ ସଂକ୍ରାନ୍ତିରେ ଗୋଟିଏ ଦିନ ଛୁଟି ଦେବା, ପ୍ରତିମାସ ୧ରୁ ୧୦ତାରିଖ ମଧ୍ୟରେ ଆକାଉଣ୍ଟ ଟ୍ରାନ୍ସଫର ମାଧ୍ୟମରେ ଦରମା ପ୍ରଦାନ, ଅତିକମ୍‌ରେ ଜେସିବି ଚାଳକଙ୍କୁ ୧ବର୍ଷ ନିଯୁକ୍ତି, ବର୍ଷାଋତୁରେ ଜେସିବି କାମ ବନ୍ଦ ସମୟରେ ମାଲିକମାନେ ଦରମାର ୭୫ପ୍ରତିଶତ ଅପରେଟରମାନଙ୍କୁ ପୈଠ


ଜେସିବି ଚାଳକମାନେ ବରଗଡ଼ ବ୍ଲକ ଜମୁର୍ଡ଼ା ଟାଙ୍ଗରପଡ଼ାରୁ ପଦଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଛନ୍ତି।

**ଜେସିବି ଚାଳକ ସଂଘର ଦାବିକୁ ଅଣଦେଖା**

କରିବା, ଚାଳକ କାର୍ଯ୍ୟ କରୁଥିବା ସମୟରେ ମୃତ୍ୟୁ ଘଟିଲେ ସରକାର ସର୍ବନିମ୍ନ ୫ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଦାବି ରହିଛି। ସେହିପରି ଦରମା ବୃଦ୍ଧି ପାଇଁ ମଧ୍ୟ ଦାବି ହୋଇଛି। ଯଦି କୌଣସି ରୋଗରେ ଜେସିବି ଅପରେଟର କିମ୍ବା ଚାଳକଙ୍କ ମୃତ୍ୟୁ ହୁଏ, ଉଭୟ ସରକାରୀ ଏବଂ ବେସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାଗଣାରେ ଶବ ପରିବହନ ଖର୍ଚ୍ଚ ମାଗଣା କରିବାକୁ ମଧ୍ୟ ଦାବି ହୋଇଛି। ସଂଘର ସଭାପତି ମିଥୁନ ମହାରଣା, ଉପସଭାପତି ରବି ରଞ୍ଜନ ବେହେରା, ସାଧାରଣ ସମ୍ପାଦକ ଦିପକ ପ୍ରସାଦ ସାହୁ, ସମ୍ପାଦକ ହେମନ୍ତ ସାହୁ, କୋଷାଧ୍ୟକ୍ଷ ଆଦିତ୍ୟ ସାହୁ ପ୍ରମୁଖଙ୍କ ନେତୃତ୍ୱରେ ସଂଘର ସଦସ୍ୟମାନେ ପଦଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଅଭିମୁଖେ ଯାଇଛନ୍ତି।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ରୁପା ଗହଣା ଚୋରି

ରାଉରକେଲା,୨୧।୯(ସଙ୍ଗୀତା ଜେନା): ସେକ୍ଟର-୩ ଥାନା ଅନ୍ତର୍ଗତ ସେକ୍ଟର-୨ ସାହାନାଇ ମଣ୍ଡପ ନିକଟରେ ଶନିବାର ସକାଳେ ଜଣେ ବ୍ୟବସାୟୀ ବାଇକରେ ରୁପା ଗହଣା ବ୍ୟାଗ ରଖି ଜଳଖିଆ ଖାଇବାକୁ ଯାଇଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାକୁ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ବ୍ୟବସାୟୀ ଯୋଗେନ୍ଦ୍ର ନାୟକ ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୧୮୧/୨୪) ରୁଜୁ କରି ତଦନ୍ତ କରୁଛି।

### ମହିଳାଙ୍କଠାରୁ ୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗ

ରାଉରକେଲା,୨୧।୯(ସଙ୍ଗୀତା ଜେନା): ଏକ ପ୍ରମୁଖ ଆଇଟି କମ୍ପାନୀ ପକ୍ଷରୁ ୱାର୍କ ଫ୍ରମ ହୋମ୍ ଚାକିରି ଆଳରେ ବାସନ୍ତୀ କଲୋନୀର ଜଣେ ମହିଳାଙ୍କଠାରୁ ପ୍ରାୟ ୮ଲକ୍ଷ ଟଙ୍କା ଠକେଇ ହୋଇଥିବା ଉଦିତନଗର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୩୪୧/୨୪) ରୁଜୁ କରି ତଦନ୍ତ କରୁଛି। ଅଭିଯୋଗକାରିଣୀ ଚନ୍ଦନା ତିୱାରୀଙ୍କୁ ୱାର୍କ ଫ୍ରମ୍ ହୋମ ଚାକିରି ଅଫର ମିଳିଥିଲା। ପରେ ଚନ୍ଦନାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପ୍ରାୟ ୮ ଲକ୍ଷ ଟଙ୍କା ଉଭାନ୍ ହୋଇଯାଇଥିଲା। ଏହା ଜାଣିବା ପରେ ଶନିବାର ଚନ୍ଦନା ଉଦିତନଗର ଥାନାରେ ଅଭିଯୋଗ କରିଥିଲେ।

# ଯାଞ୍ଚ ପାଇଁ ସ୍ଲଟ୍ ଅଭାବ

**ରାଉରକେଲା ପାସ୍‌ପୋର୍ଟ ସେବା କେନ୍ଦ୍ର**

**ରାଞ୍ଚି ଓ ଅନ୍ୟ ସ୍ଥାନକୁ ଯାଉଛନ୍ତି ଲୋକେ**

ରାଉରକେଲା,୨୧।୯(ସଙ୍ଗୀତା ଜେନା)



ସେକ୍ଟର-୨୧ରେ ଥିବା ପାସ୍‌ପୋର୍ଟ ସେବା କେନ୍ଦ୍ର ।

ବିଦେଶ ଯାତ୍ରା ପାଇଁ ପାସ୍‌ପୋର୍ଟର ଆବଶ୍ୟକତା ରହିଛି। ତେବେ ରାଉରକେଲାରେ ରହିଥିବା ସୁନ୍ଦରଗଡ଼ ଜିଲାର ଏକମାତ୍ର ପାସପୋର୍ଟ ଯାଞ୍ଚ କେନ୍ଦ୍ର ବା ପୋଷ୍ଟଅଫିସ୍ ପାସପୋର୍ଟ ସେବା କେନ୍ଦ୍ର (ପିଓପିଏସ୍‌କେ)ରେ ବର୍ତ୍ତମାନ ଅନ୍‌ଲାଇନ୍ ସ୍ଲଟ୍ ଉପଲବ୍ଧ ହେଉନାହିଁ। ଫଳରେ ଲୋକେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏପରିକି ଲୋକମାନଙ୍କୁ ରାଞ୍ଚି କିମ୍ବା ଅନ୍ୟ ଦୂରସ୍ଥାନକୁ ଯିବାକୁ ପଡୁଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ପୂର୍ବରୁ ଉକ୍ତ ପାସ୍‌ପୋର୍ଟ ପାଇଁ ଲୋକେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାସ୍‌ପୋର୍ଟ କେନ୍ଦ୍ର ଉପରେ ନିର୍ଭର କରୁଥିଲେ। ଏଥିପାଇଁ ସେମାନେ ଦୀର୍ଘଦିନ ଅପେକ୍ଷା କରୁଥିଲେ। ରାଉରକେଲାରେ ଏନ୍‌ଆଇଟି ଓ ଇସ୍ପାତ କାରଖାନା ଆଦିକୁ ଦୃଷ୍ଟିରେ ରଖି ୨୦୧୭ରେ ଏମ୍‌ପି ଜୁଏଲ ଓରାମ ଏହି କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ସେକ୍ଟର-୨୧ ସ୍ଥିତ ମୁଖ୍ୟ ଡାକଘରରେ ଏହି କେନ୍ଦ୍ର ଖୋଲିବା ପରେ ରାଉରକେଲା ସମେତ ଜିଲାର ଲୋକେ ଉପକୃତ ହେଲେ। ତେବେ ବର୍ତ୍ତମାନ ସ୍ଲଟ୍ ଉପଲବ୍ଧ ନ ଥିବାରୁ ଲୋକେ ନିରାଶ ହୋଇଛନ୍ତି। ଅପରପକ୍ଷେ ପାସପୋର୍ଟ ଆବେଦନକାରୀଙ୍କୁ ସ୍ଲଟ୍ ଉପଲବ୍ଧ ନ ଥିବା ଦର୍ଶାଇ ରାଞ୍ଚି, କଲିକତା ସମେତ ବରଗଡ଼, ସମ୍ବଲପୁର, କେନ୍ଦୁଝର ଭଳି ସ୍ଥାନରେ ଅନ୍‌ଲାଇନ୍ ଆବେଦନ କରିବାକୁ ପରାମର୍ଶ ଦିଆଯାଉଛି। ରାଉରକେଲା ଭଳି ଅତ୍ୟାଧୁନିକ ସହରରେ ଏନ୍‌ଆଇଟି, ରାଉରକେଲା ଇସ୍ପାତ କାରଖାନା ସମେତ ଭଳି ବହୁ ଜାତୀୟ ସଂସ୍ଥାନ ରହିଛି। ଏହି ଅନୁଷ୍ଠାନ ସହ ଜଡ଼ିତ ଛାତ୍ରୀଛାତ୍ର, ଶିକ୍ଷାବିତ୍, କର୍ମଚାରୀମାନଙ୍କୁ ବିଦେଶ ଯିବା ଲାଗି ଅନେକ ସୁଯୋଗ ମିଳିଥାଏ। ଏପରିକି ଅନେକ ବୃଦ୍ଧ ଦମ୍ପତିଙ୍କ ସନ୍ତାନମାନେ ବିଦେଶରେ ରୁହନ୍ତି। ବୃଦ୍ଧ ଦମ୍ପତିଙ୍କ ସୁବିଧା ପାଇଁ ରାଉରକେଲା ପାସପୋର୍ଟ କେନ୍ଦ୍ର ବ୍ୟତୀତ ଅନ୍ୟକେନ୍ଦ୍ରକୁ ଯିବା କାଠିକର ପାଠ ହୋଇପଡ଼ିଛି। ସେହିପରି ଅତ୍ୟାବଶ୍ୟକ କ୍ଷେତ୍ରରେ ତତ୍କାଳ ପାସପୋର୍ଟ ଆବେଦନ ବ୍ୟବସ୍ଥା ମଧ୍ୟ ରାଉରକେଲାରେ ନାହିଁ। ଏଥିପାଇଁ ଭୁବନେଶ୍ୱର ଯିବାକୁ ଲୋକେ ବାଧ୍ୟ ହେଉଛନ୍ତି। ରାଉରକେଲା କେନ୍ଦ୍ରରେ ଜଣେ ମାତ୍ର ଯାଞ୍ଚ ଅଧିକାରୀ ରହିଛନ୍ତି। ତାଙ୍କ ଉପରେ ଦୈନିକ ୫୦ରୁ ଊର୍ଦ୍ଧ୍ୱ ପାସପୋର୍ଟ ଆବେଦନ ଯାଞ୍ଚ ଦାୟିତ୍ୱ ରହିଛି।

ଜଣେ ଛାତ୍ରୀ ରୀମା ଯାଦବଙ୍କ ଅଭିଯୋଗ ଅନୁଯାୟୀ, ବିଭିନ୍ନ ମଲ୍ଟିନ୍ୟାଶନାଲ କମ୍ପାନୀରେ ଚାକିରୀ ଆବେଦନ ପାଇଁ ବର୍ତ୍ତମାନ ପାସ୍‌ପୋର୍ଟ ବାଧ୍ୟତାମୂଳକ କରାଯାଇଛି। ପାସପୋର୍ଟ ପାଇଁ ଅନ୍‌ଲାଇନ୍ ଆବେଦନ କରିବାକୁ ପଡୁଛି। ଏଥିପାଇଁ ଆନୁଷଙ୍ଗିକ ଜରୁରୀ ଡକ୍ୟୁମେଣ୍ଟଗୁଡ଼ିକ ଅପଲୋଡ୍ ପରେ ଏହା ଯାଞ୍ଚ ପାଇଁ ଡାକରା ହୋଇଥାଏ। ଭୁବନେଶ୍ୱର ଆଞ୍ଚଳିକ କେନ୍ଦ୍ରରୁ ଏହି ସ୍ଲଟ୍ ବୁକିଂ କରାଯାଇଥାଏ। ପରେ ଆବେଦନକାରୀଙ୍କୁ ସମ୍ପୃକ୍ତ ବିଭାଗ ଆପଏଣ୍ଟମେଣ୍ଟ, ନିର୍ଦ୍ଧାରିତ ସମୟ ଆଦି ପ୍ରଦାନ କରିଥାଏ। ହେଲେ ଏସବୁ ପାଇଁ ପ୍ରଥମେ ସ୍ଲଟ୍ ବୁକିଂ କରିବାକୁ ପଡୁଥିବାରୁ ରାଉରକେଲା କେନ୍ଦ୍ର ପାଇଁ ସ୍ଲଟ ଉପଲବ୍ଧ ନାହିଁ। ନିକଟସ୍ଥ କେନ୍ଦ୍ର ରାଞ୍ଚି ଓ ଅନ୍ୟ କେନ୍ଦ୍ରକୁ ଯିବା ଲାଗି ପରାମର୍ଶ ଦିଆଯାଉଛି ବୋଲି ରୀମା କହିଛନ୍ତି।

ଏ ସମ୍ପର୍କରେ ମୁଖ୍ୟ ପୋଷ୍ଟମାଷ୍ଟର ଫୁଲ କୁମାର ଏକ୍କାଙ୍କୁ ପଚରାଯିବାରୁ ସେ କହିଲେ, ପାସ୍‌ପୋର୍ଟତିଆରି ସମ୍ବେଦନଶୀଳ ବିଷୟ ଅଟେ। ରାଉରକେଲା କେନ୍ଦ୍ର ପାଇଁ ଉକ୍ତ ବିଭାଗ ପକ୍ଷରୁ ଡାକ ଓ ସଞ୍ଚାର ବିଭାଗକୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପାସପୋର୍ଟ ଫିସ୍, ଡକ୍ୟୁମେଣ୍ଟ ଯାଞ୍ଚ, ବାୟୋମେଟ୍ରିକ ଯାଞ୍ଚ ଆଦି ପ୍ରକ୍ରିୟା ରହିଛି। ଆଞ୍ଚଳିକ ପାସ୍‌ପୋର୍ଟ କେନ୍ଦ୍ର ପକ୍ଷରୁ କୌଣସି କର୍ମଚାରୀଙ୍କୁ ରାଉରକେଲା କେନ୍ଦ୍ର ପାଇଁ ଦିଆଯାଇନାହିଁ। ଡାକ ବିଭାଗ ପକ୍ଷରୁ ଜଣେ ଅଧିକାରୀଙ୍କୁ ଭୁବନେଶ୍ୱର କାର୍ଯ୍ୟାଳୟରୁ ତାଲିମ ପ୍ରଦାନ ପରେ ପାସପୋର୍ଟ ଭେରିଫିକେଶନ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଅନ୍‌ଲାଇନ୍ ବୁକିଂ ଅନୁଯାୟୀ ନିର୍ଦ୍ଦେଶ ଆସୁଛି। ସ୍ଲଟ୍ ଉପଲବ୍ଧ ସମସ୍ୟା ଆମ ହାତରେ ନାହିଁ। ଏହାର ବିକଳ୍ପ ଆଞ୍ଚଳିକ କାର୍ଯ୍ୟାଳୟ ଉପରେ ରହିଛି। ଏଠାରେ ଭିତ୍ତିଭୂମି ଥିଲେ ମଧ୍ୟ ଅଧିକ ତାଲିମପ୍ରାପ୍ତ କର୍ମଚାରୀଙ୍କ ଅଭାବ ରହିଛି। ତେଣୁ ଆବେଦନକାରୀଙ୍କ ସୁବିଧା ପାଇଁ ଯଥାସମ୍ଭବ କାର୍ଯ୍ୟ କରାଯାଉଛି। ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ଏହି ସେବା ପ୍ରଦାନ କରାଯାଉଛି। ଜଣେ କର୍ମଚାରୀ ସମସ୍ତ କାର୍ଯ୍ୟ ତୁଲାଉଛନ୍ତି ବୋଲି ଏକ୍କା କହିଥିଲେ।

## ଦ୍ୱିଦିବସୀୟ ବିଡର୍ସ ସମ୍ମିଳନୀ ଉଦ୍‌ଯାପିତ


ସମ୍ମିଳନୀରେ ଅତନୁ ଭୌମିକ ବିଡର୍ସମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

ରାଉରକେଲା,୨୧।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା କ୍ଲବରେ ଦୁଇଦିନ ଧରି ଚାଲିଥିବା ଆରଏସ୍‌ପିର ନୂତନ ଷ୍ଟିଲ ମେଲ୍ଟିଂ ଶପ୍ ବିଡର୍ସ ସମ୍ମିଳନୀ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ. ଆର ସୂର୍ଯ୍ୟବଂଶୀ, ଏଚ୍‌ଆର ଓ ପ୍ରୋଜେକ୍ଟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ପ୍ରୋଜେକ୍ଟସ ଓ ଏମ୍‌ଓଡି ବିଭାଗର ସିଜିଏମ ଏସ୍. ପାଲ ଚୌଧୁରୀ ତଥା ସମ୍ପୃକ୍ତ ବିଭାଗର ଅନ୍ୟ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଇସ୍ପାତ ନିର୍ମାଣ କ୍ଷମତା ବୃଦ୍ଧି ଲାଗି ଆରଏସ୍‌ପି ଏକ ନୂତନ ଅତ୍ୟାଧୁନିକ ଷ୍ଟିଲ ମେଲ୍ଟିଂ ଶପ୍ ସ୍ଥାପନ କରିବାକୁ ଯୋଜନା କରୁଛି। ଏଣୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଖ୍ୟାତିଲାଭ କରିଥିବା ଇଞ୍ଜିନିୟରିଂ ସଂସ୍ଥା ଓ ପରାମର୍ଶଦାତାମାନଙ୍କୁ ଆରଏସପି ପ୍ରକଳ୍ପ ବିଭାଗ ଦ୍ୱାରା ବିଡର୍ସ ସମ୍ମିଳନୀକୁ ନିମନ୍ତ୍ରଣ କରାଯାଇଥିଲା। ନୂତନ ଏସ୍‌ଏମ୍‌ଏସ୍‌ର ଚୂଡାନ୍ତ ରୂପ ଜାଣିବା ପାଇଁ ସର୍ବଶେଷ ଧାରା ଓ ମାନସ ମନ୍ଥନ ଆଲୋଚନା କରାଯାଇଥିଲା। ବରିଷ୍ଠ ଅଧିକାରୀ ଏବଂ ଆରଏସ୍‌ପି ପକ୍ଷରୁ ସମ୍ପୃକ୍ତ ବିଭାଗର ମୁଖ୍ୟମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଭୌମିକ ତାଙ୍କ ବକ୍ତବ୍ୟରେ ଏପରି ଏକ ଅନନ୍ୟ ସମ୍ମିଳନୀ ଆୟୋଜନ ପାଇଁ ଆରଏସ୍‌ପିର ପ୍ରକଳ୍ପ ବିଭାଗ ସାମୂହିକଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ସମ୍ମିଳନୀ ଆମକୁ ପରସ୍ପରର ଆବଶ୍ୟକତା ବୁଝିବାରେ ସାହାଯ୍ୟ କରିବ ଓ ଦୀର୍ଘସୂତ୍ରୀ ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ। ଏହି ସମ୍ମିଳନୀରେ ଆସିଥିବା ପ୍ରମୁଖ ବିଷୟ ବିଚାର ଲାଗି ନିଆଯାଇଛି ଏବଂ ଏ ନେଇ ଆମେ ବିଚାର ବିମର୍ଷ କରୁଛୁ ବୋଲି ଭୌମିକ କହିଥିଲେ। ସୂର୍ଯ୍ୟବଂଶୀ ତାଙ୍କ ଅଭିଭାଷଣରେ କହିଥିଲେ, ପ୍ରକଳ୍ପର ସଫଳତା ପାଇଁ ଠିକ୍ ଯୋଜନା ଏବଂ ମାର୍ଗଦର୍ଶନ ଆବଶ୍ୟକ। ପ୍ରକଳ୍ପର ସଫଳତା ଅନୁସରିତ କୌଶଳ ଉପରେ ନିର୍ଭରଶୀଳ। ଏହାକୁ ଆଗକୁ ବଢାଇବା ପାଇଁ ସର୍ବୋତ୍ତମ ରଣନୀତି ପ୍ରସ୍ତୁତ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏଥିପୂର୍ବରୁ ମେସର୍ସ ଏମ୍.ଏନ୍. ଦସ୍ତୁର ପ୍ରାଇଭେଟ ଲିମିଟେଡ ଦ୍ୱାରା ୨ଦିନିଆ ଅଧିବେଶନ ଆଧାରିତ ଏକ ସଂକ୍ଷିପ୍ତ ଉପସ୍ଥାପନା ପ୍ରସ୍ତୁତ କରାଯାଇଥିଲା। ଉଦଘାଟନୀ ଅଧିବେଶନ ପରେ ଅଂଶଗ୍ରହଣକାରୀଙ୍କ ପାଇଁ କାରଖାନା ମଧ୍ୟରେ ସାଇଟ ପରିଦର୍ଶନ ହୋଇଥିଲା। ଏଥିରେ ଅଂଶଗ୍ରହଣକାରୀ ଆରଏସ୍‌ପିର ବର୍ତ୍ତମାନ କାର୍ଯ୍ୟଧାରା ଓ ଭବିଷ୍ୟତ ବିକାଶ ଉପରେ ପ୍ରାଥମିକ ଜ୍ଞାନ ହାସଲ କରିଥିଲେ। ବୈଷୟିକ ଅଧିବେଶନରେ ଅଗ୍ରଣୀ ଇଞ୍ଜିନିୟରିଂ ସଂସ୍ଥା, ମେସର୍ସ ଏମ୍. ଏନ୍. ଦସ୍ତୁର, ମେସର୍ସ ଡାନିଏଲି, ମେସର୍ସ ପ୍ରାଇମେଟାଲ ଏବଂ ମେସର୍ସ ଏସ୍‌ଏମ୍‌ଏସ୍ ଗ୍ରୁପ୍ ଉନ୍ନତ ଜ୍ଞାନ କୌଶଳ ଏବଂ ପଦ୍ଧତି ଉପରେ ଉପସ୍ଥାପନା ପ୍ରସ୍ତୁତ କରିଥିଲେ। ଯାହା ନୂତନ ଷ୍ଟିଲ ମେଲ୍ଟିଂ ଶପ୍ ନିର୍ମାଣର ରୂପରେଖ ପ୍ରସ୍ତୁତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ଏହି ଅବସରରେ ଆରଏସପି ପ୍ରକଳ୍ପ ବିଭାଗର କାର୍ଯ୍ୟଧାରା ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା। ପ୍ରକଳ୍ପ ବିଭାଗର ଜିଏମ୍ ଡି. କେ. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକଳ୍ପ ବିଭାଗର ଡିଜିଏମ୍ ଅନୁପମ କୁମାର ଦାସ ଏବଂ ମ୍ୟାନେଜର ସୁଶ୍ରୀ ତ୍ରିଶିଳା ପାଣିଗ୍ରାହୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଆଜି କେନ୍ଦ୍ରୀୟ ପୂଜା କମିଟି ନିର୍ବାଚନ, ମଇଦାନରେ ୩୨ ପ୍ରାର୍ଥୀ

ରାଉରକେଲା,୨୧।୯(ସଙ୍ଗୀତା ଜେନା)

୨୦୨୪-୨୫ ବର୍ଷ ପାଇଁ କେନ୍ଦ୍ରୀୟ ପୂଜା କମିଟି (ସିପିସି) ନିର୍ବାଚନ ରବିବାର ହେବାକୁ ଯାଉଛି। ଗତବର୍ଷ ବାଚନିକ ପ୍ରକ୍ରିୟାରେ ସିପିସି ଗଠନ କରାଯାଇଥିଲା। ଚଳିତ ଥର ଏହାକୁ ନିର୍ବାଚନ କରାଯିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଚଳିତ ବର୍ଷ ପାଇଁ ସାଧାରଣ ସମ୍ପାଦକ ପଦବୀ ପାଇଁ ୪ ଜଣ ନିର୍ବାଚନ ଲଢୁଥିବାବେଳେ କୋଷାଧ୍ୟକ୍ଷ ୨, ଉପସଭାପତି ୩, ଯୁଗ୍ମ ସମ୍ପାଦକ ୨, ଏକ୍‌ଜିକ୍ୟୁଟିଭ୍ ମେମ୍ବର ୩, ଷ୍ଟିଲ୍ ଟାଉନଶିପ୍ ଉପସଭାପତି ୩, ଯୁଗ୍ମ ସମ୍ପାଦକ ୩, ଏକ୍‌ଜିକ୍ୟୁଟିଭ ମେମ୍ବର ୭, ଫର୍ଟିଲାଇଜର ଟାଉନଶିପ୍ ଉପସଭାପତି ୨, ଯୁଗ୍ମ ସମ୍ପାଦକ ଜଣେ, ଏକ୍‌ଜିକ୍ୟୁଟିଭ ସଦସ୍ୟ ପାଇଁ ୨ଜଣଙ୍କ ସମେତ ୩୨ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସାଧାରଣ ସମ୍ପାଦକ ପାଇଁ ସେକ୍ଟର-୧ ପୁରୁଣା ଦୁର୍ଗାପୂଜା କମିଟି ସମ୍ପାଦକ ମୁକ୍ତିକାନ୍ତ ବେହେରା, ସେକ୍ଟର-୭ ପୂଜା କମିଟି ସଭାପତି ବିରାଜ ମୋହନ ବିଶ୍ୱାଳ, ପ୍ଲାଣ୍ଟସାଇଟ୍ ଲକ୍ଷ୍ମୀପୂଜା କମିଟି ସଭାପତି କମଳାକାନ୍ତ ବାରିକଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏଥିରେ ମୋଟ ୧୯୨ ଜଣ ଭୋଟର ରହିଛନ୍ତି। ରିଟର୍ନିଂ ଅଫିସର ଭାବେ ଲାଠିକଟା ତହସିଲଦାର ଆର୍ତ୍ତତ୍ରାଣ ଥାଟି ନିର୍ବାଚନ ପରିଚାଳନା କରିବେ। ଉଦିତନଗର ସ୍ଥିତ ଆଇଟିଡିଏ ହଲ୍‌ରେ ସକାଳ ୯ଟାରୁ ଭୋଟଗ୍ରହଣ, ଅପରାହ୍ନ ୪ଟାରେ ଭୋଟଗଣତି ଏବଂ ଫଳାଫଳ ଘୋଷଣା କରାଯିବ ବୋଲି ରିଟର୍ନିଂ ଅଫିସର ଥାଟି କହିଛନ୍ତି। ସୂଚନାଯୋଗ୍ୟ, ସିପିସି ନିର୍ବାଚନକୁ ଏକ ପ୍ରମୁଖ ଚ୍ୟାଲେଞ୍ଜ ଭାବେ ରାଜନୈତିକ ଦଳ ପକ୍ଷରୁ ଗ୍ରହଣ କରାଯାଇଥାଏ। ଏଥିରେ ପରୋକ୍ଷରେ ରାଜନୈତିକ ଦଳ ଗୁଡିକର ସମ୍ପୃକ୍ତ ରହିଥାଏ। ସିପିସି ସମ୍ବିଧାନ ନିୟମାବଳୀ ଅନୁଯାୟୀ ଏହାର ସଭାପତି ରାଉରକେଲା ଅତିରିକ୍ତ ଜିଲାପାଳ ହୋଇଥାନ୍ତି। ତେବେ ଚଳିତ ବର୍ଷ ଉକ୍ତ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ଗତ ଅଗଷ୍ଟ ୨୬ ତାରିଖ ସୁଦ୍ଧା ଦୁର୍ଗାପୂଜା, କାଳୀପୂଜା ଓ ଲକ୍ଷ୍ମୀପୂଜା କମିଟି ଗଠନ କରି ଏହାର ତାଲିକା ପ୍ରଶାସନ ନିକଟରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସହରକୁ ସିଭିଲଟାଉନଶିପ୍ ଷ୍ଟିଲ୍‌ଟାଉନଶିପ୍ ଏବଂ ଫର୍ଟିଲାଇଜର ଟାଉନଶିପ୍‌ରେ ବିଭକ୍ତ କରାଯାଇଛି। ଟାଉନଶିପ୍‌ର ପ୍ରତ୍ୟେକ କମିଟି ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ ଓ କୋଷାଧ୍ୟକ୍ଷଙ୍କ ମଧ୍ୟରୁ ମାତ୍ର ଜଣେ ଏହି ନିର୍ବାଚନରେ ଭୋଟ ପ୍ରଦାନ କରିବା ନିୟମ ରହିଛି।


ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବାହାରିଛନ୍ତି।

## ସ୍ୱଚ୍ଛତା ହିଁ ସେବା ଶୋଭାଯାତ୍ରାରେ ଛାତ୍ରୀଛାତ୍ର

ରାଉରକେଲା,୨୧।୯(ବିପ୍ଳବ ରଞ୍ଜନ ଦାଶ)

ଆରଏସପି ପକ୍ଷରୁ ଶନିବାର ସ୍ୱଚ୍ଛତା ଏବଂ ପରିବେଶ ସୁରକ୍ଷାଜନିତ ବ୍ୟାପକ ସଚେତନତା ପାଇଁ ଏକ ବିଶାଳ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ରାଉରକେଲା ଶିଳ୍ପାଞ୍ଚଳର ମହାତ୍ମା ଗାନ୍ଧୀ ପାର୍କରୁ ଶୋଭାଯାତ୍ରା ଆରମ୍ଭ ହୋଇ ସିଭିକ ସେଣ୍ଟର ଯାଏଁ ଚାଲିଥିଲା। ଶୋଭାଯାତ୍ରାରେ ଆରଏସ୍‌ପିର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ, ସେଲ୍ ହକି ଏକାଡେମୀ କ୍ୟାଡେଟ, ଇସ୍ପାତ ଇଂଲିଶ ମାଧ୍ୟମ ବିଦ୍ୟାଳୟ ଏବଂ ଦୀପିକା ଇସ୍ପାତ ଶିକ୍ଷା ସଦନର ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସହର ପ୍ରଶାସନ ଓ କର୍ପୋରେଟ ସାମାଜିକ ଦାୟିତ୍ୱ ବିଭାଗର ସିଜିଏମ୍ ଇନଚାର୍ଜ ପି. କେ. ସ୍ୱାଇଁଙ୍କ ନେତୃତ୍ୱରେ ଅନୁଠିତ ଶୋଭାଯାତ୍ରାରେ ଆରଏସ୍‌ପି ପରିବାର ସଦସ୍ୟ ଯୋଗ ଦେଇଥିଲେ। ଜନସାଧାରଣଙ୍କୁ ଏହି ଅଭିଯାନରେ ନିୟୋଜିତ କରିବା ପାଇଁ ଏକ ଅଭିନବ ପ୍ରୟାସ ସ୍ୱରୂପ ଶୋଭାଯାତ୍ରାର ଆରମ୍ଭ ଓ ଶେଷ ସ୍ଥାନରେ ସେଲ୍‌ଫି ପଏଣ୍ଟ ସ୍ଥାପନ କରାଯାଇଥିଲା। ସେଠାରେ ଲୋକେ ଫଟୋ ଉଠାଇବା ସହିତ ଏକ ସ୍ୱଚ୍ଛ ଏବଂ ସବୁଜ ଭାରତ ନିର୍ମାଣ ଲାଗି ପ୍ରତିଜ୍ଞାବଦ୍ଧ ହୋଇଥିଲେ।

## ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ବଣ୍ଟନ



ଭିନ୍ନକ୍ଷମମାନଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଉଛି।

ରାଉରକେଲା,୨୧।୯(ଦିନେଶ ମିଶ୍ର)

ରାଉରକେଲାର ଆଞ୍ଚଳିକ ପୁନର୍ବାସ ଓ ଗବେଷଣା କେନ୍ଦ୍ର (ଆରଆରଆରସି) ଆନୁକୂଲ୍ୟରେ ଭିନ୍ନକ୍ଷମଙ୍କ ପାଇଁ ସହାୟକ ଉପକରଣ ବଣ୍ଟନ ଶିବିର ଛେଣ୍ଡ ସ୍ଥିତ କଳିଙ୍ଗ ବିହାର ସାଂସ୍କୃତିକ ଭବନରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆରଆରଆରସିର ଅଧ୍ୟକ୍ଷ ରାମଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳିତ ଉଦ୍ୟମ ଦ୍ୱାରା ଭିନ୍ନକ୍ଷମମାନେ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି କହିଥିଲେ। ଆରଏମ୍‌ସି ଉପାୟୁକ୍ତ ତରୁଣ କାନ୍ତ ଓ ପାନପୋଷ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସରକାରଙ୍କ ଭିନ୍ନକ୍ଷମ କଲ୍ୟାଣ ଯୋଜନା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ୭୦ ଜଣ ଭିନ୍ନକ୍ଷମଙ୍କୁ ମାଗଣାରେ ବିଭିନ୍ନ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ବିଶିକେଶନ ନାୟକ, ଗୌତମ ମହାନ୍ତି, ଯଦୁରଣ ମୁର୍ମୁ ନିଳମା ଦରୱା, ପ୍ରିୟବ୍ରତ ସାହୁ, ଗୀତା ସାହୁ, ଦମୟନ୍ତୀ ରାଉତ, ମୋନାଲିସା ତ୍ରିପାଠୀ, ଶାନ୍ତନୁ ପଲାଇ, ଆଶିଷ ମଣ୍ଡଳ, ନାରାୟଣ ମହନ୍ତ ପ୍ରମୁଖ ସହଯୋଗ କରିଥିଲେ। ସଂସ୍ଥାର ନିର୍ଦ୍ଦେଶକ ତ୍ରିଲୋଚନ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଆଇନ ବାଲି ଚାଲାଣ: ୨ ହାଇୱା, ୧ ଟ୍ରାକ୍ଟର ଜବତ

ରାଉରକେଲା,୨୧।୯(ସଙ୍ଗୀତା ଜେନା)

କୋଏଲ ନଦୀ ତେତରକେଲା ଘାଟରୁ ଶନିବାର ଅପରାହ୍ନରେ ବେଆଇନ ବାଲି ଚାଲାଣ ବେଳେ ୨ଟି ହାଇୱା ଓ ଗୋଟିଏ ଟ୍ରାକ୍ଟରକୁ ପୋଲିସ ଝିରପାଣି ଥାନା ଅନ୍ତର୍ଗତ କୋଏଲନଗର ହନୁମାନ ମନ୍ଦିର ନିକଟରୁ ଜବତ କରିଛି। ବାଲିବୋଝେଇ ଗାଡ଼ିଗୁଡିକୁ ଥାନାରେ ରଖାଯାଇଛି। ଏ ସମ୍ପର୍କରେ ଥାନା ପକ୍ଷରୁ ଆରଟିଓ ଏବଂ ଖଣି ବିଭାଗକୁ ସୂଚନା ପ୍ରଦାନ କରାଯାଇଛି ବୋଲି ଥାନାଧିକାରୀ ରବିନ୍ଦ୍ର ସାହୁ କହିଛନ୍ତି। ସୂଚନା ଅନୁଯାୟୀ, ହାଇୱା (ନଂ.ଓଡ଼ି୧୪ୱାଇ/୩୨୮୭ ଓ ନଂ.ଓଡ଼ି୧୪ବି/୪୮୦୦) ଏବଂ ଟ୍ରାକ୍ଟର (ନଂ.ଓଡ଼ି୩୩ଜେ/୫୯୭୪)ରେ ବାଲିବୋଝେଇ ହୋଇ ଆସୁଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ଚଢ଼ାଉ କରାଯିବା ପରେ ଏହା ତେତରକେଲା ବାଲିଘାଟରୁ ଆସିଥିବା ଚାଳକମାନେ କହିଥିଲେ। ଯାଞ୍ଚ ବେଳେ ସେମାନେ ପରମିଟ୍ ଦେଖାଇ ନ ପାରିବାରୁ ପୋଲିସ ଗାଡ଼ିଗୁଡ଼ିକୁ ଜବତ କରିଥିଲା।

## ଭାଜପା ପକ୍ଷରୁ ମିନି ମାରାଥନ


ମାରାଥନରେ ସାମିଲ ହୋଇଥିବା ଭାଜପା ନେତା ଓ ଯୁବତୀ ଯୁବକ।

ରାଉରକେଲା,୨୧।୯(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଶିଳ୍ପ ନଗରୀରେ ଶନିବାର ଭାଜପା ପକ୍ଷରୁ ଏକ ମିନି ମାରାଥନ ଆୟୋଜିତ ହୋଇଯାଇଛି। ଏହାକୁ ଭାଜପା ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା ଏବଂ ରଘୁନାଥପଲ୍ଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ ମିଳିତ ଭାବେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆମ୍ବାଗନ ଛକ ସ୍ଥିତ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ସ୍ମାରକୀସ୍ଥଳୀରୁ ମାରାଥନ ଆରମ୍ଭ ହୋଇଥିଲା। ଏଥିରେ ହଜାରେରୁ ଊର୍ଦ୍ଧ୍ୱ ଯୁବତୀ ଯୁବକ ଯୋଗଦେଇ ଅଟଳ ଛକରୁ ସେକ୍ଟର-୭ ଏବଂ ୧୭ ଛକ ପର୍ଯ୍ୟନ୍ତ ଦୌଡିଥିଲେ। ଏଥିରେ ସ୍ଥାନୀୟ ବହୁ ଭାଜପା ନେତା, କାର୍ଯ୍ୟକର୍ତ୍ତା ଓ କର୍ମୀ ସାମିଲ ହୋଇଥିଲେ।

## ନଭେମ୍ବର ୧୨ରେ ପାନପୋଷ ଆର୍‌ଏମ୍‌ସି ସଭ୍ୟ ନିର୍ବାଚନ

ରାଉରକେଲା,୨୧।୯(ସଙ୍ଗୀତା ଜେନା)

ସିଭିଲଟାଉନଶିପ୍ ସ୍ଥିତ ପାନପୋଷ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ସଭ୍ୟ ନିର୍ବାଚନ ଆସନ୍ତା ନଭେମ୍ବର ୧୨ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। କୃଷିଜାତ ଦ୍ରବ୍ୟ କିଣାବିକା କରୁଥିବା ତଥା ବଜାର କମିଟିରୁ ଲାଇସେନ୍ସ ପ୍ରାପ୍ତ ୪ ଜଣ, ଓଡ଼ିଶା କୃଷକ ସମାଜ (ଭୁବନେଶ୍ୱର)ରୁ ସ୍ୱୀକୃତିପ୍ରାପ୍ତ ୮ଜଣ, ଆରଏମ୍‌ସି ବିଜ୍ଞାପିତ ପରିଷଦରୁ ଜଣେ, ଗ୍ରାମପଞ୍ଚାୟତରୁ ଜଣେ ସଭ୍ୟଙ୍କୁ ମିଶାଇ ମୋଟ ୧୪ ଜଣ ସଭ୍ୟଙ୍କ ପାଇଁ ଏହି ନିର୍ବାଚନ କରାଯାଉଛି। ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ଓ ଅନ୍ୟ ପ୍ରକ୍ରିୟା ଅକ୍ଟୋବର ୨୩ ତାରିଖ ଏବଂ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଅକ୍ଟୋବର ୨୫ ତାରିଖରେ ପ୍ରକାଶ ପାଇବ। ନଭେମ୍ବର ୧୨ ତାରିଖରେ ପିଏ ଆଇଟିଡିଏ ସଭାଗୃହରେ ନିର୍ବାଚନ ଅନୁଷ୍ଠିତ ହେବ। ଏହାର ଭୋଟ ଗଣତି ଓ ଫଳ ଘୋଷଣା ଅପରାହ୍ନ ୩ଟାରେ କରାଯିବ ବୋଲି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଏହି ନିର୍ବାଚନ ପ୍ରତ୍ୟେକ ୩ ବର୍ଷରେ ଅନୁଷ୍ଠିତ ହୋଇଥାଏ। ଏହାର ନିର୍ବାଚନ ଅଧିକାରୀ ଭାବେ ପାନପୋଷ ଉପଜିଲାପାଳ ଦାୟିତ୍ୱ ବହନ କରିଥାନ୍ତି। ଏହି କମିଟିର ସଭାପତି ମଧ୍ୟ ପାନପୋଷ ଉପଜିଲାପାଳ ଅଟନ୍ତି। ତାଙ୍କ ନେତୃତ୍ୱରେ ୧୫ ଜଣିଆ ସଭ୍ୟ ବଜାର କମିଟିକୁ ପରିଚାଳନା କରିଥାନ୍ତି। ବର୍ତ୍ତମାନ ଏହାର ସଭାପତି ପାନପୋଷ ଉପଜିଲାପାଳ ବିଜୟ ନାୟକ ରହିଛନ୍ତି।

# ନୂଆଗାଁ ହକି ଟ୍ରେନିଂ ସେଣ୍ଟର ଚାମ୍ପିୟନ

**ଅଣ୍ଡର-୧୫ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ**

ରାଉରକେଲା,୨୧।୯(ଦିନେଶ ମିଶ୍ର)



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି।

ରାଉରକେଲା ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ତୃତୀୟ ଅଲ୍ ଓଡ଼ିଶା ନେଭାଲ ଟାଟା ଅଣ୍ଡର-୧୪ ହକି ଗ୍ରାସରୁଟ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଯାଇଛି। ଏହି ଚାମ୍ପିୟନ୍‌ଶିପ୍‌ରେ ଓଡିଶାର ୧୪ଟି ଜିଲାରୁ ୩୨ଟି ହକି ଟିମ୍ ଅଂଶଗ୍ରହଣ କରିଥିଲେ। ୯ ଦିନ ଧରି ଆୟୋଜିତ ଏହି ଚାମ୍ପିୟନ୍‌ଶିପ୍‌ର ଫାଇନାଲ ମ୍ୟାଚ୍ ନୂଆଗାଁ ହକି ଟ୍ରେନିଂ ସେଣ୍ଟର ଓ ଜିଆର କରଡପାଲ ମଧ୍ୟରେ ଖେଳାଯାଇଥିଲା। ଏଥିରେ ନୂଆଗାଁ ହକି ଦଳ ୨-୦ ଗୋଲରେ ଜିଆର କରଡପାଲକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ପ୍ରଥମ ରନର୍ସ ଦଳ ଭାବେ ଜିଆର କରଡପାଲ ଓ ଦ୍ୱିତୀୟ ରନର୍ସ ଭାବେ ଏଚ୍‌ଟିସି ରାଜଗାଙ୍ଗପୁର ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ୍‌ରେ ହକି ତାରକା ପ୍ରବୋଧ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ନୂଆଗାଁ ଦଳକୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ କାଳୁଚରଣ ଚୌଧୁରୀ, ରାଜୁକାନ୍ତ ସାଇନି, ରଞ୍ଜନ ଦାସ, ରଘୁନାଥ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ। ଚାମ୍ପିୟନଶିପ୍‌ରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ଖେଳାଳିମାନେ ନିକଟରେ ହେବାକୁ ଥିବା ଲକ୍ଷ୍ନୌ କେ.ଡି ସିଙ୍ଗବାବୁ ହକି ଟୁର୍ନାମେଣ୍ଟ ପାଇଁ ଚୟନ ହୋଇଥିଲେ।

# ଦାଦନମୁକ୍ତ ଓଡ଼ିଶା ଗଠନ ରାଜ୍ୟ ସରକାରଙ୍କ ଲକ୍ଷ୍ୟ

ସମ୍ବଲପୁର,୨୧।୯(ପ୍ରମୋଦ ବହିଦାର)



ମନ୍ଦଲିଆ ପଡ଼ିଆରେ ଆୟୋଜିତ ବିକାଶ ମେଳାରେ ମଞ୍ଚାସୀନ ଅତିଥି।

ବର୍ତ୍ତମାନ ରାଜ୍ୟରେ ଚାଲିଥିବା ସରକାର ଲୋକଙ୍କ ସରକାର। ରାଜ୍ୟବାସୀଙ୍କ ବିକାଶକୁ ମୋହନ ମାଝୀ ସରକାର ପ୍ରାଥମିକତା ଦେଉଛନ୍ତି। ସର୍ବପ୍ରଥମେ ଓଡ଼ିଶାକୁ ସମ୍ପୂର୍ଣ୍ଣ ଦାଦନମୁକ୍ତ ରାଜ୍ୟରେ ପରିଣତ କରିବା ଅଭିଯାନ ଆରମ୍ଭ ହୋଇଛି। ନୂତନ ସରକାରଙ୍କ ଶହେ ଦିନ ପୂରଣ ଉପଲକ୍ଷେ ସମ୍ବଲପୁର ମନ୍ଦଲିଆ ପଡ଼ିଆରେ ଶନିବାର ଜିଲା ପ୍ରଶାସନ ଓ ଓର୍‌ମାସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ବିକାଶ ମେଳା 'ପ୍ରଗତିର ନୂତନ ସୂର୍ଯ୍ୟୋଦୟ' କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ ଏହା କହିଛନ୍ତି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ।

ଶହେ ଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ବିକାଶର ଉପଲବ୍ଧି ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ନାୟକ କହିଥିଲେ, କ୍ଷମତାକୁ ଆସିବାର ୨୪ ଘଣ୍ଟା ମଧ୍ୟରେ ଶ୍ରୀମନ୍ଦିରର ୪ ଦ୍ୱାର ଖୋଲାଯାଇଥିଲା। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ସୁଭଦ୍ରା ଯୋଜନା ଲାଗୁ କରାଯାଇଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସ୍ୱଳ୍ପ ଲୋକସଂଖ୍ୟା ବିଶିଷ୍ଟ ଗ୍ରାମାଞ୍ଚଳକୁ ସହରାଞ୍ଚଳ ସହିତ ଯୋଡ଼ିବା କାମ ଆରମ୍ଭ ହୋଇଛି। ଏଥିରେ ପ୍ରାଥମିକତା ଭିତ୍ତିରେ ଆଦିବାସୀ ଅଞ୍ଚଳକୁ ସଂଯୋଗ କରାଯିବ ବୋଲି କହିଥିଲେ। ରାଜ୍ୟରୁ ଦାଦନ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବେ ଦୂର କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସୁପରିଚାଳନା ସହିତ ପୂର୍ବରୁ ଏଥିରେ ହୋଇଥିବା ଦୁର୍ନୀତିରେ ସମ୍ପୃକ୍ତ ଯେକୌଣସି ସ୍ତରର ଅଧିକାରୀଙ୍କୁ ଆଦୌ କ୍ଷମା କରାଯିବ ନାହିଁ। ଆସନ୍ତା ୨୦୩୬ ମସିହାରେ ଓଡ଼ିଶାକୁ ଶହେବର୍ଷ ପୂର୍ତ୍ତି ସୁଦ୍ଧା ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବାକୁ ଯୋଜନା କରାଯାଇଛି। ତେବେ ଏଥିପାଇଁ ସେ ଜନସାଧାରଣଙ୍କ ସହଯୋଗ ପାଇଁ ଆହ୍ୱାନ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କହିଥିଲେ କୌଣସି ସରକାରଙ୍କ ପାଇଁ ମାତ୍ର ୧୦୦ ଦିନ ଏକ ବଡ଼ ଅବଧି ନୁହେଁ। ମାତ୍ର ଏହି ସ୍ୱଳ୍ପ ଅବଧି ମଧ୍ୟରେ ରାଜ୍ୟକୁ ପ୍ରଗତି ପଥରେ ଆଗେଇ ନେବାର ଝଲକ ଦେଖାଇ ସାରିଛନ୍ତି ରାଜ୍ୟ ସରକାର। ଏ ଅଞ୍ଚଳର ଚାଷଜମିରେ ଉନ୍ନତ ଜଳସେଚନ ପୂର୍ବକ ଶେଷମୁଣ୍ଡ ପର୍ଯ୍ୟନ୍ତ ଜଳ ପହଞ୍ଚାଇବା ପାଇଁ କେନାଲ ନବୀକରଣ ସକାଶେ ୮ ଶହ କୋଟିର ବିନିଯୋଗ କରାଯିବ। ସହରର ପାନୀୟ ଜଳ ସମସ୍ୟା ଦୂର ପାଇଁ ନୂତନ ପାଇପ୍ ବିଛାଇବା ପାଇଁ ପ୍ରାଥମିକ ସ୍ତରରେ ୪ ଶହ କୋଟି ଟଙ୍କା ମଞ୍ଜୁର, ପର୍ଯ୍ୟଟନର ବିକାଶ ପାଇଁ ସମ୍ବଲପୁର ସହର ଓ ହୀରାକୁଦ ମଧ୍ୟଭାଗରେ ମହାନଦୀରେ ରିଭର ଫ୍ରଣ୍ଟ ନିର୍ମାଣ ନିଷ୍ପତ୍ତି ମୋହନ ସରକାରଙ୍କ ଶହେ ଦିନର ଅନନ୍ୟ ଉପଲବ୍ଧି ବୋଲି ସେ କହିଥିଲେ।

ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ମଞ୍ଚାସୀନ ଥିଲେ। ଏଥିରେ ଆଇଜି ହିମାଂଶୁ ଲାଲ, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ(ସାଧାରଣ) ସୁଚାରୁ କୁମାର ବଳ, ଉପଜିଲାପାଳ ଡ. ପୁଷ୍ପାଞ୍ଜଳି ପଣ୍ଡା, ଓର୍‌ମାସ ଅଧିକାରୀ ଶ୍ରୀମନ୍ତ ହୋତାଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ। ଶେଷରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୩ ଜଣ ସୁଭଦ୍ରା ଯୋଜନା ହିତାଧିକାରୀ ଓ ୪ ଜଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏଥିରେ ଜିଲାର ୯ଟି ବ୍ଲକ ଅନ୍ତର୍ଗତ ବିଭିନ୍ନ ବ୍ଲକରୁ ବହୁ ସଂଖ୍ୟାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମା'ମାନଙ୍କ ସହିତ ଏମ୍‌ବିକେ, ଆଶାକର୍ମୀ ଓ ଜନସାଧାରଣ ଯୋଗ ଦେଇଥିଲେ।

### ସମ୍ବଲପୁର ଜିଲାସ୍ତରୀୟ ବିକାଶ ମେଳା

କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନ ଶେଷରେ ସମ୍ବଲପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟ, ବୁର୍ଲା ଏନ୍‌ଏସି କଲେଜର ଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ସଞ୍ଚାଳିକା ସୁପ୍ରତି ମିଶ୍ର ସ୍ୱଚ୍ଛତାକୁ ନେଇ ଏକ ସାମୂହିକ ଶପଥପାଠ କରାଇଥିଲେ। ସନ୍ଧ୍ୟାରେ ମହାନଗର ନିଗମର ସଫେଇ କର୍ମଚାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ମେଳାରେ ଥିବା ପ୍ରାୟ ୨୫ଟି ଷ୍ଟଲ୍‌ରେ ଜିଲାର ବିଭିନ୍ନ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ପ୍ରଦର୍ଶନୀ ଓ ବିକ୍ରୟ କରାଯାଇଥିଲା।

## ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟରର ମାସିକ ବୈଠକ



କ୍ଲଷ୍ଟର ବୈଠକରେ ଉପସ୍ଥିତ ପ୍ରଧାନ ଶିକ୍ଷକ ଓ ଅନ୍ୟମାନେ।

ନାକଟୀଦେଉଳ,୨୧।୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଅନ୍ତର୍ଗତ ଗିରିଶ୍ଚନ୍ଦ୍ରପୁର କ୍ଲଷ୍ଟରରେ ଶନିବାର ମାସିକ ବୈଠକ ସରକାରୀ ପ୍ରାଥମିକ ବିଦ୍ୟାଳୟ ମଣ୍ଡୁଆମଠାରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଲୋକନାଥ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ଲଷ୍ଟରର ସମସ୍ତ ୯ଟି ଯାକ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ସମେତ ଏଫଏଲଏନ ଉତ୍ସର୍ଗୀକୃତ ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗଦାନ କରିଥିଲେ। ବୈଠକରେ ସେପ୍ଟେମ୍ବର ମାସ ପାଇଁ ନିର୍ଦ୍ଧାରିତ ପାଠ୍ୟକ୍ରମ, ଛାତ୍ରୀଛାତ୍ରମାନଙ୍କର ମାସିକ ଆକଳନ, ରାଜ୍ୟସ୍ତରୀୟ ସଫଳତା ସର୍ବେକ୍ଷଣର ବିସ୍ତାର, ଜାତୀୟ ସର୍ବେକ୍ଷଣରେ ଭାଗନେବାକୁ ଥିବା ଛାତ୍ରୀଛାତ୍ରଙ୍କୁ ପ୍ରସ୍ତୁତି, କ୍ଲଷ୍ଟରସ୍ତରୀୟ ସୁରଭି ନିମନ୍ତେ ପ୍ରସ୍ତୁତି, ପ୍ରତିଦିନ ମଧ୍ୟାହ୍ନ ଭୋଜନର ଏସଏମଏସ ପଠେଇବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ୟାମସୁନ୍ଦର ଦାସ ବୈଠକରେ ଯୋଗଦେଇ ଶିକ୍ଷୟିତ୍ରୀଶିକ୍ଷକମାନଙ୍କର ସମୟାନୁବର୍ତ୍ତିତା, ଛାତ୍ରୀଛାତ୍ରମାନଙ୍କର ଶିକ୍ଷଣ ଦକ୍ଷତା ବୃଦ୍ଧି ନିମନ୍ତେ ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀ ବ୍ୟବହାର କରିବା, ଉନ୍ନତମାନର ମଧ୍ୟାହ୍ନ ଭୋଜନ ଦେବା ଇତ୍ୟାଦି ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ଏହି ବୈଠକରେ ବଞ୍ଚାଗୋଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବ୍ରଜଚନ୍ଦ୍ର ସାହୁ, କଞ୍ଚନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ କୁମାର ନାଏକ, ବୁରୁବୁଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଞ୍ଜୟ ସାହୁ ଏବଂ ମଣ୍ଡୁଆମ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ଯଶୋବନ୍ତି ଗଡ଼ତ୍ୟା, କ୍ଲଷ୍ଟର ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ସ୍ୱଚ୍ଛତା ହିଁ ସେବା ପକ୍ଷ ପାଳିତ

ଦେବଗଡ଼,୨୧।୯(ଶଶାଙ୍କ ଶେଖର ଝାଙ୍କର)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ନେହେରୁ ଯୁବ କେନ୍ଦ୍ର ଓ ମୋ ଯୁବ ଭାରତ ଦେବଗଡ଼ ପକ୍ଷରୁ ବାରକୋଟ ବ୍ଲକ ଅନ୍ତର୍ଗତ ଜଗତଜ୍ୟୋତି ୟୁଥ କ୍ଲବ ପକ୍ଷରୁ ପୁରୁକୁଣ୍ଡା ଗ୍ରାମରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ରଣଜିତ ପ୍ରଧାନଙ୍କ ତତ୍ତ୍ୱାବଧାନରେ କ୍ଲବର ସଭାପତି ଉଦିତ କୁମାର ନାଏକ, ରମାକାନ୍ତ ବେଟି, ରବୀନ୍ଦ୍ର ଲହରା, ଗିରିଶଙ୍କର ମହାକୁଳ, ଉପେନ୍ଦ୍ର ପାତ୍ର, ଟିକେଶ୍ୱର ମାଝୀ, ରଞ୍ଜିତ ଉଦବାର, ତରଣୀସେନ ରାଉତ, ବିକ୍ରମ ମାଝୀ, ସମ୍ବାରୁ ଧୀବର, ବବୁଲୁ ଜେନା, ନିରଞ୍ଜନ ବେହେରା, କମଳ ଲୋଚନ ପାତ୍ର, ମନୋଜ ନାୟକ, ସୁପ୍ରେମା ପ୍ରଧାନ, ଆକାଶ ଲହରା, ନରେଶ ସାହୁ, ମିତେଶ ଜେନା, ଲୁଲୁ ପାତ୍ର, ଇନ୍ଦ୍ର ଜେନା, ସଚିନ ଲହରା, ଛବିଳ ପାତ୍ର ପ୍ରମୁଖ ଯୋଗ ଦେଇ ସଫେଇ କରିଥିଲେ। ଗ୍ରାମର ଆରୋଗ୍ୟ କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟ, ଉଚ୍ଚ ବିଦ୍ୟାଳୟ ସମ୍ମୁଖ ସ୍ଥାନରେ ସଫେଇ କରାଯାଇଥିଲା। ଆଗାମୀ ଦିନରେ ଗ୍ରାମକୁ ସଫା ସୁତୁରା ରଖିବା ପାଇଁ ଶପଥ ପାଠ କରାଯାଇଥିଲା।

### ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କ ମାସିକ ସମ୍ମିଳନୀ

ନାକଟୀଦେଉଳ,୨୧।୯(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟୀଦେଉଳ ବ୍ଲକ ଡ଼ଙ୍ଗଚା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ଶନିବାର ବ୍ଲକର ସମସ୍ତ ୧୭ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କର ମାସିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ଆୟୋଜିତ ମାସିକ ସମ୍ମିଳନୀରେ ପୂର୍ବ ବୈଠକର ବିବରଣୀ ପଠନ ସହିତ ସମ୍ମିଳନୀ ପରେ ଅନୁଷ୍ଠାନରେ ଗ୍ରହଣ କରାଯାଇଥିବା ପରିବର୍ତ୍ତନ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ୟୁଡ଼ାଇସ ପ୍ଲସ, ଉତ୍କର୍ଷ ପାଠ୍ୟକ୍ରମ, ଆକାଂକ୍ଷୀ ପାଠ୍ୟକ୍ରମ ଆଲୋଚିତ ହୋଇଥିଲା। ଏହା ପରେ ବାପୁଜୀ ଉଚ୍ଚ ବିଦ୍ୟାଳୟ ଡ଼ଙ୍ଗଚାର ଇ-ପାଠାଗାର, ଆଧୁନିକ ବିଜ୍ଞାନଶାଳା, ପାନୀୟ ଜଳ ସୁବିଧା, ଶୌଚାଳୟ, ଜିଜ୍ଞାସା, ସାହିତ୍ୟସୃଜନୀ ଏବଂ କ୍ରୀଡ଼ାଙ୍ଗନା କ୍ଲବର ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଅତିଥି ଏବଂ ପ୍ରଧାନ ଶିକ୍ଷକମାନେ ପର୍ଯ୍ୟବେକ୍ଷଣ କରିଥିଲେ। ଡ଼ଙ୍ଗଚା ବାପୁଜୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ତଥା କିସିଣ୍ଡା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରୁଣ କୁମାର ପ୍ରଧାନ ସମ୍ମିଳନୀକୁ ପରିଚାଳନା କରିଥିଲେ ।




ଆୟୋଜିତ ରକ୍ତଦାନ ଶିବିରରେ ଅତିଥି, କର୍ମକର୍ତ୍ତା ଓ ରକ୍ତଦାତା।

## ସମ୍ବଲପୁର ନର୍ସିଂ କଲେଜରେ ରକ୍ତଦାନ ଶିବିର

ସମ୍ବଲପୁର,୨୧।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ନର୍ସିଂ କଲେଜ ଏନ୍‌ଏସ୍‌ଏସ ଶାଖା ପକ୍ଷରୁ ରକ୍ତଦାନ ଶିବର ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ନର୍ସିଂ କଲେଜ ନିର୍ଦ୍ଦେଶକ ରଘୁନନ୍ଦନ ନାୟକ ଏବଂ ସମ୍ବଲପୁର ଜିଲା ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଭରତ ଚନ୍ଦ୍ର ନାୟକ, କଲେଜ ଅଧ୍ୟକ୍ଷା ଡାକ୍ତର ରୋଜାଲିନ ଷ୍ଟଫେନ ଏବଂ ଏକାଡେମୀ ଅଧିକାରୀ ସୁଲୋଚନା ଦାସ, ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଦିଲିପ କୁମାର ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଶିବରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ମୋଟ ୩୮ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ବୁର୍ଲା ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ସୁତପା ମିଶ୍ର, ମଣ୍ଟା ପ୍ରଧାନ, ଟେକନିସିଆନ ପଦ୍ମିନୀ ଶତପଥୀ, ରଜତ ପଯେଲ, ଜନକ ମେହେର, ସୋନାଲିକା ପଟେଲ, ପ୍ରଭାରାଣୀ କିସପଟା, ସୁଶ୍ରୀ ରିଙ୍କି ପ୍ରୀୟା, ସୁଶ୍ରୀ ସୁମନ ଢାଲି ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ ପରିଚାଳନା କରିଥିଲେ। ଶିବିର ଆୟୋଜନରେ ସାହିର ନାୟକ, ଅରୁଣ ପ୍ରଧାନ, ଜ୍ୟୋତି ଢାଲି, ଦିନେଶ୍ୱର ପାଇକ, ପ୍ରଭାତୀ ବାହାଲ, ଅଭିଲିପ୍ସା ସାହୁ, ସିଫା ଫିର୍ଦୋସ, ଚାନ୍ଦମୁନ ଟପ୍ପୋ, ବିଷ୍ଣୁପ୍ରୀୟା ଖଣ୍ଡାୟତ, ସ୍ୱର୍ଣ୍ଣପ୍ରଭା ଜେନା, ମୌସୁମୀ ବାହୁକ, ନୁତନ ରାଉତ, ସୁଦିକ୍ଷା ନାୟକ, ଅନନ୍ୟା ସାହୁ, ଶିବାନୀ ପ୍ରୀୟା ସହଯୋଗ କରିଥିଲେ ।

### ପୋଲ ପାଖରୁ ମୃତଦେହ ଜବତକଲା ପୋଲିସ

କୁଚିଣ୍ଡା,୨୧।୯(ବିରଞ୍ଚି ଦର୍ଜୀ)

ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅନ୍ତର୍ଗତ ଜୁନାନୀ ନିକଟସ୍ଥ ରଗଡେଗା ପୋଲ ପାଖରୁ ଶନିବାର ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ବୟସ ୪୦ରୁ ୪୫ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତଦେହ କୁଚିଣ୍ଡା ଉପଖଣ୍ଡ ମେଡିକାଲରେ ବ୍ୟବଚ୍ଛେଦ କରାଯାଇଛି। ମୃତକଙ୍କ ପରିଚୟ ମିଳିପାରି ନଥିବାରୁ ବ୍ୟବଚ୍ଛେଦ ପରେ ମେଡିକାଲ ଫ୍ରିଜରେ ରଖାଯାଇଥିବା କୁଚିଣ୍ଡା ଆଇଆଇସି ବାମଦେବ ଶଙ୍ଖୁଆଳ କହିଛନ୍ତି। ସୂଚନା ଅନୁଯାୟୀ, ଶନିବାର ସକାଳେ ରଗଡେଗା ନାଳ ପୋଲ ପାଖରେ ଏକ ମୃତଦେହ ପଡିଥିବା କୁଚିଣ୍ଡା ପୋଲିସକୁ ଖବର ମିଳିଥିଲା। ରଗଡେଗା ନାଳରେ ସଏଲ ଟେଷ୍ଟିଂ ପାଇଁ ନିୟୋଜିତ ଥିବା ଲୋକଙ୍କ କହିବା ଅନୁସାରେ ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ସେଠାରେ କୌଣସି ମୃତଦେହ ନ ଥିଲା। ଶନିବାର ସକାଳେ ମୃତଦେହ ପଡିଥିବା ସେମାନେ ଦେଖିଥିବା କହିଛନ୍ତି। ମୃତ ବ୍ୟକ୍ତିଙ୍କ ବାମ ଗୋଡ ଓ ବାମ ପାଖ କାନ ମୁଣ୍ଡରେ ଆଘାତ ଲାଗିଛି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ସମ୍ବଲପୁର,୨୧।୯(ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଥାନା ଠେମରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ନିର୍ମାଣାଧୀନ ନିଜ କୋଠା ଛାତରେ ପାଣି ଦେଉଥିବା ବେଳେ ଏହା ଉପର ଦେଇ ଯାଇଥିବା ୧୧ କେଭିର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଅମର କୁମାର ନାଥ ଓରଫ କାହ୍ନା(୨୭)। ନିକଟରେ ଢ଼ଳେଇ ହୋଇଥିବା ଉକ୍ତ ଘର ଛାତରେ ପାଣି ଦେଉଥିବା ସମୟରେ ଅସାବଧାନତା ହେତୁ ଅମର ଜୀବନ୍ତ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ପରିବାର ଲୋକ ତାଙ୍କୁ ଭିମ୍‌ସାର ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣ କରିଥିଲେ। ସଦର ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଛେଦ ପାଇଁ ପଠାଇଛି।

## ଜମନକିରା ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ




ପ୍ରତିଷ୍ଠ ଦିବସ ସଭାରେ ମଞ୍ଚାସୀନ ଅତିଥିମାନେ।

ଜମନକିରା,୨୧।୯(ରବୀନ୍ଦ୍ର ପ୍ରସାଦ ଦାନୀ)

ସମ୍ବଲପୁର ଜିଲା ଜମନକିରା ଆଦର୍ଶ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଯାଇଛି। ଅଧ୍ୟକ୍ଷ କେ. ସି. ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାମରା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ୍ୟା ପ୍ରଗତି ହରିପାଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବଡରମା ସରପଞ୍ଚ ବିଜୟ ନାଏକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗଙ୍ଗାଧର ନାୟକ, ଜମନକିରା ଡିଗ୍ରୀ କଲେଜ ଅଧ୍ୟକ୍ଷ ଅରୁଣ କୁମାର ପଟେଲ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଅଧ୍ୟକ୍ଷ ଅଜିତ ନାଏକ ପରିଚାଳନା କରିଥିଲେ।

## ଜୋନାଲ ଫରେଷ୍ଟ ସ୍ପୋର୍ଟସ ମିଟ୍ ଉଦଘାଟିତ

ସମ୍ବଲପୁର,୨୧।୯(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ସ୍ଥିତ ଭିଏସ୍‌ଏସ୍ ଷ୍ଟାଡିୟମରେ ଦୁଇଦିନିଆ ଜୋନାଲ ଫରେଷ୍ଟ ସ୍ପୋର୍ଟସ ମିଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉତ୍ତରାଞ୍ଚଳ ରାଜସ୍ୱ କମିଶନର ସଚିନ ରାମଚନ୍ଦ୍ର ଯାଦବ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ବଲପୁର ଆରସିସିଏଫ ଟି.ଅଶୋକ କୁମାର ଏବଂ ରାଉରକେଲା ଆରସିସିଏଫ ପି.ରାମାସ୍ୱାମୀ ବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତା ସମ୍ବଲପୁର ଏବଂ ରାଉରକେଲା ଜୋନର ୧୨ଗୋଟି ଡିଭିଜନର ଖେଳାଳିମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ମା'ସମଲେଇଙ୍କ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମକୁ ପହଞ୍ଚିବା ପରେ ସେଠାରେ ମଶାଲକୁ ସ୍ଥାପନ କରାଯାଇଥିଲା। ପ୍ରଥମ ଦିନରେରେ ଡିସ୍‌କସ-ଥ୍ରୋ, ସଟପୁଟ, ହାଇଜମ୍ପ, ଲଙ୍ଗଜମ୍ପ, ଚେସ୍, କ୍ୟାରମ, ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ୱାକିଂ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ରାଜ୍ୟ କନିଷ୍ଠ ମହିଳା ହକି, ତୃତୀୟ ସ୍ଥାନରେ ସମ୍ବଲପୁର



ରାଜ୍ୟ କନିଷ୍ଠ ମହିଳା ହକି ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରିଥିବା ସମ୍ବଲପୁର ମହିଳା ହକି ଦଳ।

ସମ୍ବଲପୁର,୨୧।୯(ପ୍ରମୋଦ ବହିଦାର)

ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଓଡ଼ିଶା ଜୁନିୟର ମହିଳା ଓ ସବ୍ ଜୁନିୟର ବାଳକ ରାଜ୍ୟ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତା ଗତ ସେପ୍ଟେମ୍ବରରୁ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ହକି ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ତୃତୀୟ ସଂସ୍କରଣର କନିଷ୍ଠ ମହିଳା ବର୍ଗରେ ସମ୍ବଲପୁର ମହିଳା ହକି ଦଳ ଯାଜପୁର ଦଳକୁ ୮-୧ଗୋଲରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି। ବାମରା ବ୍ଲକର ସୋନିଆ ଡୁଙ୍ଗଡୁଙ୍ଗ ଉତ୍କୃଷ୍ଟ ମିଡ୍ ଫିଲ୍ଡର ଭାବେ ପୁରସ୍କୃତ ହୋଇଛନ୍ତି। ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ପାଇଁ ସମ୍ବଲପୁର ମହିଳା ହକି ଦଳକୁ ୧୦ ହଜାର ଟଙ୍କା ଓ ସୋନିଆ ଡୁଙ୍ଗଡୁଙ୍ଗଙ୍କୁ ୮ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି।

## ପାଠପଢ଼ା ପାଇଁ ଆଧାର କାର୍ଡ ବାଧକ

ସମ୍ବଲପୁର,୨୧।୯(ଭବାନୀ ଶଙ୍କର ଭୋଇ)

- କୌଣସି ପରିଚୟପତ୍ର ନ ଥିବାରୁ ହୋଇପାରୁନି ଭିନ୍ନକ୍ଷମ ପ୍ରମାଣପତ୍ର
- ୯ମ ଶ୍ରେଣୀରେ ନାମ ଲେଖାଇ ପାରୁନାହାନ୍ତି ଶୁଭମ

ସ୍କୁଲରେ ନାମଲେଖାଠାରୁ ଆରମ୍ଭ କରି ବ୍ୟାଙ୍କ ଋଣ ଯାଏ ଆଧାର କାର୍ଡ ବାଧ୍ୟତାମୂଳକ। ହେଲେ ଆଧାରକାର୍ଡ ନ ଥିବାରୁ ଜଣେ ଭିନ୍ନକ୍ଷମ ଛାତ୍ର ଶିକ୍ଷାବର୍ଷର ୬ ମାସ ବିତି ଯାଇଥିଲେ ବି ୯ମ ଶ୍ରେଣୀରେ ନାମ ଲେଖାଇ ପାରି ନାହାନ୍ତି। ଶେଷରେ ଜିଲାପାଳଙ୍କ ହସ୍ତକ୍ଷେପ ପରେ ବଡକଷ୍ଟରେ ଏବେ ସମ୍ପୃକ୍ତ ଛାତ୍ରଙ୍କ ୯ମ ଶ୍ରେଣୀରେ ନାମଲେଖାଇବା ଆଶା ସଞ୍ଚାର ହୋଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ସମ୍ବଲପୁର ଜିଲା ମହାନଗର ନିଗମ ୱାର୍ଡ ନମ୍ବର ୩୪ ଅନ୍ତର୍ଗତ କମଲାପଡାର ଶୁଭମ ତାଣ୍ଡିଙ୍କ କ୍ଷେତ୍ରରେ।

୩ବର୍ଷ ତଳେ ପିତା ବାବୁଲୁ ତାଣ୍ଡିଙ୍କ ମୃତ୍ୟୁ ଘଟିଥିଲା। ଏହାର କିଛିଦିନ ପରେ ମା' କୁଆଡେ ଚାଲି ଯାଇଥିଲେ। ଏହାପରେ ଶୁଭମ ନିଜର ଜଣେ ସମ୍ପର୍କୀୟ ବଡଭାଇଙ୍କ ଆଶ୍ରାରେ ରହି ସମ୍ବଲପୁର ନିକଟ ସାନସିଙ୍ଘାରୀ ଆଶ୍ରମ ବିଦ୍ୟାଳୟରେ ପାଠ ପଢିଥିଲେ। ପାଠ ପଢିବା ନେଇ ସମସ୍ୟା ଉପୁଜିବାରୁ ସ୍ଥାନୀୟ ଭାରତୀ ସମାଜ ସଙ୍ଗଠନ ସହଯୋଗର ହାତ ବଢାଇ ପଢିବା ବ୍ୟବସ୍ଥା କରିଥିଲା। ଚଳିତବର୍ଷ ଅଷ୍ଟମ ପାସ୍ କରିବା ପରେ ସାନସିଙ୍ଘାରୀ ଆଶ୍ରମ ବିଦ୍ୟାଳୟରେ ନବମ, ଦଶମ ଶ୍ରେଣୀ ନ ଥିବାରୁ ତାଙ୍କ ପାଠପଢାରେ ସମସ୍ୟା ଦେଖା ଦେଇଥିଲା। ଶୁଭମଙ୍କ ହାତର ତିନୋଟି ଆଙ୍ଗୁଠି ନାହିଁ। ଅନ୍ୟ ଆଙ୍ଗୁଠି ଗୁଡିକର ମଧ୍ୟ ଛାପା ନ ନେବାରୁ ବାରମ୍ବାର ଆବେଦନ ପରେ ବି ଆଧାର କାର୍ଡ ପାଇଁ ଶୁଭମଙ୍କର ଆବେଦନ ଖାରଜ ହୋଇଯାଉଛି। ଅନ୍ୟପକ୍ଷରେ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ବି ଆଧାର କାର୍ଡ ଦରକାର ବୋଲି କୁହାଯାଉଛି। ଏହା ସାଙ୍ଗକୁ ଶୁଭମଙ୍କର ବ୍ୟାଙ୍କ ଆକାଉଣ୍ଟ ମଧ୍ୟ ଖୋଲା ଯାଇପାରୁନାହିଁ। ସରକାରଙ୍କ ତରଫରୁ ମାତୃପିତୃହୀନ ଛାତ୍ରଛାତ୍ରୀଙ୍କ ପାଇଁ ଅନେକ ଯୋଜନା ରହିଛି। ହେଲେ ଆବଶ୍ୟକ ପ୍ରମାଣପତ୍ର ନ ଥିବାରୁ ଏସବୁ ଯୋଜନାରୁ ବି ଶୁଭମ ବଞ୍ଚିତ ରହିଛନ୍ତି। ନିଜ ପରିବାରର କେହି ନ ଥିବାରୁ ବିଭିନ୍ନ କାଗଜପତ୍ର ଆବେଦନ ପାଇଁ ସେ ଅସୁବିଧାରେ ପଡ଼ଇଛନ୍ତି। ଅନୁସୂଚିତ ଜାତି, ଜନଜାତି ହଷ୍ଟେଲରେ ରହି ପାଠ ପଢିବା ପାଇଁ ଆଧାର କାର୍ଡ, ଜାତି ପ୍ରମାଣପତ୍ର ଏବଂ ବ୍ୟାଙ୍କ ପାସବୁକ ନିହାତି ଆବଶ୍ୟକ । ସେହି କାଗଜପତ୍ର ଅଭାବରୁ ଶୁଭମର ନାମଲେଖା ଏ ପର୍ଯ୍ୟନ୍ତ ହୋଇ ପାରିନାହିଁ । ୬ ମାସ ହେବ ବିଭିନ୍ନ କାଗଜପତ୍ର ପାଇଁ ହଇରାଣ ହେବା ପରେ ଶୁଭମଙ୍କୁ ନେଇ ଭାରତୀ ସମାଜ କର୍ମକର୍ତ୍ତା ନିକଟରେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମସ୍ତ ସମସ୍ୟା ଶୁଣିବା ପରେ ଶୁଭମଙ୍କ ପାଠପଢା ବ୍ୟବସ୍ଥା କରିବାକୁ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ନବମ ଶ୍ରେଣୀରେ ଶୁଭମଙ୍କର ନାମଲେଖା ନେଇ ଆଶା ସଞ୍ଚାର ହୋଇଛି। ତେବେ ଆଧାର କାର୍ଡ ଏବଂ ଭିନ୍ନକ୍ଷମ ପ୍ରମାଣପତ୍ର କିଭଳି ତିଆରି ହୋଇପାରିବ ସେ ନେଇ କୌଣସି ବ୍ୟବସ୍ଥା କରାଯାଇ ପାରିନାହିଁ। ଜିଲାପାଳ ବୋନ୍ଦରଙ୍କୁ ଏ ବିଷୟରେ ପଚାରିବାରୁ ଶୁଭମଙ୍କ ନାମଲେଖା ହେବାପରେ ଅନ୍ୟ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

# ସ୍ରଷ୍ଟାଙ୍କର ଏ ସର୍ଜନା ନିର୍ଦ୍ଦିଷ୍ଟ, ସୁନିୟନ୍ତ୍ରିତ

**ରେଢ଼ାଖୋଲ,୨୧।୯(ଅଚ୍ୟୁତାନନ୍ଦ ପୁରୋହିତ)**


ସେମିନାରର ଉଦ୍‌ଘାଟନ ଅବସରରେ ମଞ୍ଚାସୀନ ଅତିଥିମାନେ।

ପାଣି ଯଦି ତରଳ ଅବସ୍ଥାରେ ରହୁ ନ ଥା'ନ୍ତା, ପୃଥିବୀରେ ଜୀବନର ପରିକଳ୍ପନା କରାଯାଇପାରନ୍ତା ନାହିଁ। ବୃହସ୍ପତି ଓ ଶନି ଗ୍ରହ ଆମ ସୌରମଣ୍ଡଳରେ ନ ଥିଲେ ଗ୍ରହାଣୁ, ଉଲ୍‌କା ପ୍ରତିଦିନ ପୃଥିବୀ ପୃଷ୍ଠକୁ ମାଡ଼ କରି ଧନଜୀବନ କ୍ଷତିର କାରଣ ହେଉଥାନ୍ତା। ଯଦି ଇଲେକ୍ଟ୍ରନର ବସ୍ତୁତ୍ୱ ଶୂନ ହୋଇଥାନ୍ତା, ନା ପରମାଣୁ ଥାନ୍ତା ନା ଅଣୁ, ନା ଏ ସଚରାଚର ସ୍ଥାବର, ଜଙ୍ଗମ ଗଠନ ହୋଇଥାନ୍ତା। ତେଣୁ ସ୍ରଷ୍ଟାଙ୍କର ଏ ସର୍ଜନା ନିର୍ଦ୍ଦିଷ୍ଟ ଓ ସୁନିୟନ୍ତ୍ରିତ। ବିଜ୍ଞାନ ଚକ୍ଷୁରେ ଏ ସୌନ୍ଦର୍ଯ୍ୟ ଅବଲୋକନ କରି ହେବ। ଜାତୀୟ ଇଞ୍ଜିନିୟର୍ସ ଦିବସ ଉପଲକ୍ଷେ ଶନିବାର ଓଡ଼ିଶା ବିଜ୍ଞାନ ମଣ୍ଡଳ ସମ୍ବଲପୁର ଆନୁକୂଲ୍ୟରେ ରେଢାଖୋଲ ଭୀମଭୋଇ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ପକ୍ଷରୁ ଆୟୋଜିତ ଦୁଇ ଦିବସୀୟ ଜାତୀୟ ସେମିନାରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହା କହିଛନ୍ତି ରାଷ୍ଟ୍ରୀୟ ବିଜ୍ଞାନ ଶିକ୍ଷା ଓ ଅନୁସନ୍ଧାନ ପ୍ରତିଷ୍ଠାନ (ନାଇଜର୍) ଭୁବନେଶ୍ୱରର ପ୍ରଫେସର ଓ ଅନ୍ତଃରାଷ୍ଟ୍ରୀୟ ଖ୍ୟାତିସମ୍ପନ୍ନ କଣିକା ବିଜ୍ଞାନୀ ଡ. ବେଦାଙ୍ଗ ମହାନ୍ତି।

ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଇଞ୍ଜିନିୟର ଓ ଜାତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନର ବରିଷ୍ଠ ପ୍ରଫେସର ତଥା ଭିସୁଟ୍, ବୁର୍ଲାର ପ୍ରାକ୍ତନ କୁଳପତି ଡ. ବଂଶୀଧର ମାଝି କହିଥିଲେ, ଗୁଗଲ ଆପଣଙ୍କୁ ତଥ୍ୟ ଦେଇପାରେ, ହେଲେ ଜ୍ଞାନ ଓ ପ୍ରଜ୍ଞା ଲାଭ କରିବା ପାଇଁ ଆପଣଙ୍କୁ ଶିକ୍ଷକ ପାଖକୁ ଯିବାକୁ ହେବ। ଆମ ସ୍ନାୟୁତନ୍ତ୍ର ଆମକୁ ବାସ୍ତବରେ ପ୍ରଶିକ୍ଷଣ ଦେଇଥାଏ। ଆମ ବୁଦ୍ଧି ଅମୂଲ୍ୟ ସମ୍ପଦ। କୃତ୍ରିମ ବୁଦ୍ଧିମତ୍ତା ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)ଆମ ଭବିଷ୍ୟତର ପ୍ରଯୁକ୍ତି ବିଦ୍ୟା। ଏହା ଚର୍ମ ଓ ରକ୍ତ କର୍କଟ, ଅସ୍ଥି ଚିକିତ୍ସା, ସ୍ନାୟବିକ ଅସଙ୍ଗତିର କାରଣ ନିରୂପଣ ଓ ନିରାକରଣ ଦିଗରେ ଦିଗ୍‌ବାରେଣି ପରି କାମ କରୁଛି।

ସମ୍ମାନିତ ଅତିଥିଭାବେ ଯୋଗଦେଇ ଭୀମଭୋଇ ମହାବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ନାରାୟଣ ପ୍ରଧାନ କହିଥିଲେ, ପଦାର୍ଥ ବିଜ୍ଞାନ ମୌଳିକ ବିଜ୍ଞାନର ଚେର ଓ ଫଳ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଝାରସୁଗୁଡାର ପ୍ରାକ୍ତନ ଅଧ୍ୟକ୍ଷ ଲ୍ୟୁଟ୍‌ନାଣ୍ଟ ବିଭୂତି ଭୂଷଣ ଦାଶ କହିଥିଲେ, ବିଜ୍ଞାନ ମନସ୍କତା ଭୌତିକ ବିକାଶର ଚାବିକାଠି। ଭୌତିକ ବିକାଶ ଆଧୁନିକ ସଭ୍ୟତାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ କୁମାର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଭାଗୀମାନଙ୍କୁ ଉତ୍ସାହିତ କରିଥିଲେ। ସେମିନାରର ସଙ୍ଗଠନ ସମ୍ପାଦକ ତଥା ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ବିଭାଗ ମୁଖ୍ୟ ଅରୁଣ କୁମାର ଶାସନି ଅତିଥି ପରିଚୟ ପ୍ରଦାନ କରିଥିଲେ। ସେମିନାରର ଆବାହକ

**ପରମାଣୁ ବିଜ୍ଞାନରୁ ଏଆଇ ପର୍ଯ୍ୟନ୍ତ ଜ୍ଞାନର ଯାତ୍ରା ଶୀର୍ଷକ ଜାତୀୟ ସେମିନାର**

ଓ ଓଡ଼ିଶା ବିଜ୍ଞାନ ମଣ୍ଡଳ(ବିଜ୍ଞାନ ଭାରତୀ)ର ପ୍ରାନ୍ତ ସହ ସଙ୍ଗଠନ ସମ୍ପାଦକ ଡ. ଗୌରୀଶଙ୍କର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଟେକ୍ନିକାଲ ଅଧିବେଶନରେ ଡ. ବେଦାଙ୍ଗ ମହାନ୍ତି ଦୃଶ୍ୟମାନ ବ୍ରହ୍ମାଣ୍ଡର ମୌଳିକ ଉପାଦାନ ଶୀର୍ଷକରେ, ଡ. ବଂଶୀଧର ମାଝି ପ୍ରଯୁକ୍ତି ବିଦ୍ୟାରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଶୀର୍ଷକରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମଣ୍ଡଳର ଜିଲା ସହ ସଂଯୋଜକ ଉଦୟନାଥ ପ୍ରଧାନ ଓ ମହାବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକମାନେ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ରାଜେନ୍ଦ୍ର କୁମାର ବିଶ୍ୱାଳ, ଅଞ୍ଜନ କୁମାର ମିଶ୍ର, ମନୋରଞ୍ଜନ ମହାନ୍ତ, ଅକ୍ଷୟ କୁମାର କର, ଅମିୟ ରଞ୍ଜନ ବାରିକ, ଗୋବିନ୍ଦ ଅଗ୍ରୱାଲ, ଦିଲୀପ କୁମାର ପ୍ରଧାନ, ଖଗ ବେହେରା, ଶିବରାମ ସାହୁ, ରମାକାନ୍ତ ମହାନନ୍ଦ, ଶରତ ପ୍ରଧାନ, ଶଙ୍କର ପୃଷ୍ଟି ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ।

**ସଂକ୍ଷେପରେ**

## ଭାଜପାର ସେବା ସପ୍ତାହ ପାଳନ

**ଲୋଇସିଂହା,୨୧।୯ (ସୁଶାନ୍ତ ବାରିକ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ସପ୍ତାହ ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ସରକାରର ୧୦୦ ଦିନ ପୂର୍ତ୍ତି ଅବସରର ଭାଜପା ପକ୍ଷରୁ ସେବା ସପ୍ତାହ ପାଳନ କରାଯାଉଛି। ଲୋଇସିଂହା ଭାଜପା ପକ୍ଷରୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଏହି ଅବସରରେ ଜିଲା ସଭାପତି ଶିବାଜୀ ମହାନ୍ତି ଯୋଗଦେଇ ଡ଼ାକ୍ତରଖାନାର ରୋଗୀଙ୍କୁ ଫଳବଣ୍ଟନ କରିଥିଲେ। ପରେ ନିକଟସ୍ଥ ବୁର୍ଡାରେ ଆୟୋଜିତ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଜିଲା ସଭାପତି ମହାନ୍ତି ସାମିଲ ହୋଇ ଥିଲେ। ସେ ରାଜ୍ୟ ସରକାରଙ୍କ ୧୦୦ ଦିନ ପୂର୍ତ୍ତି ଅବସରରେ କାର୍ଯ୍ୟକାରୀ ହୋଇଥିବା ଜନହିତକର ଯୋଜନା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଗୌରାଙ୍ଗ ନାଏକ, ବୁର୍ଡା ସରପଞ୍ଚ ସୁଦୀପ ସାଙ୍କ ସମେତ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଧାନ ବୋଝେଇ ଗାଡ଼ିରୁ ୩.୭୫ କୁଇଣ୍ଟାଲ ଗଞ୍ଜେଇ ଜବତ


ଗାଡିରୁ ଜବତ ହୋଇଥିବା ଗଞ୍ଜେଇ।

**ପଲମ,୨୧।୯(ଭିକାରି ଗଉଡ)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ପଲମ ଫାଣ୍ଡି ଅଧୀନ ବନ୍ଧପଡା ଛକଠାରେ ପୋଲିସ ଏକ ଧାନ ବୋଝେଇ ଭ୍ୟାନରୁ ୩ କୁଇଣ୍ଟାଲ ୭୫କେଜି ଗଞ୍ଜେଇ ଜବତ କରିଛି। ସୂଚନାକ୍ରମେ ଶୁକ୍ରବାର ସନ୍ଧ୍ୟାରେ ରାଜ୍ୟ ରାଜପଥର ବନ୍ଧପଡା ନିକଟରେ କେସିଙ୍ଗା ଆଦର୍ଶ ଥାନା ଏଏସ୍‌ଆଇ ଡି. ମୋହନ ଓ ପଲମ ଫାଣ୍ଡି ଅଧିକାରୀ ଅକ୍ଷୟ ପ୍ରସାଦ ପଟ୍ଟନାୟକ ଗାଡି ଯାଞ୍ଚ କରୁଥିଲେ। ଏହି ସମୟରେ ଏମ୍ ରାମପୁର ପାର୍ଶ୍ୱରୁ ଆସୁଥିବା ଓଡି୦୩ଏଏ-୫୫୮୫ ନମ୍ବର ବିଶିଷ୍ଟ ପିକ୍‌ଅପ ଭ୍ୟାନକୁ ପୋଲିସ ସନ୍ଦେହ କରି ଯାଞ୍ଚ କରିଥିଲା। ଯାଞ୍ଚ କରାଯିବା ଦେଖି ଗାଡି ଡ୍ରାଇଭର ଓ ସହଯୋଗୀ ସେଠାରୁ ଫେରାର ମାରିଥିଲେ। ଗାଡିର ଦୁଇପାର୍ଶ୍ୱରେ କୁଣ୍ଡା ଓ ଧାନ ଲୋଡ୍ ହୋଇଥିବାବେଳେ ମଝିରେ ଗଞ୍ଜେଇ ଥିବା ଦେଖି ପୋଲିସ ତାହାକୁ ଜବତ କରିଥିଲା। ଏ ନେଇ କେସିଙ୍ଗା ଆଦର୍ଶ ଥାନାରେ ପୋଲିସ ଏକ ମାମଲା (ନଂ.୩୪୫/୨୪) ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

# ୯ ଦାଦନ ଶ୍ରମିକ ଉଦ୍ଧାର: ସର୍ଦ୍ଦାର ଗିରଫ


ପୋଲିସ ଉଦ୍ଧାର କରିଥିବା ଶ୍ରମିକ ଓ ଜବତ ବୋଲେରୋ।

**କଣ୍ଟାବାଞ୍ଜି,୨୧।୯(ଗୁରୁଦୟାଲ ହଂସ)**

ଶନିବାର ବଲାଙ୍ଗୀର ଜିଲା ତୁରେକେଲା ପୋଲିସ ମହୁଲପାଟି ଛକ ନିକଟରେ ଚଢ଼ାଉକରି ୯ ଜଣ ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। ଏହି ଘଟଣାରେ ଦାଦନ ସର୍ଦ୍ଦାର ସଞ୍ଜୟ ରାଉତଙ୍କୁ ଗିରଫ କରାଯାଇଛି। ଉଦ୍ଧାର ଶ୍ରମିକମାନେ ତୁରେକେଲା ବ୍ଲକ୍‌ର ବୁଢ଼ୀବାହାଲ, ବଡ଼ଦକଲା, ଗଡ଼ଗଡ଼ବାହାଲ ଅଞ୍ଚଳର। ସମସ୍ତେ ଆନ୍ଧ୍ରପ୍ରଦେଶର ଇଟାଭାଟିକୁ କାମ କରିବାକୁ ଯାଉଥିଲେ ବୋଲି ଜାଣିବାକୁ ମିଳିଛି। ପ୍ରକାଶ ଯେ, ପୋଲିସ ଶନିବାର ସକାଳେ ପାଟ୍ରୋଲିଂ କରୁଥିବା ସମୟରେ ତୁରେକେଲା ଥାନା ଅନ୍ତର୍ଗତ ମହୁଲପାଟି ଛକ ନିକଟରେ ସନ୍ଦେହରେ ଏକ ବୋଲେରୋ ଅଟକାଇ ଯାଞ୍ଚ କରିଥିଲା। ଏହି ସମୟରେ ଉକ୍ତ ବୋଲେରୋରେ ୯ଜଣ ଶ୍ରମିକ ଥିବା ଦେଖିବାକୁମିଳିଥିଲା।ସେମାନଙ୍କୁବେଆଇନ ଭାବରେ ଆନ୍ଧ୍ରପ୍ରଦେଶର ବିଜୟୱାଡାକୁ ନେବା ପାଇଁ ତୁରେକେଲାରୋଡ୍ ଷ୍ଟେଶନକୁ ନିଆଯାଉଥିଲା। ଏହି ଶ୍ରମିକମାନଙ୍କୁ ପୋଲିସ ଉଦ୍ଧାର କରି ଥାନାକୁ ଆଣି ତଦନ୍ତ କରିଥିବା ବେଳେ ସେମାନଙ୍କ ପାଖରେ କୌଣସି କାଗଜପତ୍ର ନ ଥିବା ଜଣାପଡ଼ିଥିଲା। ଶ୍ରମିକଙ୍କୁ ପଚରାଉଚରା କରାଯାଇ ପରେ ଏହି ଘଟଣାରେ ତୁରେକେଲା ଅଞ୍ଚଳର ଦାଦନ ସର୍ଦ୍ଦାର ସଞ୍ଜୟଙ୍କୁ ପୋଲିସ ଗିରଫକରି ଏକ ମାମଲା ରୁଜୁ କରିଛି। ଏହାର କେସ୍ ନମ୍ବର ୨୮୯/୨୦୨୪। ଦାଦନ ଶ୍ରମିକମାନେ ଯାଉଥିବା ବୋଲେରୋ (ଓଆର୍ ୦୩ଇ ୬୧୧୧) ଜବତ କରାଯାଇଛି। ଉଦ୍ଧାର ଶ୍ରମିକଙ୍କୁ ପୋଲିସ ସେମାନଙ୍କ ଗାଁରେ ଛାଡ଼ିଦେଇଛି। ଗିରଫ ସର୍ଦ୍ଦାରଙ୍କୁ ଶନିବାର କଣ୍ଟାବାଞ୍ଜି କୋର୍ଟ ଚାଲାଣ କରାଯାଇଥିବା ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁଙ୍କ ସୂତ୍ରରୁ ଜଣାପଡିଛି।

### ପୋଲିସ ପାଟ୍ରୋଲିଂ ବେଳେ ୧୨ ଦାଦନ ଶ୍ରମିକ ଉଦ୍ଧାର

ଖପ୍ରାଖୋଲ,(ଅଭୟ ତ୍ରିପାଠୀ): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ପୋଲିସ ପାଟ୍ରୋଲିଂ କରିବା ବେଳେ ୧୨ ଜଣ ଦାଦନ ଶ୍ରମିକ ଉଦ୍ଧାର କରିଥିବା ଜଣାଯାଇଛି। ସୂଚନା ଅନୁସାରେ, ଶନିବାର ସନ୍ଧ୍ୟାରେ ପୋଲିସ ଖପ୍ରାଖୋଲ ଅଞ୍ଚଳରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ସ୍ଥାନୀୟ ବ୍ଲକ ଛକରୁ ଏକ ଗାଡ଼ିରେ ଇଟାକାମ ପାଇଁ ରାଜ୍ୟ ବାହାରକୁ ଯାଉଥିବା ୧୨ ଜଣ ଦାଦନ ଶ୍ରମିକଙ୍କୁ ପୋଲିସ ଉଦ୍ଧାର କରିଛି। ଉଦ୍ଧାର ଶ୍ରମିକମାନେ ଖପ୍ରାଖୋଲ ଥାନା ଅଧୀନ କଟାପାଲିର ବୋଲି ଜଣାପଡିଛି। ଏନେଇ ଥାନା ଅଧିକାରୀ ନରେନ୍ଦ୍ର ଛତ୍ରଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଥିବା ପ୍ରକାଶ କରିଛନ୍ତି।

## ମହୁମାଛି ଆକ୍ରମଣରେ ଜଣେ ମୃତ, ୪ ଗୁରୁତର

**ଲାଞ୍ଜିଗଡ଼,୨୧।୯(ରମେଶ ଚନ୍ଦ୍ର ନାୟକ)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ବେନଗାଁ ପଞ୍ଚାୟତର ବେତିଆପଡା ଗାଁରେ ମହୁମାଛି ଆକ୍ରମଣରେ ଜଣେ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନ୍ୟ ୪ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ବୁର୍ଜା ମାଝି (୪୫)। ସୂଚନାନୁସାରେ ବେତିଆପଡା ଗାଁର ବୁର୍ଜାଙ୍କ ସମେତ ପୂର୍ଣ୍ଣ ମାଝି, ଲିପା ମାଝି, ମୁଗ୍ରୀ ମାଝି ଓ ପାଗୁ ମାଝି ଶୁକ୍ରବାର ସନ୍ଧ୍ୟାରେ ଟିଟିଙ୍ଗଝରଣ ମହୁଲଗଛ ଭଟା ଜଙ୍ଗଲକୁ ଜାଳେଣି କାଠ ଆଣିବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ଏକ ମହୁମାଛି ଦଳ ଆକ୍ରମଣ କରିବାରୁ ୫ ଜଣ ଗୁରୁତର ହୋଇଥିଲେ। ପରିବାର ଲୋକେ ସମସ୍ତଙ୍କୁ ନିକଟସ୍ଥ ବେନଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ୪ଜଣଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିବାରୁ ଗାଁକୁ ଫେରି ଆସିଥିଲେ। କିନ୍ତୁ ବୁର୍ଜାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବା ସମୟରେ ବିଳମ୍ବିତ ରାତିରେ ତାଙ୍କ ମୃତ୍ୟୁ ଘଟିଥିଲା। ବିଜେପୁର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ୮/୨୪) ରୁଜୁ ହୋଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଦେବାକୁ ସାଧାରଣରେ ଦାବି ହେଉଛି।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

smbselfie@gmail.com


@ ବାପି


@ ବେଦବ୍ୟାସ


@ ବିବେକାନନ୍ଦ


@ ସଚିନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜାତିସଂଘରେ ପ୍ରତିନିଧିତ୍ୱ କଲେ ଓଡ଼ିଶାର ରଞ୍ଜିତା

**ସମ୍ବଲପୁର,୨୧।୯(ଭବାନୀ ଶଙ୍କର ଭୋଇ)**


ରଞ୍ଜିତା ପ୍ରିୟଦର୍ଶିନୀ।

ସମ୍ବଲପୁର ଅଞ୍ଚଳର ଝିଅ ରଞ୍ଜିତା ପ୍ରିୟଦର୍ଶିନୀ ନ୍ୟୁୟର୍କସ୍ଥିତ ଜାତିସଂଘ ମୁଖ୍ୟାଳୟରେ ଫ୍ୟୁଚର ଏକ୍ସନ୍ ଡେ'ଜ୍ ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରି ଶନିବାର 'ଦେୟଯୁକ୍ତ ଋତୁସ୍ରାବ ଛୁଟି(ପିପିଏଲ୍) ଉପରେ ବକ୍ତବ୍ୟ ପ୍ରଦାନ କରିଛନ୍ତି। ପେଡ୍ ପିରିଅଡ ଲିଭ ପାଇଁ ଓଡ଼ିଶାରୁ ଆରମ୍ଭ କରିଥିବା ତାଙ୍କର ଅଭିଯାନ ବିଷୟରେ ସୂଚନା ଦେଇ ଏହି ଆନ୍ଦୋଳନରେ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଆସନ୍ତା ବର୍ଷଗୁଡିକରେ ବିଶ୍ୱରେ କେଉଁ ପ୍ରକାର ଆହ୍ୱାନ ଆସିପାରେ ସେ ଉପରେ ରୂପରେଖ ପ୍ରସ୍ତୁତ କରିବା ପାଇଁ ଜାତିସଂଘ ମୁଖ୍ୟାଳୟରେ ଏହି ସମ୍ମିଳନୀ ଆୟୋଜନ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ବିଶ୍ୱର ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବେ ବୋଲି ଜଣାପଡ଼ିଛି।

ରଞ୍ଜିତା ଝାରସୁଗୁଡ଼ାର ଏକ କମ୍ପାନୀରେ ଚାକିରି କରୁଥିବା ସମୟରେ ମାସିକ ଋତୁସ୍ରାବ ସମୟରେ କମ୍ପାନୀ କର୍ତ୍ତୃପକ୍ଷ ଛୁଟି ଦେବାକୁ ମନା କରିଥିଲେ। ଏହା ପରେ ସେ ଚାକିରି ଛାଡି ମହିଳାମାନଙ୍କ ସମ୍ମାନ ଏବଂ ଅଧିକାର ପାଇଁ ଲଢେଇ ଆରମ୍ଭ କରିଥିଲେ। ୨୦୨୨ ମସିହାରୁ ଦେୟଯୁକ୍ତ ଋତୁସ୍ରାବ ରାଷ୍ଟ୍ରପତିଙ୍କ ନିକଟରେ ଅନ୍‌ଲାଇନରେ ଦାବି ଉପସ୍ଥାପନ କରିଥିଲେ। ଏହାପରେ ଏହି ଦେୟଯୁକ୍ତ ଋତୁସ୍ରାବ ଛୁଟିକୁ ନେଇ ଦେଶବ୍ୟାପୀ ଅଭିଯାନ ଆରମ୍ଭ କରିଥିଲେ। ଦୁଇବର୍ଷ ମଧ୍ୟରେ ଏହି ଅଭିଯାନ ବିଶ୍ୱବ୍ୟାପୀ ଚର୍ଚ୍ଚାକୁ ଆସିପାରିଛି। ଗତ ଫେବୃଆରୀ ମାସରେ ସେ ନାଇରୋବିଠାରେ ଦେୟଯୁକ୍ତ ଋତୁସ୍ରାବ ଛୁଟି ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସେଠାରେ ତାଙ୍କର ଉପସ୍ଥାପନାକୁ ଲୋକେ ପ୍ରଶଂସା କରିଥିଲେ। ସେଠାରେ ହିଁ ତାଙ୍କୁ ଫ୍ୟୁଚର ଏକ୍ସନ୍ ଡେ'ଜ୍ ସମ୍ମିଳନୀ ପାଇଁ ମନୋନୀତ କରାଯାଇଥିଲା। ଏହା ପୂର୍ବରୁ ସେ ଦିଲ୍ଲୀରେ ଏହି ବିଷୟରେ ଜାତୀୟ ସମ୍ମିଳନୀର ଆୟୋଜନ କରି ଚର୍ଚ୍ଚାକୁ ଆସିଥିଲେ। ତାଙ୍କର ଏହି ଉପଲବ୍ଧି ପାଇଁ ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏବେ ରଞ୍ଜିତା ଦିଲ୍ଲୀରେ ପେଡ୍ ପିରିଅଡ ଲିଭ୍‌କୁ ନେଇ ଉଚ୍ଚତର ଗବେଷଣାରେ ସାମିଲ ଅଛନ୍ତି।

# ସାଂସ୍କୃତିକ ବିଭବ ସଂରକ୍ଷଣ କରିବାକୁ ଆହ୍ୱାନ

**ସମ୍ବଲପୁର,୨୧।୯(ବି.ଶଙ୍କର)**


ଦିଲ୍ଲୀ ଜୁହାର ପରିବାର ଆୟୋଜିତ ରୌପ୍ୟ ଜୟନ୍ତୀ ନୂଆଁଖାଇ ପରବ ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉଦ୍‌ବୋଧନ ଦେଉଛନ୍ତି।

ଦିଲ୍ଲୀ ଜୁହାର ପରିବାର ଆୟୋଜିତ ଦୁଇଦିନିଆ ରୌପ୍ୟ ଜୟନ୍ତୀ ନୂଆଁଖାଇ ପରବ ଶନିବାର ଜବାହାରଲାଲ ନେହେରୁ ଷ୍ଟାଡ଼ିୟମର ପ୍ରେକ୍ଷାଳୟରେ ଉଦ୍‌ଘାଟିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଡ.ପ୍ରମୋଦ କୁମାର ମିଶ୍ର ଉଦ୍‌ଘାଟକ ଭାବେ ଯୋଗଦେଇ ମା' ସମଲେଶ୍ୱରୀଙ୍କ ପୂଜାର୍ଚ୍ଚନା ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଡ.ମିଶ୍ର ସମସ୍ତଙ୍କୁ ନୂଆଁଖାଇ ଜୁହାର ଜଣାଇବା ସହ ପ୍ରଧାନମନ୍ତ୍ରୀଙ୍କର ସଂକଳ୍ପ ଉଲ୍ଲେଖ କରି ଦେଶର ସାଂସ୍କୃତିକ ବିଭବକୁ ସଂରକ୍ଷିତ କରିବା ପାଇଁ ଆହ୍ୱାନ କରିଥିଲେ। ଉତ୍ତରପ୍ରଦେଶ କ୍ରାଇମବ୍ରାଞ୍ଚ ମହାନିର୍ଦ୍ଦେଶକ ସତ୍ୟ ନାରାୟଣ ସାବତ, କେରଳ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ସଞ୍ଜୀବ ପାଟଯୋଷୀ, ଓଡିଶା ସରକାରଙ୍କ ସଂସ୍କୃତି ସଚିବ ବିଷ୍ଣୁପଦ ସେଠୀ, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅତିରିକ୍ତ ପ୍ରେସ ସଚିବ ବିଜୟ ନାୟକ, ଦିଲ୍ଲୀ ସ୍ଥିତ ଓଡିଶାର ଆବାସିକ କମିଶନର ବିଶାଳ ଗଗନ, ଓଡିଶା ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ଭାରତୀୟ ଜୀବନ ବୀମା ନିଗମ ଅଧ୍ୟକ୍ଷ ସିଦ୍ଧାର୍ଥ ମହାନ୍ତି, ଜାତୀୟ ଉଦ୍ଭିଦ ଗବେଷଣା ପ୍ରତିଷ୍ଠାନ ନିର୍ଦ୍ଦେଶକ ଅଜିତ ଶାସନୀ, ବରିଷ୍ଠ ଖବରଦାତା ଡ. ଭବାନୀ ଦୀକ୍ଷିତ, ବରିଷ୍ଠ ଅଧିବକ୍ତା ଶରତ ନନ୍ଦ ଓ ଅଶୋକ ପଣ୍ଡା, ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଓ ଭେନେଜୁଏଲାର ରାଜଦୂତ କାପାୟା ରୋଡ୍ରିଗଜ ଗୋଞ୍ଜାଲେଜ ସମ୍ମାନୀତ ଅତିଥି ଭାବେ ସାମିଲ ହୋଇଥିଲେ।

**ଦିଲ୍ଲୀ ଜୁହାର ପରିବାରର ରୌପ୍ୟ ଜୟନ୍ତୀ ନୂଆଁଖାଇ ପରବ**

**■ସଞ୍ଚାର ଶିଳ୍ପୀ ଅଲେଖ ସାହୁଙ୍କୁ ଜୁହାର ସମ୍ମାନ**

ଅପରାହ୍ନରେ ମୁଖ୍ୟ ଅତିଥି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗ ଦେଇ ପ୍ରଖ୍ୟାତ ସଞ୍ଚାର ଶିଳ୍ପୀ ଅଲେଖ ସାହୁଙ୍କୁ ଜୁହାର ସମ୍ମାନ ପ୍ରଦାନ କରିଥିଲେ। ସେହିପରି ଲୋକନାଟ୍ୟ ଶିଳ୍ପୀ ଭୁବନ ଭୋଇଙ୍କୁ ଜୁହାର ଅଟଳ ସମ୍ମାନ ପ୍ରଦାନ କରିଥିଲେ। କେନ୍ଦ୍ର ମନ୍ତ୍ରୀ ପ୍ରଧାନ ସ୍ମରଣିକା ଜୁହାର ସୁରତା ଉନ୍ମୋଚନ କରିଥିଲେ। କେନ୍ଦ୍ର ମନ୍ତ୍ରୀ ପ୍ରଧାନ ନୂଆଁଖାଇ ପରବ ଓ ଜୁହାର ପରିବାର ଦିଲ୍ଲୀ ପରସ୍ପର ପରିପୂରକ ବୋଲି କହିଥିଲେ। ମା' ସମଲେଇଙ୍କ ମାଟି ସମ୍ବଲପୁରରୁ ଲୋକ ସଭାକୁ ନିର୍ବାଚିତ ହେବା ତାଙ୍କ ପାଇଁ ଗର୍ବର ବିଷୟ ବୋଲି କେନ୍ଦ୍ର ମନ୍ତ୍ରୀ ଉଲ୍ଲେଖ କରିଥିଲେ। ଲୋକପ୍ରିୟ ସମ୍ବଲପୁରୀ ଗାୟକ ମଣ୍ଟୁ ଛୁରିଆ, ଶାଶ୍ୱତ ତ୍ରିପାଠୀ, ତୁଲାରାମ କଲେତ, ସୌଭାଗ୍ୟଲକ୍ଷ୍ମୀ ଦାଶ, ସଙ୍ଗୀତା ରାଉତ ଗୀତ ସଙ୍ଗୀତ ପରିବେଷଣ କରିଥିଲେ। ପ୍ରତିଭା ଭବାନୀପାଟଣା ଶିଙ୍ଗାରୀ, ଘୁମୁରା ଓ ବଜାସାଲ, ସମ୍ବଲପୁର ଟ୍ରାଇବାଲ ଫୋକ ଆର୍ଟ ସେଣ୍ଟର କଳାକାରମାନେ ସମ୍ବଲପୁରୀ ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ଯୋଗେଶ ଜୋଜୋ ହାସ୍ୟରସ ଓ ବଲାଙ୍ଗୀର କୁସଙ୍ଗର ଜ୍ୟୋତି ଅନୁଷ୍ଠାନ ଦୁଲଦୁଲି ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ରଞ୍ଜନ ପ୍ରଧାନ, ମାନସ ମିଶ୍ର, କୁନ୍ତଳା ଭୋଇ, ବିଜୟାନନ୍ଦ ନାଏକ, ଦିଲୀପ ବେହେରା, ଅନୁପମ ମିଶ୍ର, ବିଜୟ ତ୍ରିପାଠୀ, ବାସୁଦେବ ତ୍ରିପାଠୀ, ଦେବାଶିଷ ମାଝୀ, ପିନାକୀ ପ୍ରସାଦ ରଥ, ବିବେକ ପାତ୍ର, ଦେବଦତ୍ତ ଦାଶ, ସୁନୀଲ ପଟେଲ, ଜଗଦୀଶ ପଟେଲ, ବଦ୍ରି ନାରାୟଣ ମିଶ୍ର, ଚନ୍ଦ୍ରଶେଖର ପାଢ଼ୀ, କୈଳାଶ ନାଏକ, ଅଜିତ ଦାଶ, ତାପସ ଷଡ଼ଙ୍ଗୀ, ଶ୍ରୀକାନ୍ତ ମିଶ୍ର, ମାନସ ମହାନ୍ତି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

